• ଭୁବନେଶ୍ୱର • BHUBANESWAR

# ସମାଲୋଚନ

SAMALOCHANA AMA SAMAYARA

ଆମ ସମୟର

ବର୍ଷ: ୧ । ସଂଖ୍ୟା: ୨୯୬ । ଭୁବନେଶ୍ୱର । ଗୁରୁବାର, ୨୬ ଫେବ୍ରୁଆରି ୨୦୨୬ । ମୂଲ୍ୟ: ୫ ଟଙ୍କା । ପୃଷ୍ଠା : ୮ | VOLUME: 1 • ISSUE : 296 • BHUBANESWAR • THURSDAY, 26 FEBRUARY 2026 • PAGE: 8 • RS: 5 • RNI NO. ORORI/25/RAA42

ସୁପର୍‌ଏଟ୍ ପାଇଁ 'କର ବା ମର' ସ୍ଥିତି



ବଧିର ଟି-୨୦ ଏସିଆ କପ୍ ଜିତିଲା ଭାରତ




୨ କ୍ଷମା ମାଗିଲେ ବିଲ୍ ଗେଟ୍ସ | ହେମନ୍ତଙ୍କୁ ବଡ଼ ଆଶ୍ୱସ୍ତି ଦେଲେ ସୁପ୍ରିମକୋର୍ଟ

୩ ବ୍ରହ୍ମତାଳଧ୍ୱଜ ପାଇଁ ୧ କୋଟି ଅନୁଦାନ | 'ସଂସ୍କୃତି,ଆଧ୍ୟାତ୍ମିକ ଚେତନାର ପୁନଃଜାଗରଣ'

୮ ବିଜୟ ସହ ହୋବାର୍ଟରୁ ବିଦାୟ ନେଲା ଭାରତ | ଜମ୍ମୁ-କଶ୍ମୀରର ବିଶାଳ ସ୍କୋର୍

## ନାବାଳିକାର ପୈଶାଚିକ କାଣ୍ଡ

# ପ୍ରେମ ପାଇଁ ମା'-ଭାଇକୁ ହତ୍ୟା

**ପ୍ରେମ ସମ୍ପର୍କକୁ ପରିବାରର ସ୍ୱୀକୃତି ନମିଳିବାରୁ ଏତେ ତଳକୁ ଖସିଗଲା ଜନ୍ମକଲା ଝିଅ । ନିଜ ମା' ଓ ଭାଇକୁ ଅମାନୁଷିକ ଭାବେ ହତ୍ୟା କଲା । ଏହି ଘଟଣା ସାରା ରାଜ୍ୟରେ ଚାଞ୍ଚଲ୍ୟ ଖେଳାଇ ଦେଇଛି ।**

ଏସ୍ଏନ୍ଏସ୍

ଭୁବନେଶ୍ୱର/ବୋରିଗୁମ୍ମା, ୨୫/୨ : ତଥା କଥିତ ଆଧୁନିକ ସମାଜରେ ବ୍ୟକ୍ତି ତଥା ସ୍ୱାର୍ଥ କୈନ୍ଦ୍ରିକ ମଣିଷର ନୈତିକ ଅଧଃପତନ କିପରି ହେଉଛି ଓ ତାର ପରିଣାମ କିପରି ଭୟାବହ ତାର ଉଦାହରଣ ଅନେକ । ସାମାଜିକ ସ୍ଥିତିକୁ ଦୋହଲାଇ ଦେଲାଭଳି ଘଟଣାମାନ ଘଟୁଛି । ତେବେ କେବଳ କଟକ, ଭୁବନେଶ୍ୱର ଭଳି ବଡ଼ ବଡ଼ ସହରାଞ୍ଚଳ ନୁହଁ ବରଂ କୋରାପୁଟ ଭଳି ବଣପାହାଡ଼ ଘେରା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ନିରୀହ ନିଷ୍ପାପ ସମାଜକୁ ଏହି ଘୃଣ୍ୟ କାରାନାମା କଳଙ୍କିତ କଲାଣି । ଏଭଳି ଏକ ଜଘଣ୍ୟ ହୃଦୟବିଦାରକ ଚିତ୍ର ଆସିଛି କୋରାପୁଟ ଜିଲ୍ଲା ବୋରିଗୁମ୍ମା ଥାନା ଅଞ୍ଚଳରୁ । ସେଠାରେ ଏକ ନାବାଳିକା ଖାସ୍ ପ୍ରେମ ପାଇଁ ଜନ୍ମକଲା ମା' ଓ ସାନ ଭାଇକୁ ଅତି ନିର୍ମମ ଭାବେ ହତ୍ୟା କରିଛି । ଏହି ଘଟଣା ସାରା ରାଜ୍ୟରେ ଚାଞ୍ଚଲ୍ୟ ଖେଳାଇ ଦେଇଛି । ପୁଲିସ୍ ଉକ୍ତ ପିଶାଚୀ ନାବାଳିକା, ତାର ପ୍ରେମିକ ଓ ଏଥିରେ ସହଯୋଗ କରିଥିବା ପ୍ରେମିକର ଅନ୍ୟ ୩ ଜଣ ବନ୍ଧୁଙ୍କୁ ମିଶାଇ ୫ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ।



ବୋରିଗୁମ୍ମା ଥାନା ଅଞ୍ଚଳରୁ ଗତ ୨୧ ତାରିଖରେ ମା'ପୁଅ ନିଖୋଜ ନେଇ ପୁଲିସ୍ ତନାଘନା ଚଳାଇଥିଲା । ହତ୍ୟାକାରୀ ନାବାଳିକା ପ୍ରଥମେ ଥାନାରେ ପହଞ୍ଚି ମା'ପୁଅ (ଭାଇ) ନିଖୋଜ ନେଇ ଥାନାରେ ଏତଲା ଦେବା ପରେ ପୁଲିସ୍‌ର ସନ୍ଦେହ ବଢ଼ିଥିଲା । ହତ୍ୟାର ଝିଅ ନିଜେ ଏତଲାକାରୀ ବୋଲି ପୁଲିସ୍ ଜଣାପଡ଼ିବା ପରେ ପୁଲିସ୍ ପୂରା ହତ୍ୟା ଯୋଜନାର ପର୍ଦ୍ଦାଫାସ କରିବାରେ ସକ୍ଷମ ହୋଇଥିଲା । ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି କୋରାପୁଟ ଏସ୍‌ପି ରୋହିତ ବର୍ମା । ଗିରଫ ଅଭିଯୁକ୍ତମାନେ ହେଉଛନ୍ତି, ନାବାଳିକା, ନାବାଳିକାଙ୍କ ପ୍ରେମିକ ପି. ଆଦିନାରାୟଣ ରାଓ ଓ ଆଦିନାରାୟଣଙ୍କ ତିନି ବନ୍ଧୁ- ପ୍ରୀତ ନାୟକ, ଆଦିନାରାୟଣ ପାଣିଗ୍ରାହୀ ଏବଂ ଜଗନ୍ନାଥ ଜାନି । ମୃତ ମହିଳା ଅନୁଷ୍କା ପରିଡ଼ାଙ୍କ ନାବାଳିକା ଝିଅ ◗ ପୃଷ୍ଠା ୫ ଦେଖନ୍ତୁ...

## ଭିତରେ ବଡ଼ ଖବର

### ଆମେରିକାର ଯୁଦ୍ଧ ବିମାନ ମୁତୟନ

ନୂଆଦିଲ୍ଲୀ, ୨୫।୨ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୁଇ ଦିନିଆ ଇସ୍ରାଏଲ ଗସ୍ତରେ ଯାଇ ସେଠାରେ ପହଞ୍ଚିଲାବେଳକୁ ଆମେରିକା ଆଜି ସେଠାରେ ପ୍ରଥମ ଥର ପାଇଁ ଅତ୍ୟାଧୁନିକ ଏଫ୍-୨୨ ରାପ୍ଟର ଲଢ଼ୁଆ ବିମାନ ମୁତୟନ କରିଛି । ଇରାନକୁ ନେଇ ଏହି ଅଞ୍ଚଳରେ ଉତ୍ତେଜନା ବୃଦ୍ଧି ପାଇଥିବା ସମୟରେ ଏହି ପଦକ୍ଷେପ ନିଆଯାଇଛି । ରିପୋର୍ଟ ଅନୁଯାୟୀ, ଇସ୍ରାଏଲର ନେଗେଭ ମରୁଭୂମିରେ ଥିବା ଓଭଡା ଏୟାର ବେସରେ ୧୧ଟି ଆମେରିକୀୟ ଏଫ୍-୨୨ ରାପ୍ଟର ଜେଟ ମୁତୟନ କରାଯାଇଛି । ଏହାକୁ ଇରାନ ଉପରେ ଚାପ ପକାଇବା ପାଇଁ ଏକ ରଣନୀତି ଭାବରେ ଦେଖାଯାଉଛି । ବିଶେଷଜ୍ଞମାନେ ଆକଳନ କରୁଛନ୍ତି ଯେ ସମ୍ଭାବ୍ୟ ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରସ୍ତୁତିର ଏହା ଏକ ସଙ୍କେତ । ଇତିହାସରେ ପ୍ରଥମ ଥର ପାଇଁ, ଆମେରିକା କୌଣସି ମିଳିତ ଅଭ୍ୟାସ କିମ୍ବା ତାଲିମ କାର୍ଯ୍ୟକ୍ରମ ବିନା ପ୍ରତ୍ୟକ୍ଷ ଅପରେସନ କିମ୍ବା ସମ୍ଭାବ୍ୟ ଯୁଦ୍ଧ-ମୁଖୀ ମିଶନ ପାଇଁ ଇସ୍ରାଏଲୀ ମାଟିରେ ତାର ଲଢ଼ୁଆ ବିମାନ ମୁତୟନ କରିଛି ।

### ମହିଳାଙ୍କୁ ମିଳିବ 'ଜରାୟୁ କ୍ୟାନ୍ସର' ଟିକା

ଭୁବନେଶ୍ୱର, ୨୫।୨ : କେନ୍ଦ୍ର ସରକାର ଦେଶରେ ମହିଳା ସ୍ୱାସ୍ଥ୍ୟକୁ ସୁଦୃଢ଼ କରିବା ପାଇଁ ଏକ ବଡ଼ ପଦକ୍ଷେପ ନେଉଛନ୍ତି । ଏହି ପଦକ୍ଷେପ ଅନ୍ତର୍ଗତ, ସାରା ଭାରତରେ ଏଚପିଭି (ହ୍ୟୁମାନ୍ ପାପିଲୋମାଭାଇରସ୍) ଟୀକାକରଣ କାର୍ଯ୍ୟକ୍ରମ ଖୁବ୍ ଶୀଘ୍ର ଆରମ୍ଭ ହେବାକୁ ଯାଉଛି । ଏହାର ଲକ୍ଷ୍ୟ ହେଉଛି ସମୟ ମଧ୍ୟରେ ଝିଅମାନଙ୍କୁ ସର୍ଭାଇକାଲ୍ କର୍କଟରୁ ସୁରକ୍ଷା ଦେବା । ଓଡ଼ିଶାରେ ମଧ୍ୟ କିଶୋରୀ ଓ ମହିଳାଙ୍କ ପାଇଁ ବଡ଼ ଆଶ୍ୱସ୍ତି ମିଳିଛି ।



## ଆଜିଠୁ ରାଜ୍ୟସଭା ପାଇଁ ନାମାଙ୍କନ

# ଚତୁର୍ଥ ପ୍ରାର୍ଥୀ ଦେବାକୁ ନବୀନଙ୍କ ଉପରେ ଚାପ

ଏସ୍ଏନ୍ଏସ୍

ଭୁବନେଶ୍ୱର, ୨୫/୨: ରାଜ୍ୟସଭା ନିର୍ବାଚନ ପାଇଁ ଆସନ୍ତା କାଲି ଠାରୁ ନାମାଙ୍କନ ପତ୍ର ଦାଖଲ ଆରମ୍ଭ ହେବ । ଏଥିପାଇଁ ବିଭିନ୍ନ ରାଜନୈତିକ ଦଳ ଭିତରେ ତତ୍ପରତା ପ୍ରକାଶ ପାଇଛି । ଓଡ଼ିଶାରେ ଯଦିଓ ୨ଟି ଆସନରେ ବିଜେପି ଓ ଗୋଟିଏ ଆସନରେ ବିଜେଡି ପ୍ରାର୍ଥୀ ଦେବା ଚୂଡ଼ାନ୍ତ ହୋଇଛି ତଥାପି ଚତୁର୍ଥ ଆସନ ପାଇଁ କେଉଁ ଦଳର ଆଭିମୁଖ୍ୟ କଣ ହେବ ତାହା ସ୍ପଷ୍ଟ ହୋଇନାହିଁ । ବିଜେଡି ତାର ନିଜସ୍ୱ ପ୍ରାର୍ଥୀ ନଦେଇ ପୂର୍ବଥରଗୁଡ଼ିକ ଭଳି ବିଜେପି ପ୍ରାର୍ଥୀ ଦେଲେ ତାଙ୍କୁ ସମର୍ଥନ କରିବ ଅବା ଭୋଟିଂରେ ଅନୁପସ୍ଥିତ ରହିବ ବୋଲି ଚର୍ଚ୍ଚା ହେଉଥିଲା । ଏଥିପାଇଁ ବିଜେପିର ସର୍ବୋଚ୍ଚ ନେତାଙ୍କ ଆଡୁ ନବୀନଙ୍କ ଉପରେ ଚାପ ପଡ଼ିଥିବା କୁହାଯାଉଛି । କଂଗ୍ରେସ୍ ପ୍ରାର୍ଥୀ ଦେଇ ବିଜେଡିର ସମର୍ଥନ ଜୁଟାଇବାକୁ କହିଥିବା ପିସିସି ସଭାପତି ଭକ୍ତ ଦାସ ଏବେ ବ୍ୟାକ୍‌ଫୁଟ୍‌ରେ ◗ ପୃଷ୍ଠା୫ଦେଖନ୍ତୁ...

# ଖଣି ଅଧିକାରୀଙ୍କ ଘରେ ଟଙ୍କା ଖଣି





### ଗିରଫ କୁବେରଙ୍କ ଘରୁ ମିଳିଲା ନଗଦ ୪ କୋଟି

ଏସ୍ଏନ୍ଏସ୍

ଭୁବନେଶ୍ୱର, ୨୫/୨: ଖଣି ଅଧିକାରୀଙ୍କ ଘରେ ଟଙ୍କାର ଖଣି । ଗଣି ଗଣି ହାଲିଆ ହୋଇଗଲେ ଭିଜିଲାନ୍ସ ଅଧିକାରୀ । ଭିଜିଲାନ୍ସ ଜାଲରେ ପଡ଼ିଥିବା ଏହି କରିତ୍‌କର୍ମା କୁବେର ଅଫିସର୍ ହେଉଛନ୍ତି କଟକ ସର୍କଲର ଖଣି ଉପନିର୍ଦ୍ଦେଶକ ଦେବବ୍ରତ ମହାନ୍ତି । ଆଖି ଖୋସି ହୋଇଗଲା ଭଳି ତାଙ୍କ ଘରୁ ବର୍ତ୍ତମାନ ସୁଦ୍ଧା ୪ କୋଟି ଟଙ୍କା ଜବତ କରାଯାଇଛି । ପରେ ତାଙ୍କୁ ଗିରଫ କରାଯାଇଛି । ତାଙ୍କ ନାମରେ ୧୫ରୁ ଅଧିକ ଆକାଉଣ୍ଟ ଠାବ କରାଯାଇଛି । ଡିଜିଟାଲ ଫୁଟପ୍ରିଣ୍ଟ ଯାଞ୍ଚ ପରେ ସାମ୍ନାକୁ ଆସିବ ଅଧିକ ତଥ୍ୟ । ରିମାଣ୍ଡରେ ଆଣି ଅଧିକ ପଚରାଉଚରା କରିବ ଭିଜିଲାନ୍ସ । ଏଥିସହ ତାଙ୍କ ଅଫିସ୍ ଡ୍ରୟରରୁ ୧ ଲକ୍ଷ ୨୦ ହଜାର ଟଙ୍କା ଜବତ ହୋଇଛି । ଖାଲି ଟଙ୍କା ନୁହେଁ, ପାଖାପାଖି ୧୩୦ ଗ୍ରାମ୍ ସୁନା ମିଳିଛି ବାବୁଙ୍କ ଘରୁ । ଭୁବନେଶ୍ୱର ପାହାଳରେ ୨୪ ଶହ ବର୍ଗଫୁଟର ଏକ ଦୁଇ ମହଲା ଘର ମଧ୍ୟ ରହିଛି । ଏବେବି ବାବୁଙ୍କ ସମ୍ପୂର୍ଣ୍ଣ ସମ୍ପତ୍ତିର ଆକଳନ କରୁଛି ଭିଜିଲାନ୍ସ । ବିଭିନ୍ନ ସ୍ଥାନରେ ରେଡ୍ ଚାଲିଥିବାରୁ ଆହୁରି ଲକ୍ଷ ଲକ୍ଷ ଟଙ୍କା ଜବତ ହୋଇପାରେ । ଜଣେ ବାବୁଙ୍କ ଘରୁ ୪ କୋଟିରୁ ଅଧିକ ଟଙ୍କା ମିଳିବା ଘଟଣା ଓଡ଼ିଶା ଭିଜିଲାନ୍ସ ଇତିହାସରେ ରେକର୍ଡ ବୋଲି କୁହାଯାଉଛି । ଜଣେ ଲାଇସେନ୍ସ ପ୍ରାପ୍ତ କୋଇଲା ବ୍ୟବସାୟୀଙ୍କ କାରବାରରେ ସହାୟତା ପାଇଁ ଖଣି ଉପନିର୍ଦ୍ଦେଶକ ଶ୍ରୀ ମହାନ୍ତି ୩୦ ହଜାର ଟଙ୍କା ଲାଞ୍ଚ ମାଗୁଥିଲେ । ଏନେଇ ◗ ପୃଷ୍ଠା ୫ ଦେଖନ୍ତୁ...

### ୮ ହଜାର ଦରମାରୁ କୋଟି କୋଟି ଆୟ

ତେବେ କଟକ ସର୍କଲ ଉପ ନିର୍ଦ୍ଦେଶକ ଦେବବ୍ରତ ମହାନ୍ତି ମାତ୍ର ୮ ହଜାର ଟଙ୍କାରେ ୨୦୦୪ରେ ବଲାଙ୍ଗୀରରେ ଆରମ୍ଭ କରିଥିଲେ ସରକାରୀ ଚାକିରି । ୨୦୦୪ ମସିହାରେ ମାଇନିଂ ଅଫିସର ଭାବେ ବଲାଙ୍ଗିରରେ ଚାକିରି କରିଥିଲେ । ପରେ ୨୦୦୬ରୁ ୨୦୦୮ ମସିହା ପର୍ଯ୍ୟନ୍ତ ବାରିପଦାରେ, ବ୍ରହ୍ମପୁର ୨୦୦୯ରୁ ୨୦୧୧, କଟକରେ ୨୦୧୧ରୁ ୨୦୧୪, ୨୦୧୪ରୁ ୨୦୧୮ ପର୍ଯ୍ୟନ୍ତ ଭୁବନେଶ୍ୱର ◗ ପୃଷ୍ଠା ୫ ଦେଖନ୍ତୁ...

### ଭିଜିଲାନ୍ସର ନଗଦ ନାରାୟଣଙ୍କ ଟପ୍‌ଟେନ୍ ତାଲିକା

- କାର୍ତ୍ତିକେଶ୍ୱର ରାଉଳ, ସହାୟକ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଗ, ଭଞ୍ଜନଗର, ଗଞ୍ଜାମ (୨୦୨୨) ସର୍ବାଧିକ ୩ କୋଟି ୪୧ ଲକ୍ଷ ଟଙ୍କା ଜବତ
- ପ୍ରଶାନ୍ତ କୁମାର ରାଉତ, ଅତିରିକ୍ତ ସବକଲେକ୍ଟର, ନବରଙ୍ଗପୁର (୨୦୨୩)୩ କୋଟି ୧୨ ଲକ୍ଷ ଟଙ୍କା ଜବତ
- ବୈକୁଣ୍ଠ ନାଥ ଷଡ଼ଙ୍ଗୀ, ମୁଖ୍ୟଯନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ ବିଭାଗ, ଭୁବନେଶ୍ୱର (୨୦୨୫)୨ କୋଟି ୫୬ ଲକ୍ଷ ଟଙ୍କା ଜବତ
- ଶାନ୍ତନୁ ମହାପାତ୍ର, ପିଡି, ଜଳବିଭାଜିକା ପ୍ରକଳ୍ପ, ମାଲକାନଗିରି (୨୦୨୫): ୨୦୨୫ରେ ୨ କୋଟି ୮ ଲକ୍ଷ ଟଙ୍କା ଜବତ
- ଉମେଶ ଚନ୍ଦ୍ର ଜେନା, ଅତିରିକ୍ତ ଖଣି ନିର୍ଦ୍ଦେଶକ, ଭୁବନେଶ୍ୱର(୨୦୨୩): ୧ କୋଟି ୬୪ ଲକ୍ଷ
- ରାମଚନ୍ଦ୍ର ନେପାକ୍, ଜୟପୁର ଡେପୁଟି ରେଞ୍ଜର୍(୨୦୨୫): ୧କୋଟି ୪୩ ଲକ୍ଷ
- ଆଶିଷ କୁମାର ଦାସ, ଏସ୍ଇ, ଆର୍‌ଡବ୍ଲ୍ୟୁ ଡିଭିଜନ୍ ମାଲକାନଗିରି(୨୦୨୨): ୧କୋଟି ୪୦, ୧୮୦୭୦
- ଡା. ସୁକାନ୍ତ କୁମାର ଜେନା, ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ, ବୌଦ୍ଧ ଚାରିଛକ(୨୦୨୨): ୧କୋଟି ୧୩, ୧୬୧୭୦
- ଗୟା ସାନ୍ତାରା, ଇଡକଲ୍ ଯୁଗ୍ମ ପ୍ରବନ୍ଧକ(୨୦୨୨): ୧ କୋଟି ୬ ଲକ୍ଷ ୪୪୫୦୦
- ସୁଧାଂଶୁ ଶେଖର ମିଶ୍ର, ପୂର୍ବତନ ଡିଏଫ୍‌ଓ, ଆଠଗଡ଼: ୧କୋଟି ୧ ଲକ୍ଷ ୭୦ ହଜାର(୨୦୧୬)

ଭିଜିଲାନସ ପକ୍ଷରୁ ଦିଆଯାଇଥିବା ଏ ତାଲିକା ତଳକୁ ଆହୁରି ଲମ୍ବି ଚାଲିଛି । ଭିଜିଲାନସ ରେଡ୍ ବେଳେ ତଳତଳିଆ ଅଫିସରଙ୍କଠାରୁ ଏତେ ବିପୁଳ ପରିମାଣର ଟଙ୍କା ଜବତ ◗ ପୃଷ୍ଠା ୫ ଦେଖନ୍ତୁ...

## ଇସ୍ରାଏଲ୍‌ରେ ପ୍ରଧାନମନ୍ତ୍ରୀ ମୋଦୀ

# ଭାଇ ବୋଲି କହିଲେ ନେତାନ୍ୟାହୁ

### ସଂସଦରେ କହିଲେ 'ଭାରତ ଆମର ମହାନ ବନ୍ଧୁ'

ଏଜେନ୍ସି

ନୂଆଦିଲ୍ଲୀ, ୨୫/୨: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇସ୍ରାଏଲରେ ପହଞ୍ଚିବା ପରେ ତାଙ୍କୁ ବିମାନବନ୍ଦରରେ ଭବ୍ୟ ସ୍ୱାଗତ କରିଛନ୍ତି । ମୋଦୀ ପହଞ୍ଚିବା ପରେ ଦୁଇ ପ୍ରଧାନମନ୍ତ୍ରୀ ପରସ୍ପରକୁ ଆଲିଙ୍ଗନ କରିଥିଲେ । ମୋଦୀ ଶେଷଥର ପାଇଁ ୨୦୧୭ ମସିହାରେ ଇସ୍ରାଏଲ ଗସ୍ତ କରିଥିଲେ । ୯ ବର୍ଷ ପରେ ମୋଦୀଙ୍କ ଏହି ଇସ୍ରାଏଲ୍ ଗସ୍ତକୁ ଅନେକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ କୁହାଯାଉଛି । ସେଠାରେ ପ୍ରଧାନମନ୍ତ୍ରୀ ମୋଦୀ ଇସ୍ରାଏଲୀ ସଂସଦକୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି । ଏହା ପୂର୍ବରୁ ବେଞ୍ଜାମିନ୍ ନେତାନ୍ୟାହୁ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭାଇ ବୋଲି କହିଥିଲେ । ଇସ୍ରାଏଲୀ ସଂସଦରେ ନ୍ୟାହୁ କହିଥିଲେ, ଭାରତ ଆମର ମହାନ ବନ୍ଧୁ । ଇସ୍ରାଏଲୀ ସଂସଦରେ ପ୍ରଧାନମନ୍ତ୍ରୀ ◗ ପୃଷ୍ଠା ୫ ଦେଖନ୍ତୁ...



## ମହାନଦୀ ଜଳବିବାଦ

# ଦେଖିବେ ବେଶି, ବୁଲିବେ କମ୍

### ସନ୍ଦେହ ବଢ଼ାଇଲା ଟ୍ରିବ୍ୟୁନାଲ୍‌ଙ୍କ ଗସ୍ତ

### ଗଡୁଛି ସମୟ, କ୍ଷତି ସହୁଛି ଓଡ଼ିଶା

### ମହାନଦୀ ବଞ୍ଚାଅ ଅଭିଯାନର ବିରୋଧ

ଏସ୍ଏନ୍ଏସ୍

ଭୁବନେଶ୍ୱର, ୨୫/୨: ଆସନ୍ତା କାଲି ଠାରୁ ମହାନଦୀ ଟ୍ରିବ୍ୟୁନାଲ ଆସନ୍ତା ଫେବ୍ରୁଆରି ୨୬ ତାରିଖ ଠାରୁ ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ୫ ଦିନ ଧରି ଓଡ଼ିଶା ଗସ୍ତରେ ଆସୁଛନ୍ତି । ମହାନଦୀ ଟ୍ରିବୁନାଲ ଅଧକ୍ଷା ବେଲା ଏମ୍ ତ୍ରିବେଦୀ, ସଦସ୍ୟ ଜଷ୍ଟିସ୍ ଡକ୍ଟର ରବି ରଞ୍ଜନ ତାଙ୍କ ପତ୍ନୀ ଡକ୍ଟର ସୁନିତା ରାୟ, ସଦସ୍ୟ ଜଷ୍ଟିସ୍ ଇନ୍ଦରମୀତ କୌର କୋଚର ତାଙ୍କ ସ୍ୱାମୀ ଜଷ୍ଟିସ୍ ଏ. କେ. ପାଠକ, ଜଷ୍ଟିସ ରବି ରଞ୍ଜନଙ୍କ ଝିଅ ଭବ ପ୍ରିୟଦର୍ଶନୀ, ନାତି ଗୁରୁ ବିକ୍ରମଦିତ୍ୟ, ହିସାବ କାରକ ଏ.କେ. ସିଂହ, ଆସେସାର କୃଷ୍ଣନୁନ୍ନି ଏନ.ଏମ., ରେଜିଷ୍ଟ୍ରର ଚନ୍ଦନ ମୁଖାର୍ଜୀ, ସୁରକ୍ଷା ଅଧିକାରୀ ଅନିଲ ଦତ୍ତ ଶର୍ମା, ସୁଜିତ କୁମାର ଗିରି, ବିଭାଗ ଅଧିକାରୀ ମନୋଜ କୁମାର ପ୍ରମୁଖ ଏହି ଟିମରେ ଆସୁଛନ୍ତି । ଏହି ଗସ୍ତ ପାଇଁ ବିଭିନ୍ନ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କ ଜଳସମ୍ପଦ ବିଭାଗ, ପୁଲିସ୍ ବଳକୁ ନିୟୋଜିତ କରାଯାଇଛି । ତେବେ ଏହି ବ୍ୟୟବହୁଳ ଗସ୍ତ ନେଇ ପ୍ରଶ୍ନ ଉଠାଇଛି 'ମହାନଦୀ ବଞ୍ଚାଅ ଆନ୍ଦୋଳନ' ସଂଗଠନ ।

ଆଜି ୟୁନିଟ୍ ୬ରେ ସଂଗଠନ ପକ୍ଷରୁ ଆବାହକ ସୁଦର୍ଶନ ଦାସଙ୍କ ସଭାପତିତ୍ୱରେ ◗ ପୃଷ୍ଠା ୫ ଦେଖନ୍ତୁ...



# କେରଳ ପରେ ଦିଲ୍ଲୀର ନାମ ପରିବର୍ତ୍ତନ ପାଇଁ ଦାବି

## 'ଇନ୍ଦ୍ରପ୍ରସ୍ଥ' ରଖିବାକୁ ଶାହଙ୍କୁ ଅନୁରୋଧ



ଏଜେନ୍ସି

ନୂଆଦିଲ୍ଲୀ, ୨୫।୨: କେରଳର ନାମ ପରିବର୍ତ୍ତନ କରି କେରଳମ୍ କରିବା ପାଇଁ ଅନୁମୋଦନ ପରେ ଏବେ ରାଜଧାନୀ ଦିଲ୍ଲୀର ନାମ ପରିବର୍ତ୍ତନ କରିବାକୁ ଦାବି ହେଉଛି। ବିଜେପି ସାଂସଦ ପ୍ରବୀଣ ଖଣ୍ଡେଲାଲ ଏ ସମ୍ପର୍କରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଚିଠି ଲେଖିଛନ୍ତି। ତାଙ୍କ ଚିଠିରେ ଖଣ୍ଡେଲାଲ ଦିଲ୍ଲୀର ନାମ ଇନ୍ଦ୍ରପ୍ରସ୍ଥ ରଖିବାକୁ ଶାହଙ୍କୁ ଅନୁରୋଧ କରିଛନ୍ତି।

ସାଂସଦ ପ୍ରବୀଣ ଖଣ୍ଡେଲାଲ କହିଛନ୍ତି, ଏପରି ପଦକ୍ଷେପ ଭାରତର ରାଜଧାନୀର ଐତିହାସିକ ତଥା ସଭ୍ୟତାଗତ ପରିଚୟକୁ ପୁନଃସ୍ଥାପିତ କରିବ। ସେ ଐତିହାସିକ, ପ୍ରତ୍ନତତ୍ତ୍ୱବିତ୍ ଓ ଅନ୍ୟାନ୍ୟ ବିଶେଷଜ୍ଞଙ୍କ ସହ ପରାମର୍ଶ କରି ଏହି ପ୍ରସ୍ତାବ ଉପରେ ଏକ ଆନୁଷ୍ଠାନିକ ପ୍ରକ୍ରିୟା ଆରମ୍ଭ କରିବାକୁ ଶାହଙ୍କୁ ଅନୁରୋଧ କରିଛନ୍ତି। ଖଣ୍ଡେଲାଲ ଚିଠିରେ ଲେଖିଛନ୍ତି, ଐତିହାସିକ ସାହିତ୍ୟ, ପ୍ରତ୍ନତାତ୍ତ୍ୱିକ ପ୍ରମାଣ ତଥା ଦୀର୍ଘକାଳୀନ ସଭ୍ୟତାଗତ ପରମ୍ପରା ପ୍ରତିପାଦିତ କରେ ଯେ, ବର୍ତ୍ତମାନର ଦିଲ୍ଲୀ ହେଉଛି ପ୍ରାଚୀନ ଇନ୍ଦ୍ରପ୍ରସ୍ଥର ସ୍ଥାନ। ଯାହା ପାଣ୍ଡବମାନଙ୍କ ଦ୍ୱାରା ପ୍ରତିଷ୍ଠିତ ମହାରାଜଧାନୀ। ମହାକାବ୍ୟ ମହାଭାରତରେ ଏହା ବର୍ଣ୍ଣିତ ହୋଇଛି। ଖଣ୍ଡେଲାଲଙ୍କ ଅନୁସାରେ, ଦିଲ୍ଲୀ ନାମ କେବଳ ଇତିହାସର ଏକ ନିର୍ଦ୍ଦିଷ୍ଟ ପର୍ଯ୍ୟାୟକୁ ପ୍ରତିଫଳିତ କରୁଛି। ଚିଠିରେ ଖଣ୍ଡେଲାଲ ଦିଲ୍ଲୀର ପ୍ରାଚୀନ ସାଂସ୍କୃତିକ ତଥା ଐତିହାସିକ ପରିଚୟକୁ ପୁନର୍ଜୀବିତ କରିବା ପାଇଁ ପାଣ୍ଡବମାନଙ୍କ ପ୍ରତିମୂର୍ତ୍ତି ଦିଲ୍ଲୀର ପୁରୁଣା କିଲ୍ଲା ଭଳି ଉପଯୁକ୍ତ ସ୍ଥାନରେ ସ୍ଥାପନ କରିବାକୁ ପରାମର୍ଶ ଦେଇଛନ୍ତି। ପ୍ରବୀଣ ଖଣ୍ଡେଲାଲ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କୁ ଏକ ପୃଥକ ଚିଠି ମଧ୍ୟ ଲେଖି ଦିଲ୍ଲୀର ନାମକୁ ଇନ୍ଦ୍ରପ୍ରସ୍ଥ କରିବା ପାଇଁ ଦିଲ୍ଲୀ ବିଧାନସଭାରେ ଏକ ପ୍ରସ୍ତାବ ପାରିତ କରି କେନ୍ଦ୍ର ସରକାରଙ୍କୁ ପଠାଇବାକୁ ଦାବି କରିଛନ୍ତି।

# ଆଜି ବିଜୟ-ରଶ୍ମିକାଙ୍କ ବାହାଘର

## ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ



ଏଜେନ୍ସି

ନୂଆଦିଲ୍ଲୀ, ୨୫।୨: ବିଜୟ ଦେବରକୋଣ୍ଡା ଏବଂ ରଶ୍ମିକା ମନ୍ଦାନାଙ୍କ ବିବାହକୁ ନେଇ ଏବେ ଚର୍ଚ୍ଚା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଦମ୍ପତିଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ବିବାହ ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦି ଦମ୍ପତିଙ୍କୁ ଶୁଭେଚ୍ଛା ଜଣାଇ ଏକ ସ୍ୱତନ୍ତ୍ର ଚିଠି ପଠାଇଥିଲେ। ଯାହାର ଏକ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଏହି ଚିଠିରେ ପ୍ରଧାନମନ୍ତ୍ରୀ ଦମ୍ପତି ଏବଂ ସେମାନଙ୍କ ପରିବାରକୁ ଅଭିନନ୍ଦନ ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ବିଜୟ ଦେବରକୋଣ୍ଡାଙ୍କ ପିତାମାତାଙ୍କୁ ଏକ ଚିଠିରେ ସମ୍ବୋଧିତ କରିଛନ୍ତି। ସେ ଲେଖିଛନ୍ତି, ଶ୍ରୀମତୀ ମାଧବୀ ଏବଂ ଶ୍ରୀ ଗୋବର୍ଦ୍ଧନ ରାଓ ଦେବରକୋଣ୍ଡା ଗୁରୁବାରରେ ହେବାକୁ ଥିବା ବିଜୟ ଏବଂ ରଶ୍ମିକାଙ୍କ ବିବାହ ଉତ୍ସବରେ ଆପଣଙ୍କ ନିମନ୍ତ୍ରଣ ପାଇ ମୁଁ ବହୁତ ଖୁସି। ଏହି ପବିତ୍ର ଅବସରରେ ଦେବରକୋଣ୍ଡା ଏବଂ ମନ୍ଦାନାଙ୍କ ପରିବାରକୁ ହାର୍ଦ୍ଦିକ ଅଭିନନ୍ଦନ। ଏହା ବିଜୟ ଏବଂ ରଶ୍ମିକାଙ୍କ ଜୀବନରେ ଏକ ନୂତନ ଏବଂ ସୁନ୍ଦର ଅଧ୍ୟାୟର ଆରମ୍ଭ। ରଶ୍ମିକା ମନ୍ଦାନା ଏବଂ ବିଜୟ ଦେବରକୋଣ୍ଡା ଗୁରୁବାର ବିବାହ ବନ୍ଧନରେ ଆବଦ୍ଧ ହେବାକୁ ଯାଉଛନ୍ତି। ଏହି ଦମ୍ପତିଙ୍କ ବିବାହ ଉତ୍ସବର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଏହି ବାହାଘର ଉଦୟପୁରରେ ହେବ। ଏଥିପାଇଁ ଦୁଇ ଷ୍ଟାରଙ୍କ ପରିବାର ଏବଂ ବନ୍ଧୁ, ସାଙ୍ଗମାନେ ଉଦୟପୁରରେ ପହଞ୍ଚିସାରିଛନ୍ତି।

## ରୁଷୀୟ ମହିଳାଙ୍କ ସହ ସମ୍ପର୍କକୁ ମାନିଲେ

# କ୍ଷମା ମାଗିଲେ ବିଲ୍ ଗେଟ୍ସ



ଏପଷ୍ଟିନ ଫାଇଲ୍ସ

ଏଜେନ୍ସି

ନୂଆଦିଲ୍ଲୀ, ୨୫।୨: ଏପଷ୍ଟିନ ଫାଇଲ୍ସ ବିବାଦରେ ଫସିଥିବା ବିଲ ଗେଟ୍ସ ଏବେ ସରି କହିଛନ୍ତି। ଏପଷ୍ଟିନ ଫାଇଲ୍ସ ବିବାଦ ଯୋଗୁ ଭାରତରେ ଅନୁଷ୍ଠିତ ଏଆଇ ଇମ୍ପାକ୍ଟ ସମ୍ମିଳନୀରୁ ନିଜକୁ ଦୂରେଇ ରଖିଇଲେ ଗେଟ୍ସ। ଏବେ ସେ ସର୍ବସମ୍ମୁଖରେ ଗେଟ୍ସ ଫାଉଣ୍ଡେସନର କର୍ମଚାରୀ ଓ ଅନ୍ୟମାନଙ୍କୁ କ୍ଷମା ମାଗିଛନ୍ତି। ଆମେରିକାର କୁଖ୍ୟାତ ଯୌନ ଅପରାଧୀ ଜେଫ୍ରୀ ଏପଷ୍ଟିନ ସହ ଏକଦା ସମ୍ପର୍କ ରଖିଥିବା ଯୋଗୁ ଗେଟ୍ସ ନିଜର ଦୋଷ ମାନିଛନ୍ତି। ଏଥିପାଇଁ ସେ କ୍ଷମା ପ୍ରାର୍ଥନା କରିଛନ୍ତି। ଏଥିସହ ରିଲିଜ ହୋଇଥିବା ଏପଷ୍ଟିନ ଫାଇଲ୍ସରେ ଗେଟ୍ସ ରୁଷୀୟ ମହିଳାଙ୍କ ସହ ରଖିଥିବା ସମ୍ପର୍କ ଦାବିକୁ ମଧ୍ୟ ସେ ପରୋକ୍ଷରେ ସ୍ୱୀକାର କରିଛନ୍ତି। ଫାଉଣ୍ଡେସନର ଜଣେ ମୁଖପାତ୍ର ବିଲ ଗେଟ୍ସଙ୍କ ବିବୃତିକୁ ଶେୟାର କରିଛନ୍ତି। ଏଥିରେ ଗେଟ୍ସ ନିଜର କର୍ମର ସବୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ନିକଟରେ ଗୋଟିଏ ଟାଉନ ହଲ ମିଟିଂରେ ସେ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଉଥିବା ବେଳେ ତାଙ୍କୁ ଏପଷ୍ଟିନ ସହ ଥିବା ସମ୍ପର୍କ ବିଷୟରେ ପଚରା ଯାଇଥିଲା। ଏହି ସମୟରେ ସେ ନିଜର ପଛ କର୍ମ ପାଇଁ ସମସ୍ତଙ୍କୁ କ୍ଷମା ମାଗିଛନ୍ତି। ଟାଉନ ହଲ କାର୍ଯ୍ୟକ୍ରମରେ ଦୁଇ ଜଣ ରୁଷୀୟ ମହିଳାଙ୍କ ସହ ତାଙ୍କର ରୋମାଣ୍ଟିକ ସମ୍ପର୍କ ରହିଥିବା କଥା ମଧ୍ୟ ଗେଟ୍ସ ସ୍ୱୀକାର କରିଛନ୍ତି। ଏକଥା ଏପଷ୍ଟିନ ଫାଇଲ୍ସରେ ମଧ୍ୟ ରହିଥିଲା। କିନ୍ତୁ ଗେଟ୍ସ ସ୍ପଷ୍ଟ କରିଛନ୍ତି ଯେ ସେ ଅନୈତିକ ସମ୍ପର୍କ ରଖିଥିବା ୨ ରୁଷୀୟ ମହିଳା ଏପଷ୍ଟିନଙ୍କ ପୀଡ଼ିତାଙ୍କ ମଧ୍ୟରେ ନଥିଲେ। ମାଇକ୍ରୋସଫ୍ଟର ସହ ପ୍ରତିଷ୍ଠାତା ଗେଟ୍ସଙ୍କ ଏପରି ବୟାନ ଏପଷ୍ଟିନ ଫାଇଲ୍ସରେ ଥିବା ତାଙ୍କ ସମ୍ପର୍କିତ ତଥ୍ୟକୁ ଆହୁରି ବଳ ଦେଇଛି। ଆମେରିକାର ନ୍ୟାୟ ବିଭାଗ ଏପଷ୍ଟିନ ସହ ଜଡ଼ିତ ଫାଇଲ୍ସ ସାର୍ବଜନୀନ କରିବା ପରେ ଗେଟ୍ସଙ୍କ କଳା ଚିଠାର ଗୁମର ଖୋଲିଥିଲା। ଗେଟ୍ସ ଓ ଏପଷ୍ଟିନ ଏକାଠି ଥିବା ଏକାଧିକ ଫଟୋ ସାମ୍ନାକୁ ଆସିଥିଲା। ସେହିପରି ଗେଟ୍ସ ମଧ୍ୟ ଏକାଧିକ ଯୁବତୀଙ୍କ ସହ ଫଟୋ ଉଠାଇବା ଦୃଶ୍ୟ ଭାଇରାଲ ହୋଇଥିଲା।

# ମୁମ୍ବାଇରେ ବଡ଼ କାର୍ଯ୍ୟାନୁଷ୍ଠାନ: ୨୫ ବାଂଲାଦେଶୀ ଗିରଫ



ଏଜେନ୍ସି

ନୂଆଦିଲ୍ଲୀ, ୨୫।୨: ମହାରାଷ୍ଟ୍ରରେ ମୁମ୍ବାଇ ପୁଲିସ ଅନୁପ୍ରବେଶକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନକୁ ଜୋରଦାର କରି ଅନ୍ଧେରୀ ପଶ୍ଚିମର ୟାରି ରୋଡ୍ ଅଞ୍ଚଳରୁ ୨୫ ଜଣ ବାଂଲାଦେଶୀ ନାଗରିକଙ୍କୁ ଗିରଫ କରିଛି। ଭର୍ସୋଭା ପୁଲିସ ଷ୍ଟେସନର ଆତଙ୍କବାଦ ନିରୋଧୀ ସେଲ୍ (ଏଟିସି) ଏଡେଇ ଏକ ଗୁପ୍ତ ଅପରେସନ୍ ଚଳାଇଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ୨୧ ଜଣ କିନ୍ନର, ଦୁଇ ଜଣ ମହିଳା ଓ ଦୁଇ ଜଣ ପୁରୁଷ ଅଛନ୍ତି। ସେମାନେ ଅନେକ ବର୍ଷ ଧରି ମୁମ୍ବାଇରେ ନିଜର ପରିଚୟ ଲୁଚାଇ ବେଆଇନ ଭାବରେ ରହୁଥିଲେ।

ପୁଲିସକୁ ଗୁପ୍ତ ସୂଚନା ମିଳିଥିଲା ଯେ, ଏହି ବ୍ୟକ୍ତିମାନେ ୟାରି ରୋଡରେ ଥିବା ଏକ ଧର୍ମସ୍ଥଳ ନିକଟରେ ବିଳମ୍ବିତ ରାତିରେ ଏକାଠି ହେବେ। ପୁଲିସ ଏବେ ସମଗ୍ର ନେଟୱାର୍କର ତଦନ୍ତ କରୁଛି। ଏହି ବ୍ୟକ୍ତିମାନେ ଏତେ ବର୍ଷ ଧରି ସୁରକ୍ଷା ଏଜେନ୍ସିଗୁଡ଼ିକର ଆଖିରୁ କିପରି ଖସି ଯାଇପାରିଲେ ଓ କେଉଁ ସ୍ଥାନୀୟ ଲୋକମାନେ ସେମାନଙ୍କୁ ନକଲି କାଗଜପତ୍ର ତିଆରି କରିବାରେ ସାହାଯ୍ୟ କରିଥିଲେ ତାହାର ତଦନ୍ତ କରାଯାଉଛି। ପ୍ରାଥମିକ ପଚରାଉଚରା ସମୟରେ ଅଭିଯୁକ୍ତମାନେ ସ୍ୱୀକାର କରିଛନ୍ତି, ସେମାନେ ଭାରତରେ ଅନୁପ୍ରବେଶ କରିବା ପାଇଁ ବହୁ ଦୂର ଯାତ୍ରା କରିଥିଲେ। ସେମାନେ ପ୍ରଥମେ ବେଆଇନ ଭାବରେ ବାଂଲାଦେଶ ସୀମା ପାର କରି କୋଲକାତାରେ ପହଞ୍ଚିଥିଲେ। ତାପରେ ସେମାନେ ଦିଲ୍ଲୀ ଓ ଗୁଜରାଟର ବିଭିନ୍ନ ସହରରେ ଅଟକିଥିଲେ ଏବଂ ଶେଷରେ ଆର୍ଥିକ ରାଜଧାନୀ ମୁମ୍ବାଇରେ ବସବାସ କରିବା ଆରମ୍ଭ କରିଥିଲେ। ପୁଲିସ ଅଭିଯୁକ୍ତଙ୍କଠାରୁ ବହୁ ସଂଖ୍ୟକ ନକଲି ଭାରତୀୟ ପରିଚୟ ପତ୍ର, ଆଧାର କାର୍ଡ, ପାନ କାର୍ଡ ଏବଂ କିଛି ମୂଳ ବାଂଲାଦେଶୀ କାଗଜପତ୍ର ମଧ୍ୟ ଜବତ କରିଛି। ଏହି କାଗଜପତ୍ରଗୁଡ଼ିକ ଅନ୍ୟ କୌଣସି ସନ୍ଦେହଜନକ କାର୍ଯ୍ୟକଳାପରେ ବ୍ୟବହାର ପାଇଁ ଉଦ୍ଦିଷ୍ଟ ଥିଲା କି ନାହିଁ ତାହା ପୁଲିସ ତଦନ୍ତ କରୁଛି। ପୁଲିସ ଅଭିଯୁକ୍ତଙ୍କ ବିରୋଧରେ ବିଭିନ୍ନ ଧାରା ଅନୁଯାୟୀ ଏକ ମାମଲା ରୁଜୁ କରିଛି। ଆଇନଗତ ଔପଚାରିକତା ସମାପ୍ତ ହେବା ପରେ ସେମାନଙ୍କୁ ଦେଶାନ୍ତର ପ୍ରକ୍ରିୟା ଆରମ୍ଭ କରାଯିବ।

# ବୋର୍ଡ ପରୀକ୍ଷା ବେଳେ ନବଜାତକୁ ଜନ୍ମଦେଲେ ନାବାଳିକା

ଏଜେନ୍ସି

ଭୋପାଳ, ୨୫।୨: ମଧ୍ୟପ୍ରଦେଶ ଧାର ଜିଲ୍ଲାର ପୀଥମପୁରରେ ଆଶ୍ଚର୍ଯ୍ୟକର ଘଟଣା ଘଟିଛି। ଏଠାରେ ସେକ୍ଟର-୧ ଥାନା ସ୍ଥିତ ହାଉସିଂ ବୋର୍ଡ କଲୋନୀର ଏକ ଘରୋଇ ସ୍କୁଲରେ ୧୦ମ ଶ୍ରେଣୀ ବୋର୍ଡ ପରୀକ୍ଷା ଦେଉଥିବା ନାବାଳିକା ପରୀକ୍ଷା କେନ୍ଦ୍ର ବାଥରୁମରେ ପିଲାକୁ ଜନ୍ମ ଦେଇଛନ୍ତି।

ସୂଚନା ମୁତାବକ, ଛାତ୍ରୀ ଜଣକ ପରୀକ୍ଷା କେନ୍ଦ୍ରରେ ଗଣିତ ପରୀକ୍ଷା ଦେଉଥିବା ବେଳେ ହଠାତ୍ ଉଠି ବାଥରୁମ ଚାଲିଯାଇଥିଲେ। ପରୀକ୍ଷା କେନ୍ଦ୍ରରେ ଥିବା ଶିକ୍ଷକ ତାଙ୍କୁ ଅନୁମତି ମଧ୍ୟ ଦେଇଥିଲେ। କିନ୍ତୁ ପାଖାପାଖି ୧୫ ମିନିଟ ଯାଏଁ ସେ ବାଥରୁମରୁ ଫେରିନଥିବାରୁ ସନ୍ଦେହ ହୋଇଥିଲା। ଆଉ ଜଣେ ମହିଳା କର୍ମଚାରୀଙ୍କୁ ବାଥରୁମକୁ ଦେଖିବା ପାଇଁ ପଠାଇଥିଲେ। ତେବେ ବାଥରୁମ କବାଟ ଭିତରୁ ବନ୍ଦ ଥିଲା ଏବଂ ଭିତରୁ କୌଣସି ନବଜାତ ପିଲାର କାନ୍ଦଣା ଶୁଣାଯିବାରୁ ସ୍କୁଲ ପକ୍ଷରୁ ତୁରନ୍ତ ପୋଲିସ ଏବଂ ଆମ୍ବୁଲାନ୍ସକୁ ସୂଚନା ଦିଆଯାଇଥିଲା। ଛାତ୍ରୀ ଏବଂ ନବଜାତକଙ୍କୁ ତୁରନ୍ତ ହସପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ଦୁହେଁ ସୁସ୍ଥ ରହିଛନ୍ତି ବୋଲି ଖବର ମିଳିଛି। ମାମଲାର ଗମ୍ଭୀରତାକୁ ଦେଖି ସେକ୍ଟର-୧ ଥାନା ପୋଲିସ ଯାଞ୍ଚ ଆରମ୍ଭ କରିଛି। ଯାଞ୍ଚ ଅଧିକାରୀ ଏବଂ ଉପ ନିରୀକ୍ଷକ ଚାନ୍ଦିନୀ ସିଙ୍ଗାର କହିଛନ୍ତି, ନାବାଳିକା ଜଣକ ବେଟମା ଥାନା ଅଞ୍ଚଳର ବାସିନ୍ଦା। ନାବାଳିକା ଜଣକ ଦୁଇ ବର୍ଷ ହେବ ଜଣେ ଯୁବକଙ୍କ ସହିତ ପ୍ରେମ ସଂପର୍କରେ ରହିଥିଲେ। ତେଣୁ ଗର୍ଭବତୀ ହୋଇଥିଲେ। ନାବାଳିକା ପରିବାର ଲୋକ ଗର୍ଭବତୀ ଥିବା ବିଷୟରେ କିଛି ଜାଣିନଥିଲେ। ସେକ୍ଟର-୧ ଥାନା ପୋଲିସ ନାବାଳିକାଙ୍କ ବୟାନ ଆଧାରରେ ମାମଲା ଦାୟର କରିଛି।

## ଭାରତ-ପାକିସ୍ତାନ ଯୁଦ୍ଧକୁ ନେଇ ଟ୍ରମ୍ପଙ୍କ ନୂଆ ଦାବି

# ୮ଟି ଯୁଦ୍ଧକୁ ବନ୍ଦ କରିଥିବା କଥା ଦୋହରାଇଲେ



ଏଜେନ୍ସି

ନୂଆଦିଲ୍ଲୀ, ୨୫।୨: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବୁଧବାର ପୁଣିଥରେ ଭାରତ-ପାକିସ୍ତାନ ଯୁଦ୍ଧ ବିରତିକୁ ନେଇ ନୂଆ ଦାବି କରିଛନ୍ତି। ପୂର୍ବଭଳି ସେ ତାଙ୍କ ୧୦ ମାସର ଶାସନ ମଧ୍ୟରେ ବିଶ୍ୱର ୮ଟି ଯୁଦ୍ଧକୁ ବନ୍ଦ କରିଥିବା କଥା ମଧ୍ୟ ଦୋହରାଇଛନ୍ତି। ପୂର୍ବରୁ ସେ ବାରମ୍ବାର ଭାରତ-ପାକିସ୍ତାନ ଆଣବିକ ଯୁଦ୍ଧ ଆଡ଼କୁ ଯାଉଥିବା ବେଳେ ଏହାକୁ ଅଟକାଇଥିଲେ ବୋଲି କହିଥିଲେ।

ଏବେ ସେ ପ୍ରଥମଥର ଆଉ ଗୋଟିଏ ବଡ଼ ଦାବି କରିଛନ୍ତି। ଭାରତ ସହ ସାମରିକ ବିବାଦ ସମୟରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ କୁଆଡେ ଟ୍ରମ୍ପଙ୍କୁ କହିଥିଲେ ଯେ ଅପରେସନ ସିନ୍ଦୂରରେ ଯଦି ସେ ହସ୍ତକ୍ଷେପ ନ କରିବେ, ତା'ହେଲେ ୩୫ ମିଲିୟନ ବା ୩୫ ନିୟୁତ ଲୋକ ପ୍ରାଣ ହରାଇବେ। ଏକଥା ଶୁଣିବା ପରେ ଟ୍ରମ୍ପ ବିବାଦରେ ହସ୍ତକ୍ଷେପ କରି ଏହାକୁ ବନ୍ଦ କରିଥିଲେ ବୋଲି ଦାବି କରିଛନ୍ତି।

ୱାଶିଂଟନ ଡିସିର କ୍ୟାପିଟୋଲ ହଲରେ ସେ ଦେଶବାସୀଙ୍କୁ ସମ୍ବୋଧନ କରି କହିଛନ୍ତି ଯେ ମୋର ପ୍ରଥମ ୧୦ ମାସରେ ମୁଁ ୮ଟି ଯୁଦ୍ଧ ବନ୍ଦ କରିଛି। ପାକିସ୍ତାନ ଓ ଭାରତ ଆଣବିକ ଯୁଦ୍ଧ ଆଡ଼କୁ ଯାଉଥିଲେ। ଯଦି ମୁଁ ହସ୍ତକ୍ଷେପ ନ କରିବି, ତା'ହେଲେ ୩୫ ମିଲିୟନ ଲୋକ ପ୍ରାଣ ହରାଇବାର ଆଶଙ୍କା ଥିବା ପାକିସ୍ତାନ ପ୍ରଧାନମନ୍ତ୍ରୀ କହିଥିଲେ। ଟ୍ରମ୍ପ ଦାବି କରିଛନ୍ତି ଯେ ସେ ଇସ୍ରାଏଲ-ହମାସ, ଇସ୍ରାଏଲ-ଇରାନ, ଇଜିପ୍ଟ-ଇଥୋପିଆ, ଭାରତ-ପାକିସ୍ତାନ, ସର୍ବିୟା-କୋସୋଭଥ, ରାଣ୍ଡା-କଙ୍ଗୋ, ଆର୍ମେନିଆ-ଅଜରବୈଜାନ ଓ କାମ୍ବୋଡିଆ-ଥାଇଲ୍ୟାଣ୍ଡ ଯୁଦ୍ଧକୁ ବନ୍ଦ କରିଛନ୍ତି। ଟ୍ରମ୍ପ କହିଛନ୍ତି ଯେ, ଆମେ ବେଶ ଗର୍ବର ନିଜ ଘରେ ଓ ବିଦେଶରେ ଆମେରିକୀୟ ସୁରକ୍ଷାକୁ ନିଶ୍ଚିତ କରିପାରିଛୁ। ୮ଟି ଯୁଦ୍ଧକୁ ବନ୍ଦ କରି ଶାନ୍ତି ପ୍ରତିଷ୍ଠା କରିପାରିଛୁ। ରୁଷ ଓ ୟୁକ୍ରେନରେ ହତ୍ୟା ଓ ନରସଂହାର ଚାଲିଛି। ଯଦି ମୁଁ ସେତେବେଳେ ରାଷ୍ଟ୍ରପତି ରହିଥାଆନ୍ତି, ତା'ହେଲେ ଏହି ଯୁଦ୍ଧ କେବେ ବି ହୋଇ ନଥାଆନ୍ତା। ଏହି କାର୍ଯ୍ୟକ୍ରମରେ ଟ୍ରମ୍ପ ଦ୍ୱିତୀୟ ବିଶ୍ୱଯୁଦ୍ଧର ଜଣେ ଭେଟରାନଙ୍କୁ ସମ୍ମାନୀତ କରିଛନ୍ତି। ଏହାପରେ ସେ କହିଛନ୍ତି, ମୁଁ ସବୁବେଳେ କଂଗ୍ରେସିଆଲ ମେଡାଲ ଅଫ ଅନରା ଚାହୁଁଥିଲି। କିନ୍ତୁ ମୋତେ କୁହାଯାଇଥିଲା ଯେ ମୁଁ ନିଜେକୁ ନିଜେ ଏହା ଦେଇ ପାରିବି ନାହିଁ। ଟ୍ରମ୍ପ ବାରମ୍ବାର ଭାରତ-ପାକିସ୍ତାନ ଯୁଦ୍ଧକୁ ବନ୍ଦ କରିଥିବା ଦାବି କରୁଥିଲେ ହେଁ ନୂଆଦିଲ୍ଲୀ ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଛି। ତଥାପି ଟ୍ରମ୍ପ ନିଜ ଆଭିମୁଖ୍ୟରେ କୌଣସି ପରିବର୍ତ୍ତନ କରିନାହାନ୍ତି।

## ସୁପ୍ରିମକୋର୍ଟଙ୍କ ନାଲି ଆଖି ପରେ...

# ଏନ୍‌ସିଇଆର୍‌ଟି ବହିରୁ ହଟିବ 'ନ୍ୟାୟିକ ଦୁର୍ନୀତି'




ଏଜେନ୍ସି

ନୂଆଦିଲ୍ଲୀ, ୨୫।୨: ନ୍ୟାଶନାଲ କାଉନସିଲ ଅଫ ଏଡୁକେସନ ରିସର୍ଚ୍ଚ ଓ ଟ୍ରେନିଂ (ଏନସିଇଆରଟି) ପକ୍ଷରୁ ପ୍ରକାଶିତ ୮ମ ଶ୍ରେଣୀ ସାମାଜିକ ବିଜ୍ଞାନ ବହିର ବିଷୟବସ୍ତୁ ବଦଳିବ। ଏଥିରେ ଥିବା ନ୍ୟାୟପାଳିକାରେ ଦୁର୍ନୀତି ବିଷୟକୁ ନେଇ ପ୍ରବଳ ବିବାଦ ଦେଖା ଯାଇଥିଲା।

ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତ ଏହାକୁ ନେଇ ଖପ୍ପା ମଧ୍ୟ ହୋଇଥିଲେ। ସୁପ୍ରିମକୋର୍ଟଙ୍କ କାର୍ଯ୍ୟାନୁଷ୍ଠାନ ଧମକ ପରେ ବହିରୁ ନ୍ୟାୟିକ ଦୁର୍ନୀତି ବିଷୟକୁ ବାଦ ଦେବାକୁ ପ୍ରସ୍ତୁତି ଆରମ୍ଭ ହୋଇଛି। ନ୍ୟାୟପାଳିକାର ବିଭିନ୍ନ ସ୍ତରରେ ଦୁର୍ନୀତି ବିଷୟବସ୍ତୁକୁ ୮ମ ଶ୍ରେଣୀ ବହିରୁ ବାଦ ଦେବାକୁ ସରକାର ନିଷ୍ପତ୍ତି ନେଇଛନ୍ତି।

ସରକାରୀ ସୂତ୍ରରେ କୁହାଯାଇଛି ଯେ ଏ ବିଷୟରେ ଲେଖା ଯିବାର ହିଁ ନଥିଲା। ଏପରି ବିଷୟବସ୍ତୁକୁ ସାର୍ବଜନୀନ କରିବା ଠିକ ନୁହେଁ। ଏହା ବଦଳରେ ନ୍ୟାୟପାଳିକା ଦେଉଥିବା ପ୍ରେରଣା ସମ୍ପର୍କରେ ବହିରେ ଉଲ୍ଲେଖ କରାଯିବାର ଥିଲା। ସୂତ୍ରରେ ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ ଗବାଇଙ୍କ ଉକ୍ତିକୁ ମଧ୍ୟ ସାମିଲ କରାଯାଇଛି। ସେ ବହିରେ ଉଲ୍ଲେଖ ଥିବା ବିଷୟ ବସ୍ତୁକୁ ଠିକ ନୁହେଁ ଓ ଅଶୋଭନୀୟ ବୋଲି କହିଛନ୍ତି। ବର୍ତ୍ତମାନର ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତ ମଧ୍ୟ ଏହାକୁ ନେଇ ଏନସିଇଆରଟି ଉପରେ ଖପ୍ପା ହୋଇଥିଲେ। ବୁଧବାର ସୁପ୍ରିମକୋର୍ଟ ଏହି ଘଟଣାକୁ ନେଇ ଅସନ୍ତୋଷ ପ୍ରକାଶ କରିବା ପରେ ସରକାର ନ୍ୟାୟିକ ଦୁର୍ନୀତିକୁ ବହିରୁ ହଟାଇବାକୁ ପ୍ରସ୍ତୁତି ହେଉଛନ୍ତି। ସୁପ୍ରିମକୋର୍ଟ ଗଭୀର ଚିନ୍ତା ପ୍ରକଟ କରିବା ସହ ନ୍ୟାୟପାଳିକାର ସଦସ୍ୟମାନେ ବହିରେ ଥିବା ବିଷୟବସ୍ତୁକୁ ଦେଖି କ୍ଷୁବ୍ଧ ହୋଇଥିବା କହିଥିଲେ। ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତ କହିଥିଲେ ଯେ ସୁପ୍ରିମକୋର୍ଟ କେବେ ହେଲେ ହିଁ ନ୍ୟାୟପାଳିକାର ଅଖଣ୍ଡତାକୁ ହାନୀ ହେବାକୁ ଦେବେ ନାହିଁ। ସେହିପରି ମାମଲାକୁ ନିଜ ଆଡ଼ୁ ବିଚାରକୁ ନେବା ସହ କାର୍ଯ୍ୟାନୁଷ୍ଠାନର ନିର୍ଦ୍ଦେଶ ଦେଇପାରନ୍ତି ବୋଲି ମଧ୍ୟ ମତ ରଖିଥିଲେ।

ପୂରା ପ୍ରସଙ୍ଗକୁ ନିଜ ଆଡ଼ୁ ବିଚାର କରି ସିଜେଆଇ କହିଥିଲେ ଯେ ତାଙ୍କ ପାଖକୁ ଏକାଧିକ ହାଇକୋର୍ଟ ବିଚାରପତିଙ୍କ ନିୟମିତ କଲ ଓ ମେସେଜ ଆସୁଛି। ସମସ୍ତେ ଏହି ବିଷୟକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଏନସିଇଆରଟି ବହିରେ ବଦଳିଥିବା ବିଷୟବସ୍ତୁ ସମ୍ପର୍କରେ ଉଲ୍ଲେଖ କରି ବରିଷ୍ଠ ଆଇନଜୀବୀ କପିଲ ଶିବଲ କୋର୍ଟଙ୍କୁ ଜଣାଇଥିଲେ ଯେ ନ୍ୟାୟପାଳିକାରେ ଦୁର୍ନୀତି ପ୍ରସଙ୍ଗକୁ ନେଇ ବାର ଆସୋସିଏସନର ବରିଷ୍ଠ ସଦସ୍ୟମାନେ ବିଚଳିତ ହୋଇପଡିଛନ୍ତି। ସିଜେଆଇ କହିଥିଲେ ଯେ ମୋତେ ଏହି ପ୍ରସଙ୍ଗରେ ଅନେକ ହାଇକୋର୍ଟର ବିଚାରପତି ଫୋନ ଓ ମେସେଜ କରିଛନ୍ତି। ମୁଁ କେବେ ହେଲେ କାହାକୁ ବି ନ୍ୟାୟପାଳିକାର ଅଖଣ୍ଡତାକୁ ଅସମ୍ମାନ କିମ୍ବା ଏହା ଉପରେ ପ୍ରଶ୍ନ ଉଠାଇବାକୁ ଦେବି ନାହିଁ। ଦରକାର ପଡିଲେ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯିବ। ଏହି ପ୍ରସଙ୍ଗକୁ ସରକାର ଓ ନ୍ୟାୟପାଳିକା ମଧ୍ୟରେ ନୂଆ ବିବାଦ ବୋଲି କହି ସିଜେଆଇ ଜୋର ଦେଇ କହିଛନ୍ତି ଯେ ମାମଲା ଯେତେ ଆଗକୁ ବଢ଼ିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଓ ନ୍ୟାୟପାଳିକା ଉପରେ କୌଣସି ପ୍ରକାରର ଆକ୍ରମଣକୁ ଅନୁମତି ମିଳିବନି। ସେ କହିଛନ୍ତି, ଏହା ନ୍ୟାୟପାଳିକା ଉପରେ ଗୋଟିଏ ଯୋଜନାବଦ୍ଧ ଓ ଗଭୀର ଷଡ଼ଯନ୍ତ୍ରର ଅଂଶବିଶେଷ ଭଳି ମନେ ହେଉଛି। ଆମେ କାହାକୁ ବି ନ୍ୟାୟିକ ପ୍ରତିଷ୍ଠାନକୁ ଟାର୍ଗେଟ କରିବାକୁ ଅନୁମତି ଦେବୁ ନାହିଁ।

# ହେମନ୍ତଙ୍କୁ ବଡ଼ ଆଶ୍ୱସ୍ତି ଦେଲେ ସୁପ୍ରିମକୋର୍ଟ

## ଇଡିର ମନି ଲଣ୍ଡରିଂ ମାମଲା ଉପରେ ସ୍ଥଗିତାଦେଶ





ଏଜେନ୍ସି

ନୂଆଦିଲ୍ଲୀ, ୨୫।୨: ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ସୁପ୍ରିମକୋର୍ଟ ଏକ ବଡ଼ ଆଶ୍ୱସ୍ତି ଦେଇଛନ୍ତି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମନି ଲଣ୍ଡରିଂ ମାମଲାରେ ସୋରେନଙ୍କ ବିରୋଧରେ ଟ୍ରାଏଲ୍ କୋର୍ଟରେ ଚଳାଇଥିବା କାର୍ଯ୍ୟଧାରାକୁ ସ୍ଥଗିତ ରଖିଛନ୍ତି। ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ ଓ ବିଚାରପତି ଜୟମାଲ୍ୟ ବାଗଚୀଙ୍କୁ ନେଇ ଗଠିତ ଏକ ଖଣ୍ଡପୀଠ ଇଡି ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। କୋର୍ଟ ଇଡିକୁ ଏକ ନୋଟିସ ଜାରି କରିବା ସହ ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ କହିଛନ୍ତି, ଆପଣ ଅନେକ ବଡ଼ ମାମଲା ଦାୟର କରିଛନ୍ତି। ସେଗୁଡ଼ିକ ଉପରେ ଧ୍ୟାନ ଦେଲେ ଭଲ ହେବ। ହାଇକୋର୍ଟଙ୍କ ଆଦେଶ ଉପରେ ସ୍ଥଗିତାଦେଶ ଦେବା ସମୟରେ, ସିଜେଆଇ ସୂର୍ଯ୍ୟକାନ୍ତ ବ୍ୟାଙ୍ଗାତ୍ମକ ଭାବେ ମନ୍ତବ୍ୟ ଦେଇ କହିଛନ୍ତି, ଆମେ ଖବରକାଗଜରେ ପଢ଼ିଥିଲୁ ଯେ ଇଡି ଅନେକ ମାମଲା ରୁଜୁ କରିଛି। ସେଗୁଡ଼ିକ ଉପରେ ଧ୍ୟାନ ଦିଅନ୍ତୁ ଏବଂ ବଡ଼ ମାମଲାଗୁଡ଼ିକ ଉପରେ ଆପଣଙ୍କର ଶକ୍ତି କେନ୍ଦ୍ରିତ କରନ୍ତୁ, ଯାହା ସକାରାତ୍ମକ ଫଳାଫଳ ଦେବ। ଇଡି ଓକିଲ କୋର୍ଟରେ କହିଥିଲେ ଯେ ହେମନ୍ତ ସୋରେନଙ୍କୁ ସାତ ଥର ସମନ କରାଯାଇଥିଲା, କିନ୍ତୁ ସେ ହାଜର ହୋଇନଥିଲେ। ଇଡିର ଏହି ଅଭିଯୋଗ ପରେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀଙ୍କ ଓକିଲ ମୁକୁଲ ରୋହତଗି ଜବାବ ଦେଇଥିଲେ ଯେ ହେମନ୍ତ ସୋରେନ ତିନି ଥର ହାଜର ହୋଇଥିଲେ କିନ୍ତୁ ତାଙ୍କୁ ଗିରଫ କରାଯାଇଥିଲା।

● ଭୁବନେଶ୍ୱର ● BHUBANESWAR

# ସମାଲୋଚନା

SAMALOCHANA AMA SAMAYARA ଆମ ସମୟର

ବର୍ଷ: ୧ | ସଂଖ୍ୟା: ୨୯୬ | ଭୁବନେଶ୍ୱର | ଗୁରୁବାର, ୨୬ ଫେବ୍ରୁଆରି ୨୦୨୬ | ମୂଲ୍ୟ: ୫ ଟଙ୍କା | ପୃଷ୍ଠା : ୮ | VOLUME: 1 ● ISSUE : 296 ● BHUBANESWAR ● THURSDAY, 26 FEBRUARY 2026 ● PAGE: 8 ● RS: 5 ● RNI NO. ORORI/25/RAA42

## ଇସ୍ରାଏଲରେ ମୋଦୀ

# ଆମେରିକାର ଯୁଦ୍ଧ ବିମାନ ମୁତୟନ

ଏଜେନ୍ସି



ନୂଆଦିଲ୍ଲୀ, ୨୫।୨: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୁଇ ଦିନିଆ ଇସ୍ରାଏଲ ଗସ୍ତରେ ଯାଇ ସେଠାରେ ପହଞ୍ଚିଲାବେଳକୁ ଆମେରିକା ଆଜି ସେଠାରେ ପ୍ରଥମ ଥର ପାଇଁ ଅତ୍ୟାଧୁନିକ ଏଫ୍-୨୨ ରାପ୍ଟର ଲଢୁଆ ବିମାନ ମୁତୟନ କରିଛି। ଇରାନକୁ ନେଇ ଏହି ଅଞ୍ଚଳରେ ଉତ୍ତେଜନା ବୃଦ୍ଧି ପାଇଥିବା ସମୟରେ ଏହି ପଦକ୍ଷେପ ନିଆଯାଇଛି। ରିପୋର୍ଟ ଅନୁଯାୟୀ, ଇସ୍ରାଏଲର ନେଗେଭ ମରୁଭୂମିରେ ଥିବା ଓଭଡା ଏୟାର ବେସରେ ୧୧ଟି ଆମେରିକୀୟ ଏଫ୍-୨୨ ରାପ୍ଟର ଜେଟ ମୁତୟନ କରାଯାଇଛି। ଏହାକୁ ଇରାନ ଉପରେ ଚାପ ପକାଇବା ପାଇଁ ଏକ ରଣନୀତି ଭାବରେ ଦେଖାଯାଉଛି। ବିଶେଷଜ୍ଞମାନେ ଆକଳନ କରୁଛନ୍ତି ଯେ ସମ୍ଭାବ୍ୟ ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରସ୍ତୁତିର ଏହା ଏକ ସଙ୍କେତ। ଇତିହାସରେ ପ୍ରଥମ ଥର ପାଇଁ, ଆମେରିକା କୌଣସି ମିଳିତ ଅଭ୍ୟାସ କିମ୍ବା ତାଲିମ କାର୍ଯ୍ୟକ୍ରମ ବିନା ପ୍ରତ୍ୟକ୍ଷ ଅପରେସନ କିମ୍ବା ସମ୍ଭାବ୍ୟ ଯୁଦ୍ଧ-ମୁଖୀ ମିଶନ ପାଇଁ ଇସ୍ରାଏଲୀ ମାଟିରେ ତାର ଲଢୁଆ ବିମାନ ମୁତୟନ କରିଛି। ଏହି ପଦକ୍ଷେପ ଆମେରିକା ଓ ଇସ୍ରାଏଲ ମଧ୍ୟରେ ଗଭୀର ରଣନୈତିକ ସହଯୋଗକୁ ମଧ୍ୟ ପ୍ରତିଫଳିତ କରେ। ଏଫ୍-୨୨ ରାପ୍ଟର ହେଉଛି ଏକ ପଞ୍ଚମ ପିଢ଼ିର ଗୁପ୍ତ ଯୁଦ୍ଧ ବିମାନ, ଯାହାକୁ ବିଶ୍ୱର ସବୁଠାରୁ ଘାତକ ଓ ଉନ୍ନତ ଯୁଦ୍ଧ ବିମାନ ମଧ୍ୟରୁ ଗୋଟିଏ ବୋଲି ବିବେଚନା କରାଯାଏ। ସତନ୍ତ୍ର ବୈଶିଷ୍ଟ୍ୟଗୁଡ଼ିକ ମଧ୍ୟରେ ଏହାର ଅତ୍ୟାଧୁନିକ ଗୁପ୍ତ ପ୍ରଯୁକ୍ତିବିଦ୍ୟା, ସୁପରକ୍ରୁଜ କ୍ଷମତା ଏବଂ ଉନ୍ନତ ଅସ୍ତ୍ରଶସ୍ତ୍ର ପ୍ରଣାଳୀ ଅନ୍ତର୍ଭୁକ୍ତ, ଯାହା ଏହାକୁ ଶତ୍ରୁ ରାଡାରକୁ ଏଡ଼ାଇ ଦେଇ ସଠିକ ଆକ୍ରମଣ କରିବାକୁ ସକ୍ଷମ କରିଥାଏ।ଆମେରିକା ଏହି ବିମାନକୁ ଇସ୍ରାଏଲ କିମ୍ବା ଅନ୍ୟ କୌଣସି ନାଟୋ ଦେଶକୁ ରପ୍ତାନି କରିନାହିଁ। ରଣନୈତିକ ଗୁରୁତ୍ୱକୁ ଆହୁରି ବୃଦ୍ଧି କରୁଛି। ପଶ୍ଚିମ ଏସିଆର ପରିବର୍ତ୍ତିତ ଭୂରାଜନୈତିକ ପରିସ୍ଥିତି ପରିପ୍ରେକ୍ଷୀରେ ଏହି ବିକାଶକୁ ଦେଖାଯାଉଛି, ଯେଉଁଠାରେ ଆମେରିକା, ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଉତ୍ତେଜନା ଅଧିକ ରହିଛି।

# ମାଓବାଦୀଙ୍କୁ ହତ୍ୟାକରି ପୋତିଦେଲେ ନକ୍ସଲ

(ଏସଏନଏସ)



ଫୁଲବାଣୀ, ୨୫।୨: କନ୍ଧମାଳରେ ସକ୍ରିୟ ଥିବା କେକେବିଏନ୍ ମାଓ ଡିଭିଜନ ମଧ୍ୟରେ ନେତା ନେତାଙ୍କ ମଧ୍ୟରେ ମନୋମାଳିନ୍ୟ କାରଣରୁ ଜଣେ ମାଓବାଦୀଙ୍କୁ ହତ୍ୟା କରି ପୋତି ଦେଇଛନ୍ତି ମାଓ ନେତା। କନ୍ଧମାଳ ଏସପି ହରିଶ ବିସି ସୂଚନା ଦେଇଛନ୍ତି ଯେ, ବର୍ତ୍ତମାନ ସକ୍ରିୟ ଥିବା କେକେବିଏନ୍ ଡିଭିଜନର ଟପ୍ ମାଓ ନେତା ଶୁକ୍ରୁ ଓ ତାର ସହଯୋଗୀମାନେ ଅନ୍ୟ ଜଣେ ମାଓ ନେତା ଅନ୍ୱେଷ (୩୧)କୁ ହତ୍ୟା କରି ମାଟି ତଳେ ପୋତି ଦେଇଥିଲେ। ମାଓ ନେତା ଅନ୍ୱେଷ ଗତ କିଛିଦିନ ତଳେ ନିଜର ୧୨ ଜଣ ସହଯୋଗୀଙ୍କୁ ନେଇ ପୁଲିସ ନିକଟରେ ଆତ୍ମସମର୍ପଣ କରିବାକୁ ଚାହୁଁଥିଲେ। କିନ୍ତୁ ଶୁକ୍ରୁ ଏହାକୁ ବିରୋଧ କରୁଥିଲେ। ଏହି ଘଟଣାକୁ ନେଇ ଶୁକ୍ରୁ ଏବଂ ଅନ୍ୱେଷ ମଧ୍ୟରେ ମନୋମାଳିନ୍ୟ ଦେଖା ଦେଇଥିଲା। ଅନ୍ୱେଷ ପୁଲିସ ନିକଟରେ ଆତ୍ମସମର୍ପଣ କରିବାକୁ ଜିଦ୍ ଧରି ବସିବାରୁ ଶୁକ୍ରୁ ରାଗି ଯାଇଥିଲେ। ଏଣୁ ଗତ ଜାନୁଆରି ମାସ ୨୯ ତାରିଖରେ ଶୁକ୍ରୁ ନିଜର ସହଯୋଗୀଙ୍କ ସହାୟତାରେ ଦାରିଙ୍ଗିବାଡ଼ି ନିକଟସ୍ଥ ପାକାରି ଜଙ୍ଗଲରେ ଅନ୍ୱେଷର ଗଳାକାଟି ◗ ପୃଷ୍ଠା ୫ ଦେଖନ୍ତୁ...

# ଝିଅ ଅନ୍ୟ ଜାତିରେ ବିବାହ କରିଥିବାରୁ ଶବକୁ ମିଳିଲାନି ଚାରି କାନ୍ଧ

(ଏସଏନଏସ)

ନବରଙ୍ଗପୁର, ୨୫।୨: ଝିଅ ଅନ୍ୟ ଜାତିରେ ବିବାହ କରିଥିବାରୁ ଶବକୁ ମିଳିଲାନି ଚାରି କାନ୍ଧ। ପାଖ ପଡ଼ୋଶୀ କେହି ମଧ୍ୟ ମୃତକଙ୍କ ଶବକୁ ଛୁଇଁଲେନି। ଶେଷରେ କୌଣସି ଉପାୟ ନପାଇ ମୃତକଙ୍କ ଭଉଣୀ, ଭାଣିଜୀ, ଅନ୍ୟ ଜାତିରେ ବିବାହ କରିଥିବା ସାନ ଝିଅ ଓ ସାନ ପୁଅ ଦେଲେ କାନ୍ଧ। ଶେଷରେ ଶ୍ମଶାନରେ ଶବକୁ ନେଇ ସତ୍କାର କରିଥିଲେ। ଏଭଳି ଏକ ଜାତି ପ୍ରଥାର କରୁଣ ଦୃଶ୍ୟ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ୍ ଅନ୍ତର୍ଗତ କଂଗ୍ରା ଗ୍ରାମରେ। ତେନ୍ତୁଳିଖୁଣ୍ଟି ବ୍ଲକ ଅନ୍ତର୍ଗତ କଂଗ୍ରା ଗ୍ରାମର ଦୁର୍ଜନ ମାଝୀଙ୍କର ଦେହାନ୍ତ ହୋଇଥିଲା। ତାଙ୍କର ଦୁଇ ଝିଅ ଓ ଜଣେ ପୁଅ। କିନ୍ତୁ ଜଣେ ଝିଅ ଅନ୍ୟ ଜାତିର ପୁଅକୁ ବିବାହ କରିଥିବାରୁ ତାଙ୍କର ଦେହାନ୍ତ ହେବା ପରେ ସମାଜ ଲୋକ କାନ୍ଧଦେବାକୁ ଆସିଲେ ନାହିଁ। ଯାହା ଫଳରେ ଅନ୍ୟ କିଛି ଉପାୟ ନପାଇ ସାନ ପୁଅ ଶିବ ମାଝୀ, ଅନ୍ୟ ଜାତିରେ ବିବାହ କରିଥିବା ସାନ ଝିଅ ସ୍ୱପ୍ନା ମାଝୀ, ମୃତକଙ୍କ ଭଉଣୀ ଓ ଭାଣିଜୀ ମିଶି ଶବକୁ କାନ୍ଧ ଦେଇ ଶ୍ମଶାନକୁ ନେଇ ସତ୍କାର କରିଥିଲେ। କିଛି ପାଖ ପଡ଼ୋଶୀ ଯାଇଥିଲେ ମଧ୍ୟ କେହି ଛୁଇଁ ନ ଥିଲେ। ଯାହାକୁ ନେଇ ସାନ ପୁଅ ଜାତିପ୍ରଥା ନୀତି ନିୟମ ଉପରେ ଆଙ୍ଗୁଳି ଦେଖାଇବା ସହ ନ୍ୟାୟ ଭିକ୍ଷା କରିଛନ୍ତି। ଆଜିର ସଭ୍ୟ ସମାଜରେ ଜାତିପ୍ରଥା ନିୟମକୁ ଚାଲୁ ରଖିଥିବା ଦୁଃଖର ବିଷୟ ବୋଲି ମୃତକଙ୍କ ସାନପୁଅ ଅଭିଯୋଗ ଆଣିଛନ୍ତି। ଏବେ ଜାତିରେ ମିଶିଲେ ହିଁ ମୃତକଙ୍କ ଆଗକୁ ଥିବା କାର୍ଯ୍ୟ କରିପାରିବେ ବୋଲି ସମାଜ ଲୋକେ କହୁଥିବା ଅଭିଯୋଗ ଆଣିଛନ୍ତି।

# ୨ କୁଖ୍ୟାତ ମାଓବାଦୀଙ୍କ ଆତ୍ମସମର୍ପଣ

(ଏସଏନଏସ)

ମାଲକାନଗିରି ୨୫।୨: ମାଲକାନଗିରି ସୀମାନ୍ତ ଛତିଶଗଡ଼ର କାଂକେର ଜିଲ୍ଲା ପୁଲିସ ନିକଟରେ ଆଜି ଦୁଇ ଜଣ କୁଖ୍ୟାତ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ ଡିଭିଜନାଲ କମିଟି ମେମ୍ବର କମଲେଶ ଏବଂ ପାର୍ଟି ସଦସ୍ୟା ରାନୁ ପଡିଆମି। କମଲେଶ ଏକେ-୪୭ ବନ୍ଧୁକ ସହ କାଂକେଲ ଜିଲ୍ଲାର ଛୋଟେବେଠିଆ ବିଏସ୍ଏଫ୍ କ୍ୟାମ୍ପରେ ପ୍ରଥମେ ଆତ୍ମସମର୍ପଣ କରିଥିଲେ। ପରେ ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏସପି ନିଖିଲ ଆଖେଚା, ବିଏସଏଫ କମାଣ୍ଡାଣ୍ଟଙ୍କ ସମ୍ମୁଖରେ ଏହି ଦୁଇ ନକ୍ସଲ ଆତ୍ମସମର୍ପଣ କରିଥିଲେ। କମଲେଶ ନାମରେ ସରକାର ୨୦ ଲକ୍ଷ ଟଂକାର ପୁରସ୍କାର ଘୋଷଣା କରିଥିବା ବେଳେ ରାନୁ ନାମରେ ସରକାର ୫ ଲକ୍ଷ ଟଂକାର ପୁରସ୍କାର ଘୋଷଣା କରିଥିଲେ। ଆତ୍ମସମର୍ପଣ କରିବା ପରେ ଦୁଇ ଜଣଙ୍କୁ ସରକାରଙ୍କ ତରଫରୁ ୫୦ ହଜାର ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ପରେ ଦୁହିଁକୁ ଆତ୍ମନିର୍ଭରଶୀଳ ପାଇଁ ତାଲିମ ପ୍ରଦାନ କରାଯିବ।

## ମା'-ବାପାଙ୍କୁ ଅବହେଳା କରିବା ପଡ଼ିବ ମହଙ୍ଗା

# ପୁଲିସ ସୁରକ୍ଷା ବଳୟରେ ରହିବେ ସିନିୟର ସିଟିଜେନ୍

(ଏସଏନଏସ)



କଟକ, ୨୫।୨: ଏଣିକି ବୃଦ୍ଧ ମା'-ବାପାଙ୍କୁ ଅବହେଳା କରିବା ପଡିବ ମହଙ୍ଗା। ପୁଲିସର ସୁରକ୍ଷା ବଳୟ ଭିତରେ ସୁରକ୍ଷିତ ରହିବେ ବୃଦ୍ଧ ପିତାମାତା। ସିନିୟର ସିଟିଜେନଙ୍କୁ ଓଡ଼ିଶା ପୁଲିସ ସୁରକ୍ଷା ଦେବ। ଏଥିପାଇଁ ହାଇକୋର୍ଟ ନିର୍ଦ୍ଦେଶ ଜାରି କରିଛନ୍ତି। ବୟସ୍କ ବାପା-ମା'ଙ୍କ ସୁରକ୍ଷା ପାଇଁ ଲଢିବ ଓଡ଼ିଶା ପୁଲିସ। ଖାଲି ବାପା-ମା' ନୁହେଁ, ବରିଷ୍ଠ ନାଗରିକଙ୍କ ଭରଣପୋଷଣ ପାଇଁ ବି ପୋଲିସ ଦାୟିତ୍ୱବାନ ରହିବା ଉଚିତ୍ ବୋଲି ଉଚ୍ଚ ନ୍ୟାୟାଳୟ କହିଛନ୍ତି। ଏହା ସ୍ଥାନୀୟ ପୁଲିସ ଏସପିଙ୍କର ଦାୟିତ୍ୱ ବୋଲି ହାଇକୋର୍ଟ ରାୟ ପ୍ରକାଶ କରିଛନ୍ତି। ହାଇକୋର୍ଟ କହିଛନ୍ତି ଯେ, ମାତା-ପିତା ତଥା ବରିଷ୍ଠ ନାଗରିକଙ୍କ ଭରଣପୋଷଣ, କଲ୍ୟାଣ ଅଧିନିୟମ, ୨୦୦୭ ଓ ଓଡ଼ିଶାରେ ପ୍ରଣୟନ ହୋଇଥିବା ଏ ସଂପର୍କିତ ୨୦୦୯ର ନିୟମାବଳୀ ଅନୁସାରେ ନିଜ କାର୍ଯ୍ୟ ପରିସର ଅଞ୍ଚଳର ସମସ୍ତ ବରିଷ୍ଠ ନାଗରିକଙ୍କ ମଙ୍ଗଳ ସୁନିଶ୍ଚିତ କରିବା ଏସପିଙ୍କ ଦାୟିତ୍ୱ। ବିଶେଷ କରି ନିଜ ଘରେ ପୁଅ ଏବଂ ବୋହୂଙ୍କ ଦ୍ୱାରା ନିର୍ଯାତିତ ହେଉଥିବା ବରିଷ୍ଠ ନାଗରିକଙ୍କ ପ୍ରତି ପୋଲିସର ଦାୟିତ୍ୱ ଗୁରୁତ୍ୱପୂର୍ଣ୍ଣ ବୋଲି ହାଇକୋର୍ଟ କହିଛନ୍ତି। ତେବେ ଏଥିରେ ଖିଲାପ ହେଲେ ପୁଲିସ ଏହା ବିରୋଧରେ ପଦକ୍ଷେପ ଗ୍ରହଣ କରିପାରିବ। କୋର୍ଟଙ୍କ ଅନୁସାରେ, ଯଦି ପୁଅ-ବୋହୂଙ୍କ ସହ ବିବାଦର ସମାଧାନ ନ ହୁଏ ତେବେ ଆବେଦନାକରୀ ପିତା ମାତା ୨୦୦୭ର ଅଧିନିୟମ ତଥା ୨୦୦୯ର ନିୟମାବଳୀ ଅନୁଯାୟୀ ସେମାନଙ୍କୁ ନିଜ ଘରୁ ଉଚ୍ଛେଦ ପାଇଁ ପଦକ୍ଷେପ ନେଇପାରିବେ। ଏପରି ପ୍ରକ୍ରିୟାରେ ◗ ପୃଷ୍ଠା ୫ ଦେଖନ୍ତୁ...

## ଯୋଗାଣ ମନ୍ତ୍ରୀଙ୍କ ବଡ଼ ସୂଚନା

# ବଢ଼ିଲା ଧାନକିଣା ଅବଧି

(ଏସଏନଏସ)



ଭୁବନେଶ୍ୱର, ୨୫।୨: ଧାନ ସଂଗ୍ରହ ପାଇଁ ପଞ୍ଜିକରଣ କରିଥିବା ଚାଷୀମାନଙ୍କୁ ସହାୟତା କରିବା ପାଇଁ ବୁଧବାର ଓଡ଼ିଶା ସରକାର ଟୋକନର ବୈଧତା ବୃଦ୍ଧି କରିଛନ୍ତି। ଏନେଇ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ପାତ୍ର ଘୋଷଣା କରିଛନ୍ତି। ରାଜ୍ୟ ସରକାର ଏପର୍ଯ୍ୟନ୍ତ ୬୩,୬୫,୦୦୦ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରିଛନ୍ତି ବୋଲି ସେ ଏକ ଭିଡିଓ ମାଧ୍ୟମରେ ସୂଚନା ଦେଇଛନ୍ତି। ଏଥିସହିତ ବରଗଡ଼ ଏବଂ ସମ୍ବଲପୁର ଜିଲ୍ଲା ପ୍ରାୟ ୯୫% ଧାନ ସଂଗ୍ରହ ସମାପ୍ତ କରିଛନ୍ତି ଓ ସରକାର ପୂର୍ବ ବର୍ଷ ରେକର୍ଡକୁ ଅତିକ୍ରମ କରି ଚଳିତ ବର୍ଷ ୮୦,୦୦,୦୦୦ ମେଟ୍ରିକ୍ ◗ ପୃଷ୍ଠା ୫ ଦେଖନ୍ତୁ...

## ପ୍ରୟାଗରାଜରେ ଶ୍ରୀଜଗନ୍ନାଥ ମନ୍ଦିର ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

# 'ସଂସ୍କୃତି, ଆଧ୍ୟାତ୍ମିକ ଚେତନାର ପୁନଃଜାଗରଣ'

(ଏସଏନଏସ)



ଭୁବନେଶ୍ୱର, ୨୫।୨: ଶ୍ରୀ ଜଗନ୍ନାଥ ମନ୍ଦିରର ଉଦ୍‌ଘାଟନ କେବଳ ଏକ ସ୍ଥାପତ୍ୟର ଶୁଭାରମ୍ଭ ନୁହେଁ। ମାତ୍ର ଏହା ଆସ୍ଥା, ସଂସ୍କୃତି ଏବଂ ଆଧ୍ୟାତ୍ମିକ ଚେତନାର ପୁନଃଜାଗରଣ ବୋଲି ପ୍ରୟାଗରାଜର ପବିତ୍ର ତ୍ରିବେଣୀ ସଙ୍ଗମ କୂଳରେ ନିର୍ମିତ ଜଗନ୍ନାଥ ମନ୍ଦିର ଉଦଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଏହା କହିଛନ୍ତି। ଏହି ଅବସରରେ ଗଙ୍ଗା ଆରତୀରେ ଅଂଶଗ୍ରହଣ କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ଏହି ଜଗନ୍ନାଥ ମନ୍ଦିର ଓଡ଼ିଶାର ଭକ୍ତି ପରମ୍ପରା ଓ ତ୍ରିବେଣୀ ସଙ୍ଗମର ଆଧ୍ୟାତ୍ମିକ ମହିମାକୁ ଏକତ୍ର କରି ଜାତୀୟ ଏକତାର ବାର୍ତ୍ତା ପ୍ରସାର କରିବ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ କାମନା କରି ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ, ପ୍ରୟାଗରାଜରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଦ୍ୱାରା ଉତ୍ତର ଓ ପୂର୍ବ ଭାରତ ମଧ୍ୟରେ ଏକ ସୁଦୃଢ଼ ଆଧ୍ୟାତ୍ମିକ ସେତୁ ସୃଷ୍ଟି ହୋଇଛି। ସେ ◗ ପୃଷ୍ଠା ୫ ଦେଖନ୍ତୁ...

## ଏଥର ନୂଆ ହେବ ବଳଦେବଜିଉ ରଥ

# ବ୍ରହ୍ମତାଳଧ୍ୱଜ ପାଇଁ ୧ କୋଟି ଅନୁଦାନ

(ଏସଏନଏସ)



କେନ୍ଦ୍ରାପଡ଼ା, ୨୫।୨: ଏଥର ନୂଆ ହେବ ତୁଳସୀ କ୍ଷେତ୍ରରେ ଗଡୁଥିବା ବ୍ରହ୍ମ ତାଳଧ୍ୱଜ ରଥ। ଅର୍ଥାତ ପୂର୍ବରୁ ଯେପରି ପୁରୁଣା ରଥକୁ ମରାମତି କରାଯାଉଥିଲା ତାହା ହେବ ନାହିଁ। ରଥ ପାଇଁ ବ୍ୟବହାର ହେଉଥିବା ସମସ୍ତ ଚକ, ଅଖ ନୂଆ ହେବ। ପୂର୍ବ ବର୍ଷର କୌଣସି ପୁରୁଣା କାଠ ବ୍ୟବହାର ହେବ ନାହିଁ। ଏହି ନୂଆ ରଥ ନିର୍ମାଣ ପାଇଁ ସରକାର ଏକ କୋଟି ଟଙ୍କା ପ୍ରଦାନ କରିବେ ବୋଲି ବିଧି ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ବଳଦେବଜୀଉ ମନ୍ଦିର ପ୍ରଶାସନର ଅଧିକାରୀ ବଳଭଦ୍ର ପତ୍ରୀ କହିଛନ୍ତି ନୂତନ ରଥ ନିର୍ମାଣ କରିବା ପାଇଁ ହେଲେ ୩୫୫୦ କୁବିକ ଫୁଟ ଶାଳ କାଠର ଆବଶ୍ୟକତା ରହିଛି। ଏହି କାଠକୁ ବନ ବିଭାଗ ଠାରୁ କିଣିବାକୁ ପଡିବ। କାରଣ ସରକାର କେବଳ ପୁରୀ ରଥଯାତ୍ରା ଓ ଲିଙ୍ଗରାଜ ରଥଯାତ୍ରା ପାଇଁ ମାଗଣାରେ କାଠ ଯୋଗାଇ ଦିଅନ୍ତି। ହେଲେ କେନ୍ଦ୍ରାପଡ଼ାର ବ୍ରହ୍ମତାଳଧ୍ୱଜ ରଥ ପାଇଁ ମାଗଣାରେ ◗ ପୃଷ୍ଠା ୫ ଦେଖନ୍ତୁ...

## ଚୌଦ୍ୱାର ଜେଲ୍ କଳି

# କାର୍ଯ୍ୟାନୁଷ୍ଠାନ ପାଇଁ ଚିଠି ଲେଖିଲେ ଜାତୀୟ ମହିଳା କମିଶନ

(ଏସଏନଏସ)

ଭୁବନେଶ୍ୱର, ୨୫।୨: ଧିରେ ଧିରେ ବିବାଦୀୟ ହେବାରେ ଲାଗିଛି ଚୌଦ୍ୱାର ଜେଲ କଳି। ନୂଆ ମୋଡ ନେବାରେ ଲାଗିଛି ଜେଲର ପୂର୍ବତନ ଜେଲର ଏବଂ ବର୍ତ୍ତମାନର ଜେଲ ଅଧିକ୍ଷକଙ୍କ ଲଢେଇ। ଘଟଣାକୁ ନେଇ ଗୃହ ବିଭାଗ କି ଜେଲ ବିଭାଗ ଆକ୍ସନ ମୋଡକୁ ଆସି ନ ଥିବା ବେଳେ ଗୃହ ବିଭାଗକୁ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଚିଠି ଲେଖିଲେଣି ଜାତୀୟ ମହିଳା କମିଶନ। କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ ବର୍ତ୍ତମାନ ନିଲମ୍ବିତ ଜେଲର ତଥା ପୂର୍ବତନ ଚୌଦ୍ୱାର ଜେଲରେ କାର୍ଯ୍ୟ କରୁଥିବା ଜେଲର ସନ୍ତୋଷିନୀ ଦାଶ। ସନ୍ତୋଷିନୀ କମିଶନଙ୍କ ଠାରେ ନ୍ୟାୟ ପ୍ରାର୍ଥନା କରିଛନ୍ତି। ଯେହେତୁ ତାଙ୍କ ପ୍ରତି ଅନ୍ୟାୟ ହେବା ସହ ତାଙ୍କ ସମ୍ମାନକୁ ହାନି ପହଞ୍ଚାଇଛନ୍ତି ବର୍ତ୍ତମାନର ଚୌଦ୍ୱାର ଜଲେ ଅଧିକ୍ଷକ। ଯାହାକୁ ଆଧାର କରି ଜାତୀୟ ମହିଳା କମିଶନ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମାଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଇଛନ୍ତି କି ଘଟଣାକୁ ଯଥାଶିଘ୍ର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ୩୦ଦିନ ମଧ୍ୟରେ ରିପୋର୍ଟ କମିଶନଙ୍କ ନିକଟରେ ଦାଖଲ କରିବାକୁ ଚିଠିରେ ଉଲ୍ଲେଖ ରହିଛି। ଆଉ ଯେତେବେଳେ ଜାତୀୟ ମହିଳା କମିଶନଙ୍କ ନିର୍ଦ୍ଦେଶ ଗୃହ ବିଭାଗକୁ ଆସିଛି ବିଭାଗରେ ହଲଚଲ ସୃଷ୍ଟି ହୋଇଛି। ଯାହା ପାଇଁ ଏବେ ରାଜ୍ୟ ସରକାରଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି। କାହିଁକି ନା କେବଳରେ ଆଜି ଜାତୀୟ ମହିଳା କମିଶନଙ୍କ ନିକଟରୁ ନିର୍ଦ୍ଦେଶ ଆସିଛି ତାହା ନୁହେଁ ନିଲମ୍ବିତ ଜେଲର ମାନ୍ୟବର ହାଇକୋର୍ଟଙ୍କ ନିକଟରେ ମଧ୍ୟ ଫେରାଦ ହୋଇଛନ୍ତି। ତାହା ସହ ◗ ପୃଷ୍ଠା ୫ ଦେଖନ୍ତୁ...

# ମହିଳାଙ୍କୁ ମିଳିବ 'ଜରାୟୁ କ୍ୟାନ୍ସର' ଟିକା

(ଏସଏନଏସ)




ଭୁବନେଶ୍ୱର, ୨୫।୨: କେନ୍ଦ୍ର ସରକାର ଦେଶରେ ମହିଳା ସ୍ୱାସ୍ଥ୍ୟକୁ ସୁଦୃଢ଼ କରିବା ପାଇଁ ଏକ ବଡ଼ ପଦକ୍ଷେପ ନେଉଛନ୍ତି। ଏହି ପଦକ୍ଷେପ ଅନ୍ତର୍ଗତ, ସାରା ଭାରତରେ ଏଚପିଭି (ହ୍ୟୁମାନ୍ ପାପିଲୋମାଭାଇରସ୍) ଟୀକାକରଣ କାର୍ଯ୍ୟକ୍ରମ ଖୁବ୍ ଶୀଘ୍ର ଆରମ୍ଭ ହେବାକୁ ଯାଉଛି। ଏହାର ଲକ୍ଷ୍ୟ ହେଉଛି ସମୟ ମଧ୍ୟରେ ଝିଅମାନଙ୍କୁ ସର୍ଭାଇକାଲ୍ କର୍କଟରୁ ସୁରକ୍ଷା ଦେବା। ଓଡ଼ିଶାରେ ମଧ୍ୟ କିଶୋରୀ ଓ ମହିଳାଙ୍କ ପାଇଁ ବଡ଼ ଆଶ୍ୱସ୍ତି ମିଳିଛି। ମହିଳାଙ୍କୁ ମିଳିବ 'ଜରାୟୁ କ୍ୟାନସର' ସୁରକ୍ଷା କବଚ। ସମସ୍ତଙ୍କୁ ବ୍ୟୟ ବହୁଳ ଇଞ୍ଜେକ୍ସନ୍ ବା ଟିକା ମାଗଣା ଦିଆଯିବ। ଆସନ୍ତା ୨୮ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଚ୍ପିଭି ଇଞ୍ଜେକ୍ସନ୍ ପ୍ରଦାନ ନେଇ ଶୁଭାରମ୍ଭ କରିବେ। ଏନେଇ ପରିବାର କଲ୍ୟାଣ ନିର୍ଦ୍ଦେଶାଳୟ ଜୋରଦାର ପ୍ରସ୍ତୁତି ଆରମ୍ଭ କରିଛି। ଏହା ମହିଳାଙ୍କୁ ସଞ୍ଜିବନୀ ଭଳି କାମ କରିବ। ରାଜ୍ୟରେ ପର୍ଯ୍ୟାୟ କ୍ରମେ ବିଭିନ୍ନ ଜିଲ୍ଲାରେ ଟିକା ପ୍ରଦାନ କରାଯିବ। ସ୍ୱାସ୍ଥ୍ୟ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟରେ ୨୮ରେ ଏଚ୍ପିଭି ଭ୍ୟାକ୍ସିନ୍ ଦିଆଯିବ। ସେଥିପାଇଁ ପରିବାର କଲ୍ୟାଣ ନିର୍ଦ୍ଦେଶାଳୟ ରୂପରେଖ ପ୍ରସ୍ତୁତ କରିଛି। ଏକ ସ୍ୱତନ୍ତ୍ର ମାଇକ୍ରୋ ପ୍ଲାନ୍ ପ୍ରସ୍ତୁତି ଆରମ୍ଭ କରିଛି। ଟିକା ପ୍ରଦାନ ଲାଗି ସ୍ୱାସ୍ଥ୍ୟକର୍ମୀଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। କେନ୍ଦ୍ର ସରକାର ଟିକା ପ୍ରଦାନ କରିଛନ୍ତି। ଏହି ଟିକା ଦୁଇ ଦିନ ଭିତରେ ଓଡ଼ିଶାରେ ପହଞ୍ଚିବ। ଆଶାକର୍ମୀ ଓ ଅଙ୍ଗନାଡି କର୍ମୀଙ୍କୁ କିଶୋରୀଙ୍କ ଚିହ୍ନଟ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେଥିପାଇଁ କେନ୍ଦ୍ର ସରକାର ଏକ ସ୍ୱତନ୍ତ୍ର ମାର୍ଗଦର୍ଶିକା ପ୍ରସ୍ତୁତ କରିଛନ୍ତି।

‘ନେତାଙ୍କ ପାଇଁ ଅପେକ୍ଷା କରନାହିଁ; କେବଳ ବ୍ୟକ୍ତି ଭାବରେ କର। ଛୋଟ ଛୋଟ କଥାରେ ବିଶ୍ୱସ୍ତ ରୁହ କାରଣ ସେଥିରେ ହିଁ ତୁମର ଶକ୍ତି ନିହିତ ଅଛି।’

-ମଦର ଟେରେସା



## କେତେ ସୁରକ୍ଷିତ ଆମ ଯାତ୍ରୀ

ଭାରତରେ ସଡ଼କ ଦୁର୍ଘଟଣା ଭଳି ଟ୍ରେନ୍ ଦୁର୍ଘଟଣା ସ୍ଥିତି ନିଃସନ୍ଦେହରେ ଚିନ୍ତାଜନକ। ହାରାହାରି ହିସାବ ଧରିଲେ, ଦେଶରେ ପ୍ରତିଦିନ ଟ୍ରେନ୍ ଦୁର୍ଘଟଣା ଘଟୁଛି। ଏନ୍‌ସିଆର୍‌ବିର ତାଜା ତଥ୍ୟ ଅନୁସାରେ, ୨୦୨୧ରେ ୧୭,୯୯୩ଟି ଟ୍ରେନ୍ ଦୁର୍ଘଟଣା ଘଟିଥିବା ବେଳେ ଏଥିରେ ୧୬,୪୩୧ ଜଣଙ୍କର ମୃତ୍ୟୁ ଘଟିଛି। ଅର୍ଥାତ୍, ଦେଶରେ ହାରାହାରି ଦିନକୁ ୪୯ଟି ଦୁର୍ଘଟଣା ଘଟୁଛି ଏବଂ ମୃତ୍ୟୁସଂଖ୍ୟା ହେଉଛି ୪୫। ଦେଶରେ ଯେତେସବୁ ଟ୍ରେନ୍ ଦୁର୍ଘଟରା ହେଉଚି, ତା’ ଭିତରେ ସବୁଠୁ ଅଧିକ ହେଉଛି ଟ୍ରେନ୍‌ରୁ ଯାତ୍ରୀ ଖସି ପଡ଼ିବା ଅଥବା ଟ୍ରାକରେ ଲୋକଙ୍କ ସହ ଧକ୍କାଜନିତ ଘଟଣା। ୨୦୨୧ରେ, ଏ ଧରଣର ଦୁର୍ଘଟଣାରେ ୧୧,୦୩୬ ଲୋକଙ୍କ ପ୍ରାଣ ଯାଇଛି। ମୋଟ ଦୁର୍ଘଟଣାର ଏହା ୬୭ ପ୍ରତିଶତ। ୨୦୧୭-୧୮ ଓ ୨୦୨୧-୨୨ ମଧ୍ୟରେ, ଭୟଙ୍କର ପରଣାମବିଶିଷ୍ଟ ଦୁର୍ଘଟଣା ୫୩ ପ୍ରତିଶତ କମିଛି। ୨୦୧୭-୧୮ରେ ଏ ଧରଣର ୭୨ଟି ଘଟିଥିଲା ବେଳେ ୨୦୨୧-୨୨ରେ ଏହା ୩୪କୁ ଖସି ଆସିଥିଲା। ସେହିପରି, ଏଭଳି ଦୁର୍ଘଟଣାରେ ମୃତ୍ୟୁସଂଖ୍ୟା ମଧ୍ୟ କମିଛି। ଏହି ସମୟ ମଧ୍ୟରେ ମୃତ୍ୟୁସଂଖ୍ୟା ୫୮ରୁ ୧୭କୁ ହ୍ରାସ ପାଇଛି। ଅର୍ଥାତ୍, ଏଥିରେ ୭୧ ପ୍ରତିଶତ ହ୍ରାସ ଘଟିଛି। ୨୦୧୭-୧୮ରେ, ରେଳବାଇ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ବାବାଦରେ ଦେଇଛନ୍ତି ୧.୮୮ କୋଟି ଟଙ୍କା। ଏ କ୍ଷେତ୍ରରେ ମଧ୍ୟ ହ୍ରାସ ଘଟିଛି। ୨୦୨୧-୨୨ରେ ଏହା ମାତ୍ର ୮୫.୮୮ ଲକ୍ଷ ଟଙ୍କାକୁ ଖସି ଆସିଛି। ଏନ୍‌ସିଆର୍‌ବି ରିପୋର୍ଟ ଏହା ଦର୍ଶାଉଛି। ତେବେ ସିଏଜି ରିପୋର୍ଟରେ କିଛି ଚିନ୍ତାଜନକ ଚିତ୍ର ରହିଛି। ରିପୋର୍ଟରେ କୁହାଯାଇଛି ଯେ ୨୦୧୭ରୁ ୨୦୨୧ ମଧ୍ୟରେ ଟ୍ରାକ୍ ଯାଞ୍ଚ କାର୍ଯ୍ର ଠିକ୍ ଭାବରେ ହୋଇନାହିଁ। ମୋଟ ଯେତିକି ଟ୍ରାକ୍‌ର ଯାଞ୍ଚ ହେବା କଥା, ତାହାର ଅଧାରୁ ଅଧିକ ହୋଇନି। ଏଥିରୁ ସୁରକ୍ଷା ହେଉଥିବା ଅବହେଳା ସ୍ପଷ୍ଟ ହୋଇଛି। ଦୁର୍ଘଟଣାର ପ୍ରମୁଖ କାରଣଗୁଡ଼ିକ ହେଉଛି ଟ୍ରାକ୍‌ର ନିୟମିତ ଯାଞ୍ଚ ନ ହେବା, ଟ୍ରେନ୍‌ଗୁଡ଼ିକର ଉପଯୁକ୍ତ ରକ୍ଷଣାବେକ୍ଷଣ ନ ହେବା, ସିଗ୍‌ନାଲ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ଦାୟିତ୍ୱ ନିର୍ବାହରେ ଚରମ ଅବହେଳା।

ଗତ ଜୁନ୍ ୨ ତାରିଖରେ ଓଡ଼ିଶାର ବାହାନଗାରେ ଯେଉଁ ଦୁର୍ଘଟଣା ଘଟିଲା, ତାହା କେବଳ ଭାରତ ନୁହେଁ, ବିଶ୍ୱର ସବୁଠୁ ଭୟଙ୍କର ଓ ହୃଦୟବିଦାରକ ଦୁର୍ଘଟଣା ମଧ୍ୟରୁ ଅନ୍ୟତମ। ଏହି ଦୁର୍ଘଟଣାରେ ତିନୋଟି ଟ୍ରେନ୍ କ୍ଷତିଗ୍ରସ୍ତ ହୋଇଛି ଏବଂ ୨୯୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ପ୍ରାୟ ହଜାରେ ଲୋକ ଆହତ ହୋଇଛନ୍ତି। ସିଆର୍‌ଏସ୍ ତଦନ୍ତ ରିପୋର୍ଟରେ ଇଲେକ୍‌ଟ୍ରୋନିକ୍ ଇଣ୍ଟରଲକିଂ ସିଷ୍ଟମ୍ ପଦ୍ଧତିରେ ତ୍ରୁଟି ଥିବା ଦର୍ଶାଯାଇଛି। ଇଲେକ୍‌ଟ୍ରୋନିକ୍ ଇଣ୍ଟରଲକିଂ ସିଷ୍ଟମ୍ ପରିବର୍ତ୍ତନ କଲେ ୧୪ ସେକେଣ୍ଡରେ ସିଗ୍‌ନାଲ ପରିବର୍ତ୍ତନ ହେବା କଥା। ହେଲେ ଦୁର୍ଘଟଣା ଦିନ ସିଗ୍ନାଲରେ ଅସ୍ୱାଭାବିକ ପରିବର୍ତ୍ତନ ଦେଖାଦେଇଥିଲା। ସିଗ୍‌ନାଲ ପରିବର୍ତ୍ତନ ପାଇଁ ୩୭ ସେକେଣ୍ଡ ସମୟ ନେଇଥିଲା। ଏଭଳି ଅସ୍ୱାଭାବିକ ପରିବର୍ତ୍ତନକୁ ଅଣଦେଖା କରିଥିଲେ ଷ୍ଟେସନ ମାଷ୍ଟର। ଅସ୍ୱାଭାବିକ ପରିବର୍ତ୍ତନ ନେଇ ଷ୍ଟେସନ ମାଷ୍ଟର ରିପୋର୍ଟ କରିବାର ଥିଲା। ରିପୋର୍ଟ କରିବା ସହ କରମଣ୍ଡଳ ଏକ୍ସପ୍ରେସକୁ ରୋକିବାର ଥିଲା। ହେଲେ ଷ୍ଟେସନ ମାଷ୍ଟର ଏହା କରି ନ ଥିଲେ। ଯାହା ଫଳରେ ଦୁର୍ଘଟଣା ଘଟିଥିଲା। ବାହାନଗା ବଜାର ଷ୍ଟେସନର ଆଧୁନିକୀକରଣକୁ ଗୁରୁତ୍ୱ ଦିଆଯାଇନି ବୋଲି ସିଆର୍‌ଏସ୍ ତଦନ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ୨୦୧୮ରେ ବାହାନଗା ବଜାର ଷ୍ଟେସନର ସିଗ୍‌ନାଲ ସର୍କିଟ ପଏଣ୍ଟ ବଦଳିଥିଲା। କିନ୍ତୁ ଏହି ପରିବର୍ତ୍ତନକୁ ଡକ୍ୟୁମେଣ୍ଟେଡ୍ କରାଯାଇ ନ ଥିଲା। ୱେୟାରିଂ ଡାଇଗ୍ରାମରେ ଏହି ପରିବର୍ତ୍ତନ ଦୃଶ୍ୟମାନ ହେଉ ନ ଥିଲା। ଏହିପରି ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଏବେ ସାମନାକୁ ଆସିଛି। ଏବେ ପୁଣି ଏକ ବଡ଼ ଅଘଟଣ ଘଟିଛି। ତେଲେଙ୍ଗାନାରେ ହାଓ୍ୱଡା-ସିକନ୍ଦରାବାଦ ଫାଲକନୁମା ଏକ୍‌ସପ୍ରେସରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ବିଶାଖାପାଟଣାର ପାଗଡ଼ିପାଲି-ବୋମାଇପାଲି ନିକଟରେ ଟ୍ରେନ୍‌ରେ ନିଆଁ ଲାଗିଯାଇଛି। ତେବେ ସୌଭାଗ୍ୟକୁ ଯାତ୍ରୀମାନଙ୍କର କିଛି କ୍ଷୟକ୍ଷତି ହୋଇ ନାହିଁ। ଯାତ୍ରୀମାନେ ଭୟଭୀତ ଅବସ୍ଥାରେ ତୁରନ୍ତ ଟ୍ରେନ୍‌ରୁ ଓହ୍ଲାଇ ପଡ଼ିଥିଲେ। ହେଲେ ଯାତ୍ରୀଙ୍କର ଆସବାବପତ୍ର ନିଆଁରେ ପୋଡ଼ିଯାଇଛି। ଅଗ୍ନିକାଣ୍ଡରେ ୩ଟି ବଗି ଜଳି ପାଉଁଶ ହୋଇଯାଇଛି। ବାରମ୍ବାର ଟ୍ରେନ୍ ଅଘଟଣ ହେଉଥିବାରୁ ରେଳବାଇ ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଦେଶରେ ୧୯୫୪ରୁ ୨୦୧୬ ଭିତରେ ବହୁ ବଡ଼ବଡ଼ ଦୁର୍ଗଟଣା ଘଟି ଅନେକ ଲୋକଙ୍କ ଜୀବନ ଯାଇଛି। ୨୦୧୬ରେ ଉତ୍ତର ପ୍ରଦେଶରେ ଇନ୍ଦୋର-ପାଟନା ଏକ୍‌ସପ୍ରେସ ଦୁର୍ଘଟଣାଗ୍ରସ୍ତ। ଏଥିରେ ୧୪୬ ଯାତ୍ରୀଙ୍କର ମୃତ୍ୟୁ ଘଟିଥିଲା। ୨୦୧୦ ମେ’ ମାସରେ ପଶ୍ଚିମବଙ୍ଗରେ ହୋଇଥିବା ଦୁର୍ଘଟଣାରେ ୧୪୬ ଜଣଙ୍କର ଜୀବନ ଯାଇଥିବା ବେଳେ ଦୁଇ ଶହରୁ ଅଧିକ ଲେକ ଆହତ ହୋଇଥିଲେ। ସେହିପରି, ୨୦୦୨ ଆଉ ଏକ ବଡ଼ ଦୁର୍ଘଟଣା ହୋଇଥିଲା। ରାଜଧାନୀ ଏକ୍‌ସପ୍ରେସ କୋଲକାତାରୁ ଦିଲ୍ଲୀ ଯାଉଥିଲା ବେଳେ ଧାବିଠାରେ ଲାଇନ୍‌ଚ୍ୟୁତ ହୋଇଥିଲା। ଏଥିରେ ୧୨୦ ଯାତ୍ରୀଙ୍କର ମୃତ୍ୟୁ ଘଟିଥିଲା। ୨୦୦୬ ଜୁଲାଇରେ ମୁମ୍ବାଇରେ ଟ୍ରେନ୍ ଓ ଷ୍ଟେସନଗୁଡ଼ିକରେ ବଡ଼ଧରଣର ଆକ୍ରମଣ ହୋଇଥିଲା ଏବଂ ଏଥିରେ ୧୮୬ ଲୋକଙ୍କର ମୃତ୍ୟୁ ଘଟିଥିଲା ବେଳେ ୭୦୦ ଲୋକ ଆହତ ହୋଇଥିଲେ। ୧୯୯୯ ଅଗଷ୍ଟରେ ପଶ୍ଚିମବଙ୍ଗରେ ହୋଇଥିବା ଦୁର୍ଘଟଣାରେ ୨୮୫ ଜଣଙ୍କର ମୃତ୍ୟୁ ଘଟିଥିଲା ବେଳେ ୩୧୨ ଜଣ ଆହତ ହୋଇଥିଲେ। ସେହିପରି ୧୯୯୮ରେ ପଞ୍ଜାବରେ ସିଆଲଦା ଏକ୍‌ସପ୍ରେସ ଦୁର୍ଘଟଣାରେ ୨୧୦ ଜଣଙ୍କର ମୃତ୍ୟୁ ଘଟିଥିଲା। ୧୯୯୫ରେ ଫିରୋଜାବାଦ ଦୁର୍ଘଟଣାରେ ୩୦୦ ଯାତ୍ରୀଙ୍କର ମୃତ୍ୟୁ ଘଟିଥିଲା ବେଳେ ୩୪୪ ଜଣ ଆହତ ହୋଇଥିଲେ। ୧୯୮୧ ବିହାରରେ ହୋଇଥିବା ଟ୍ରେନ୍ ଦୁର୍ଘଟଣାରେ ୮୦୦ ଲୋକଙ୍କର ମୃତ୍ୟୁ ଘଟିଥିବା ବେଳେ ୧୯୫୬ ନଭେମ୍ବରରେ ମରୁଦ୍ୱାରରେ ହୋଇଥିବା ଦୁର୍ଘଟଣାରେ ୧୫୪ ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା ଓ ୧୧୫ ଜଣ ଆହତ ହୋଇଥିଲେ। ୧୯୫୪ ସେପ୍ଟେମ୍ବରରେ ଏକ ବ୍ରିଜ୍ ଭୁଶୁଡ଼ି ପଡ଼ିବାରୁ ଦିଲ୍ଲୀ ଯାଉଥିବା ଏକ ଟ୍ରେନ୍ ନଦୀକୁ ଖସି ପଡ଼ିଥିଲା। ଏଥିରେ ୧୩୭ ଯାତ୍ରୀଙ୍କର ଜୀବନ ଯାଇଥିଲା। ଏସବୁ ହେଉଛି କେତେକ ପ୍ରମୁଖ ଦୁର୍ଘଟଣା। ଏହା ବାଦ୍, ଆହୁରି ବହୁ ଦୁର୍ଘଟଣା ଘଟିଛି। ସରକାର ରେଳ ତଥା ଯାତ୍ରୀ ସୁରକ୍ଷାକୁ ସବୁଠୁ ଅଧିକ ଗୁରୁତ୍ୱ ଦେଉଥିବା କଥା କହୁଥିବା ବେଳେ ବାରମ୍ବାର କାହିଁକି ଏଭଳି ଦୁର୍ଘଟଣା ଘଟୁଛି, ତାହା ଏକ ବଡ଼ ପ୍ରଶ୍ନ।

### ଶ୍ରୀଜଗନ୍ନାଥ ଆଧ୍ୟାତ୍ମିକ କେନ୍ଦ୍ର

## ମହାମହିମ ଓ ଜାମସେଦପୁରର ଓଡ଼ିଆ



ବାଦଲ ଭୂୟାଁ

ସମଗ୍ର ଭାରତ ବର୍ଷରେ ଓଡ଼ିଆକୁ ଦ୍ୱିତୀୟ ମାତୃଭାଷାର ମାନ୍ୟତା ଦେଇଥିବା ରାଜ୍ୟ ହେଉଛି ଝାଡ଼ଖଣ୍ଡ। ଓଡ଼ିଶାକୁ ଲାଗିଥିବା ଏହି ରାଜ୍ୟଟି ଶିଳ୍ପ କ୍ଷେତ୍ର ଭାବେ ସମୃଦ୍ଧ। ଅନେକ ଓଡ଼ିଆ ପିଢ଼ି ପିଢ଼ି ଧରି ଏଠାରେ ବୃତ୍ତିଗତ କର୍ମସଂସ୍ଥାନ ନିମିତ୍ତ ରହି ଆସୁଛନ୍ତି ଓ ସମଗ୍ର ଝାଡ଼ଖଣ୍ଡର ବିଭିନ୍ନ ଅନୁଷ୍ଠାନରେ ପ୍ରତିଷ୍ଠିତ ପଦପଦବୀରେ ଶୀର୍ଷ କ୍ଷେତ୍ର ଓ ଲୋକପ୍ରିୟ ବ୍ୟବସ୍ଥା କ୍ଷେତ୍ରରେ ସୁନାମ ଅର୍ଜନ କରିଛନ୍ତି। ବଡ଼ ଖୁସିର କଥା ଆଜି (୨୬ ଫେବୃଆରୀ)ରେ ଭାରତର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଭାରତର ସର୍ବପୁରାତନ ଲୌହନଗରୀ ଜାମସେଦପୁର ଠାରେ ଶ୍ରୀଜଗନ୍ନାଥ ଆଧାତ୍ମିକ ଓ ସାଂସ୍କୃତିକ ଧର୍ମାର୍ଥୀ କେନ୍ଦ୍ର ଟ୍ରଷ୍ଟର ଭୂମି ପୂଜନ କାର୍ଯ୍ୟକ୍ରମରେ ଯୋଗଦେବେ। ଏହି କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ଏଠାକାର ସୋନାରୀ ଏୟାରପୋର୍ଟଠାରେ ୧୧ଟା ୩୦ ସକାଳ ସମୟରେ ଅବତରଣ କରିବେ। ଏଠାରୁ ସେ କଦମା ମେରିନ୍ ଡ୍ରାଇବଠାରେ ଅବସ୍ଥିତ ଭୂମିପୂଜନ ସ୍ଥଳରେ ପହଞ୍ଚି ଦିନ ୨ଟା ୪୦ ମିନିଟ ପର୍ଯ୍ୟନ୍ତ ସେଠାରେ ଅବସ୍ଥିତ ରହିବେ। ଏହାପରେ ମେରିନ ଡ୍ରାଇବ୍‌ରୁ ମହାରାଣାପ୍ରତାପ ଛକ, ଜେ.ପି. ବସ ଟର୍ମିନାଲ, ଏଗ୍ରିକୋ ରାସ୍ତା ବାରେଡ଼ିସ୍ଥିତ ଟାଟା ମଣିପାଲ ମେଡ଼ିକାଲ କଲେଜ ପହଞ୍ଚିବେ ଯେଉଁଠି ୩ଟା ୪୦ ମିନିଟ ପର୍ଯ୍ୟନ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ରହିବେ। ଟାଟା ମଣିପାଲର ନୂଆ ଏକାଡ଼େମିକ କ୍ଲବର ଉଦ୍‌ଘାଟନ କରିବା ସହ ହସ୍ପିଟାଲ ପ୍ରବନ୍ଧନ ଦ୍ୱାରା ତିଆରି କରାଯାଉଥିବା ‘ଦ୍ରୌପଦୀ ମୁର୍ମୁ କମ୍ପ୍ଲେକ୍ସ’ର ଭୂମି ପୂଜନ କାର୍ଯ୍ୟକ୍ରମରେ ଯୋଗଦେବେ।

କଲେକଟୋରେଟ୍ ପୂର୍ବସିଂହଭୂମ, ଜାମସେଦପୁରଙ୍କ ସଭାଗୃହରେ ଡେପୁଟି କମିଶନର କର୍ଣ୍ଣ ସତ୍ୟାର୍ଥୀଙ୍କ କାର୍ଯ୍ୟାଳୟଠାରେ ହେଉଥିବା ସମୀକ୍ଷା ବୈଠକରେ ସୁରକ୍ଷା, ଯାତାୟାତ ରୁଟ ଚାର୍ଟ, ପାର୍କିଂ ଚିକିତ୍ସାଳୟ ବ୍ୟବସ୍ଥା, ଅଗ୍ନିଶମ ବ୍ୟବସ୍ଥା, ସ୍ୱଚ୍ଛତା, ପ୍ରୋଟୋକଲ ଅନୁପାଳନ ବିଷୟ ସମ୍ବନ୍ଧିତ ବିଷୟ ଉପରେ ବିଶେଷ ସମୀକ୍ଷା କରାଯାଇଥିଲା। ଡି.ସି. ସତ୍ୟାର୍ଥି ନିର୍ଦ୍ଦେଶ ଦେଲେ ଯେ ସବୁକାମ ସମୟ ଅନୁସାରେ ଓ ବ୍ୟବସ୍ଥିତ ଭାବରେ ହେବା ଦରକାର। କାର୍ଯ୍ୟକ୍ରମସ୍ଥଳରେ ପ୍ରବେଶପତ୍ର, ସେଗୁଡ଼ିକର ସତ୍ୟାପନ, ମିଡ଼ିଆ ପ୍ରବନ୍ଧନ, ଅତିଥି ସତ୍କାର ପ୍ରୋଟୋକଲ ଅନୁସାରେ ସବୁ କାମ ହେବା ଦରକାର। ସେ ସବୁ ବିଭାଗକୁ କହିଲେ, ରାଷ୍ଟ୍ରପତିଙ୍କ ଆମ ଜିଲ୍ଲାକୁ ଆସିବା ଏକ ସମ୍ମାନର କଥା। ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମ ପାଇଁ ସକାଳ ୧୧ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ସହରରେ ନୋ ଏଣ୍ଟ୍ରି ଲାଗୁ ହୋଇଯିବ। ଭୂୟାଁଡିହ ସ୍ଥିତ ଜେ.ପି. ବସ ଟର୍ମିନାଲଠୁ ଯାଉଥିବା ଦୂରଗାମୀ ବସ ସବୁ ଚାଲିବ ନାହିଁ। ଅନ୍ୟ ଭିଆଇପି ଆଗମନରେ ଡୋକୋ (ସୋନାରୀ) ପୋଲର ଆରପଟୁ ବସ ସବୁ ଚଲାଯଏ, କିନ୍ତୁ ରାଷ୍ଟ୍ରପତିଙ୍କ ସହରରେ ରହିବା ପର୍ଯ୍ୟନ୍ତ ଏହି ବସ ରୁଟକୁ ପୁରାପୁରି ବନ୍ଦ ରଖାଯିବ। ଲମ୍ବା ଦୂରଗାମୀ ବସର ପରିଚାଳନା ଡିମନା ଛକ ଏବଂ ପାରିଡ଼ିହ ଛକଠାରୁ ପରିଚାଳିତ ହେବ। ଚାଇଁବସା ଏବଂ ଓଡ଼ିଶା ଯାଉଥିବା ବସ ସବୁ ସାକଚି ସ୍ଥିତି ଡୁବୁଲୀ ପାର୍କ ଗେଟ କିମ୍ବା ବିଷ୍ଟୁପୁରଠାରୁ ବାହାରିବାର ବ୍ୟବସ୍ଥା କରାଯାଇଛି। ଟ୍ରଷ୍ଟକୁ ଦୀର୍ଘ କିଛି ବର୍ଷର ପରିଶ୍ରମ ପରେ ଦୁଇ ଏକର ଆଠ ପାଖାପାଖି ତିନି ଏକର ଜମି କଦମାସ୍ଥ ଖଡ଼ଖାଇ ନଇକୂଳ ମେରିନ ଡ୍ରାଇବଠାରେ ସେତେବେଳର ରାଜ୍ୟପାଳ ଦ୍ରୌପଦୀ ମୁର୍ମୁ, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ମୁଖ୍ୟମନ୍ତ୍ରୀ ରଘୁବର ଦାସଙ୍କ ଯୋଗୁଁ ମାତ୍ର ଏକ ଟଙ୍କାରେ ମିଳିଛି। ଏସବୁ ପଛର ମହାନାୟକ ଓ ଏଠାକାର ଓଡ଼ିଆମାନଙ୍କର ପ୍ରାଣସ୍ପନ୍ଦନ ସୁରେନ୍ଦ୍ର କୁମାର ବେହେରାଙ୍କ ପ୍ରୟାସର ଏହା ହେଉଛି ମାନସ ସନ୍ତାନ। ହାତରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ, ବିଭିନ୍ନ ସମସ୍ୟାକୁ ସମ୍ମୁଖୀନ କରି ଆଜି ଏ ସଂସ୍ଥା ମୁଣ୍ଡ ଟେକିବାକୁ ଯାଉଛି। ଏହି କାର୍ଯ୍ୟକ୍ରମରେ ୧୨ଶହରୁ ୧୫ଶହ ବ୍ୟକ୍ତି ବିଶେଷ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ପୁରୀରୁ ପ୍ରସାଦ ରନ୍ଧନ ପାଇଁ ପୂଜାରୀ



ଆସିବାର ବ୍ୟବସ୍ଥା ହୋଇଛି। କାର୍ଯ୍ୟକ୍ରମରେ ହୋମ, ପୂଜା, ନବରତ୍ନ ଓ ଅନ୍ୟାନ୍ୟ ବିଧି ବିଧାନରେ ଭୂମିପୂଜନର ବ୍ୟବସ୍ଥା କରାଯାଇଛି। ପ୍ରାୟ ୧୦୦ କୋଟି ଟଙ୍କା ବ୍ୟୟରେ ଏହି ଟ୍ରଷ୍ଟ ଗଠନ ହେବାକୁ ଯାଉଛି। ଏଥିରେ ଜଗନ୍ନାଥଙ୍କ ଉପରେ ବିଭିନ୍ନ ତଥ୍ୟ ସମ୍ବଳିତ ଚିତ୍ର ଓ ଚରିତ୍ର ସବୁ ଭକ୍ତଙ୍କ ପାଇଁ ଉପଲବ୍ଧ ହେବ। କଲେଜ ଓ ୟୁନିଭରସିଟି ସ୍ତରର ପିଲାମାନେ ଗୀତା, ମହାଭାରତ, ରାମାୟଣ ସହ ଜଗନ୍ନାଥ ତତ୍ତ୍ୱ ଉପରେ ଜ୍ଞାନ ଆହରଣ କରିବାର ବ୍ୟବସ୍ଥା କରାଯିବ ବୋଲି ଜଣାପଡ଼ିଛି।

ଜାମସେଦପୁର ସହରର ଛାମୁଆ ଅନୁଷ୍ଠାନ ଉତ୍କଳ ଆସୋସିଏସନ, ବାନ୍ଧବ ସମିତି, ଗୋଲମୁରୀ ଉତ୍କଳ ସମାଜ, ଆମ ଓଡ଼ିଶା ପରିବାର ଛାପ ବିଭିନ୍ନ ଜଗନ୍ନାଥ ମନ୍ଦିର, ଦୁର୍ଗାପୂଜା ଅନୁଷ୍ଠାନ, ସଂକୀର୍ତ୍ତନ ମଣ୍ଡଳୀ ଛଡ଼ା ପୁରା କୋହ୍ଲାଦ ବା ପୂର୍ବ-ସିଂହଭୂମ, ପଶ୍ଚିମ-ସିଂହଭୂମ ଓ ଷଢ଼େଇକଳା-ଖରସୁଆଁ ଜିଲ୍ଲାର ବିଭିନ୍ନ ଓଡ଼ିଆ ଅନୁଷ୍ଠାନ ଛଡ଼ା ଅଣଓଡ଼ିଆ ଅନୁଷ୍ଠାନର ବ୍ୟକ୍ତି ବିଶେଷ, ବ୍ୟବସାୟୀକ ଅନୁଷ୍ଠାନ ପଦାଧିକାରୀଗଣ, ରାଜନୈତିକ, ଶିକ୍ଷାବିତ୍, ଡାକ୍ତର, ଓକିଲ, ନ୍ୟାୟାଧିଶ, ମହିଳା ଆଦି ଏଥିରେ ଯୋଗ ଦେବାର କାର୍ଯ୍ୟକ୍ରମ ରହି ଅଛି। ମଞ୍ଚରେ ରାଷ୍ଟ୍ରପତିଙ୍କ ସହିତ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିଶିଷ୍ଟ ଶିଳ୍ପୋଦ୍ୟୋଗୀ ଶୁଭେନ୍ଦ୍ର କୁମାର ବେହେରା, ଟାଟା ଷ୍ଟିଲ ଏମ୍.ଡ଼ି, ଏମପି ଓ ବିଧାୟକ ରହିବାର କାର୍ଯ୍ୟକ୍ରମ ରହିଛି। ଉତ୍କଳ ଆସୋସିଏସନର ଟ୍ରଷ୍ଟି ମନୋରଞ୍ଜନ ଦାଶ, ବିଭୂତି ଭୂଷଣ ପ୍ରଧାନ, ଡାଃ ସୀମାଞ୍ଚଳ ରାଉଳ, ସଭାପତି ଡାକ୍ତର ଶ୍ରୀଧର ପ୍ରଧାନ, ସମାଜସେବୀ ସଙ୍ଗୀତା ବେହେରା, ସାଧାରଣ ସଂପାଦକ ତରୁଣ ମହାନ୍ତି, ଉପସଭାପତି ବାଦଲ ଭୂୟାଁ ଓ ପ୍ରଫେସର ସଞ୍ଜୟ ପାତ୍ର, କୋଷାଧ୍ୟକ୍ଷ ମନୀଷ ଦାଶ, ଉପ ସଚିବ ବିଭୂତି ଭୂଷଣ ମହାନ୍ତି, ପ୍ରତିଭା ମହାନ୍ତି, ମନୋଜ ସାହୁ, ବିଜୟ ମିଶ୍ର, ମନୋରଞ୍ଜନ ଗୌଡ଼, ସୁଜାତା ସାହୁ, ସସ୍ମିତା ପାତ୍ର, ସୁଜାତା ଚୌଧୁରୀ, ଗୀତା ଗୌଡ଼, ବିଶିଷ୍ଟ ଆର୍କିଟେକ ଅବନିଶ ପ୍ରସାଦ ମିଶ୍ର, ଅଶୋକ ମହାପାତ୍ର, ସାଧନା, ସିଫନ ମହାନ୍ତି, ନିରୂପମା ପୃଷ୍ଟି, ଜେ.ପି.ଲେଙ୍କା, ମମତା ପାତ୍ର, ସୁଖଶ୍ରୀ ମହାନ୍ତି, ସ୍ନିଗ୍ଧା ମହାନ୍ତି, ମନୋରଞ୍ଜନ ପଶାୟତ, ନିରଞ୍ଜନ ନାୟକ, ଶୁଭଶ୍ରୀ ମହାନ୍ତି, କମଳା ରାଉତ, କନକ ମହାପାତ୍ର, ମନୋରମା ମହାପାତ୍ର, ସୁଶୀଳା ଆଚାର୍ଯ୍ୟ, ନିବେଦିତା ଗୌଡ଼, ସରୋଜା, ମାମୁନୀ, ମିନତୀ ମହାପାତ୍ର, କୁମୁଦିନୀ ପ୍ରଧାନ, ସରୋଜ, ସୁନୀଲ, ସୁକାନ୍ତ, ଦିଲ୍ଲୀପ, ଚିତ୍ତ ସାହୁ, ସୌମେନ୍ଦ୍ର, ମନୋରଞ୍ଜନ, ସୁବ୍ରତ, ସୁନୀଲ, ବିକାଶ, ଜୟଶ୍ରୀ, ପ୍ରଶାନ୍ତ, ପବିତ୍ର, ଅଶୋକ, ମନୋରଞ୍ଜନ, କିଶୋର, ସଞ୍ଜୟ, ଅରୁଣ, ଜ୍ଞାନ, ପ୍ରସନ୍ନ ଓ ହୃଷିକେଶଙ୍କ ପରି ଓଡ଼ିଆମାନେ ଦିନରାତି କାମ କରିବାର ତତ୍ପରତା ଦେଖାଇ ଏ କାର୍ଯ୍ୟକ୍ରମ ସଫଳ କରିବାକୁ ଦିନରାତି ଲାଗିଛନ୍ତି। ଝାଡ଼ଖଣ୍ଡରେ ଜଗନ୍ନାଥଙ୍କ ମନ୍ଦିର ନିର୍ମାଣ ପ୍ରବାସୀଙ୍କ ଦୀର୍ଘ ଦିନର ଏକ ସ୍ୱପ୍ନ ରହିଥିଲା ତାହା ପୂରଣ ହେବାକୁ ଯାଉଛି। ମହାପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତଙ୍କୁ କୃପା ଆଶୀର୍ବାଦ ପ୍ରଦାନ କରନ୍ତୁ ଏହା ହିଁ ପ୍ରାର୍ଥନା।

ପ୍ରତିଷ୍ଠାତା ସମ୍ପାଦକ ‘ସିଂହଭୂମ’
୪ଜି ପ୍ରତାପ ଆପାର୍ଟମେଣ୍ଟ,
୭ ଏକ୍ସଟେନସନ ରୋଡ଼
ପୁରୁଣା ସୋନାରୀ, ଜାମସେଦପୁର
ମୋ: ୭୪୮୮୯୯୮୫୩୨

## ବାହାବଙ୍ଗା



ଦଶରଥ ହେମ୍ବ୍ରମ

ମାନବ ସଭ୍ୟତାର ଇତିହାସ ଯେତିକି ପୁରୁଣା, ଆଦିବାସୀ ସାନ୍ତାଳମାନଙ୍କର ଭାଷା, ସାହିତ୍ୟ, ସଂସ୍କୃତି, ଇତିହାସ ଓ ପରମ୍ପରା ମଧ୍ୟ ସେତିକି ପ୍ରାଚୀନ। ଏହା କେବଳ ନିର୍ଦ୍ଦିଷ୍ଟ ପରିସୀମା ମଧ୍ୟରେ ସୀମିତ ନୁହେଁ, ବରଂ ପ୍ରକୃତି ସହ ମଣିଷର ନିବିଡ଼ ସମ୍ପର୍କର ଏକ ଜୀବନ୍ତ ଦସ୍ତାବିଜ ଏବଂ ଅବିଚ୍ଛେଦ୍ୟ ଅଙ୍ଗ। ଏହା ସାନ୍ତାଳୀ ସଂସ୍କୃତିର ସବୁଠାରୁ ବଡ଼ ବିଶେଷତ୍ୱ ହେଲା ‘ପ୍ରକୃତି ପୂଜା’। ଯେତେବେଳେ ସମଗ୍ର ବିଶ୍ୱ ଜଳବାୟୁ ପରିବର୍ତ୍ତନ ଭଳି ସମସ୍ୟା ସହ ଲଢୁଛି, ସେତେବେଳେ ଆଦିବାସୀ ସାନ୍ତାଳ ସମାଜ ଆମକୁ ମନେ ପକାଇ ଦିଅନ୍ତି ଯେ ଜଙ୍ଗଲ, ପାହାଡ଼, ଝରଣା ଏବଂ ନଦୀ କେବଳ ସମ୍ବଳ ନୁହେଁ, ବରଂ ଏହା ଆମର ମୂଲ୍ୟବାନ ଜୀବନ ଅଟେ। ଏହି ଚାରିଟି ଶବ୍ଦ କେବଳ ସ୍ଲୋଗାନ ନୁହେଁ, ଏହା ସାନ୍ତାଳଙ୍କ ଜୀବନର ଆଧାର ଓ ସୁରକ୍ଷା କରିବା ତାଙ୍କର ମୌଳିକ କର୍ତ୍ତବ୍ୟ। ତେଣୁ ସେମାନେ ହେଉଛନ୍ତି ‘ପ୍ରକୃତି ପୂଜକ’, ‘ଆକୃତି’ ବା ମୂର୍ତ୍ତି ପୂଜକ ନୁହନ୍ତି। ସେମାନଙ୍କର ଆସ୍ଥା, ଅସ୍ତିତ୍ୱ, ସଂସ୍କୃତି, ପରମ୍ପରା ଏବଂ ରୀତିନୀତି ସମ୍ପୂର୍ଣ୍ଣ ଅଲଗା ହୋଇଥିବାରୁ ସୂର୍ଯ୍ୟ, ଚନ୍ଦ୍ର, ଆକାଶ, ବଣ, ଜଙ୍ଗଲ, ପାହାଡ଼, ନଦୀ, ଝରଣା, ପଥର ଓ ବୃକ୍ଷକୁ ଦେବତା ମାନନ୍ତି ଓ ସେମାନଙ୍କୁ ପୂଜା କରନ୍ତି।

ପ୍ରକୃତି ସହ ଜଡ଼ିତ ଆଦିବାସୀ ସାନ୍ତାଳଙ୍କ ପବିତ୍ର ‘ବାହାବଙ୍ଗା’ ହେଉଛି ସୁଖ, ଶାନ୍ତି ଓ ସମୃଦ୍ଧିର ମହାପୂଜା। ବାର ମାସ ତେର ପରବ ମଧ୍ୟରୁ ବାହାବଙ୍ଗା ହେଉଛି ଅନ୍ୟତମ। ଏହା ସାନ୍ତାଳୀ ସଂସ୍କୃତି ଅନୁସାରେ ଦ୍ୱିତୀୟ ପ୍ରମୁଖ ପୂଜାପର୍ବ ବୋଲି ଗଣନା କରାଯାଏ। କିନ୍ତୁ ବାହାବଙ୍ଗା (ଫୁଲପୂଜା) ନ ହେବା ପର୍ଯ୍ୟନ୍ତ ଗ୍ରାମବାସୀଙ୍କ ପାଇଁ ଗାଁରେ ଫୁଲଫଳର ବ୍ୟବହାର ବାରଣ କରାଯାଇଥାଏ। ତେଣୁ ପରମ୍ପରା ଅନୁସାରେ ଫଗୁଣ ମାସରେ ଫୁଟୁଥିବା ନୂଆ ଫୁଲଫଳକୁ ଜାହିରା ଥାନ ଅର୍ଥାତ୍ ସାନ୍ତାଳମାନଙ୍କର ଧର୍ମ ପୂଜାପୀଠ ନିକଟକୁ ଆଣିଥାନ୍ତି। ପୂଜା ସାମଗ୍ରୀ ମଧ୍ୟରେ କଅଁଳ ଶାଳଫୁଲ ଏବଂ ମହୁଲ ଫୁଲକୁ ମୁଖ୍ୟ ସାମଗ୍ରୀ ଭାବେ ନିଆଯାଇଥାଏ। ଏହି ଅବସରରେ ପୂଜାରୀ ନାୟକେ ବାବାଙ୍କୁ ଶ୍ରଦ୍ଧାଳୁ ଶୋଭାଯାତ୍ରାରେ ଧର୍ମପୀଠ ଜାହିରାକୁ ପାଛୋଟି ନେଇଥାନ୍ତି। ତେବେ ତିଥି ଅନୁସାରେ ଏହି ବାହାବଙ୍ଗା ଫଗୁଣ ମାସର ଶୁକ୍ଳପକ୍ଷ ଠାରୁ ଆରମ୍ଭ କରି ଦୋଳପୂର୍ଣ୍ଣିମା ପର୍ଯ୍ୟନ୍ତ ମହାପୂଜା ପାଳନ ହୋଇଥାଏ। ପ୍ରାଚୀନ କାଳରୁ ଚାଲିଆସୁଥିବା ଏହି ବଙ୍ଗାରେ କଅଁଳ ଶାଳଫୁଲ ଏବଂ ମହୁଲଫୁଲକୁ ଦେବାଦେବୀଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇଥାଏ। ପୁରୋହିତ ନାଏକେ ବାବା ସମସ୍ତ ଗ୍ରାମବାସୀଙ୍କ ମଙ୍ଗଳ ପାଇଁ ଦେବତାମାନଙ୍କୁ ପ୍ରାର୍ଥନା କରନ୍ତି। ପୂଜା ଶେଷରେ ନାୟକେ ବାବାଙ୍କ ଠାରୁ ଦେବୀଦେବତାଙ୍କ ଠାରେ ଅର୍ପଣ କରାଯାଇଥିବା ଶାଳ ଓ ମହୁଲ ଫୁଲକୁ ଆଶୀର୍ବାଦ ସ୍ୱରୂପ ଗ୍ରହଣ କରିଥାନ୍ତି। ପରେ ପୁରୁଷମାନେ କାନରେ ଓ ମହିଳାମାନେ ମୁଣ୍ଡରେ ଶାଳଫୁଲ ଖୋସି ଗୀତନାଚରେ ମସଗୁଲ ହୋଇଥାନ୍ତି। ଜାହିରାରେ ପୂଜା କଲେ ମାନସିକ ପୂରଣ ହୁଏ ବୋଲି ବିଶ୍ୱାସ ରହିଥିବାରୁ ଶ୍ରଦ୍ଧାଳୁ ଭିଡ଼ ଲାଗିଥାଏ। ଏହାଦ୍ୱାରା ସୁଖ, ଶାନ୍ତି ଓ ଯଶ ପ୍ରାପ୍ତି ହୋଇଥାଏ ବୋଲି ଏମାନଙ୍କ ମଧ୍ୟରେ ବିଶ୍ୱାସ ରହିଛି ଏବଂ ଅଞ୍ଚଳର ବିକାଶ ପାଇଁ ପ୍ରକୃତି ସହ ଜଡ଼ିତ ଆଦିବାସୀ ସାନ୍ତାଳଙ୍କ ଏହି ପର୍ବ ଯୁଗ ଯୁଗ ଧରି ପାଳନ ହୋଇଆସୁଛି।

ବାହାବାଙ୍ଗାର ଶେଷ ଦିନରେ ଅର୍ଥାତ ‘ଆଗ୍ ରାଳା’ ଦିବସ ପ୍ରଥା ରହିଛି। ଏହି ଦିନରେ ଗୃହ ଦେବତାଙ୍କୁ ପୂଜାର୍ପଣ କରି ଆଶୀର୍ବାଦ ଓ ଶୁଭପ୍ରାପ୍ତି ପାଇଥାନ୍ତି। ବନ୍ଧୁବାନ୍ଧବଙ୍କୁ ନିମନ୍ତ୍ରିତ ହୋଇ ଆସିଥାନ୍ତି। ସମସ୍ତଙ୍କ ଘରେ ଭୋଜିଭାତର ଉତ୍ସବ ଦେଖିବାକୁ ମିଳିଥାଏ। ଆନନ୍ଦ ଓ ଉଲ୍ଲାସରେ ଏହି ଦିନ ବିତିଯାଏ। କିନ୍ତୁ ଏହିଦିନରେ ପ୍ରଥା ଓ ପରମ୍ପରା ଅନୁସାରେ ଗ୍ରାମବାସୀମାନେ ବଣଜଙ୍ଗଲକୁ ଶିକାର କରିବାକୁ ଯାଆନ୍ତି। ପକ୍ଷୀ ହେଉ କିମ୍ବା ଯେ କୌଣସି ଜୀବଟିଏ ଶିକାର କରି ଆଣିଲେ ତାହା ଶୁଭ ବୋଲି ବିବେଚନା କରାଯାଏ। ସନ୍ଧ୍ୟା ସମୟରେ ପୁରୋହିତଙ୍କ ଘରେ ‘ଆଗ୍ ରାଳା’ ମାଙ୍ଗଳିକ କାର୍ଯ୍ୟବିଧି ଅନୁସାରେ ସମ୍ପନ୍ନ ହୁଏ। ଏହି କାର୍ଯ୍ୟ ସାରିବା ପରେ ଉପବାସରେ ରହିଥିବା ପୁରୋହିତଙ୍କୁ ମୁକ୍ତ କରିବା ପାଇଁ ପ୍ରଥମେ ତାଙ୍କ ଘରେ ଉପ-ପୁରୋହିତଙ୍କ ସମେତ ଅନ୍ୟମାନେ ହାଣ୍ଡିଆ ପିଇବାର ବ୍ୟବସ୍ଥା କେଉଁ କାଳରୁ ରହିଆସିଛି। ପ୍ରତ୍ୟେକ ସାନ୍ତାଳ ଗାଁକୁ ସୁନ୍ଦର ଓ ସରସ କରିବା ପାଇଁ ନୃତ୍ୟ-ଗୀତର ଆସର ଜମିଥାଏ, ସେମାନଙ୍କର ବିଶ୍ୱାସ ଯେ ମାଦଳ ଶବ୍ଦ ଶୁଣିଲେ ସ୍ୱର୍ଗରୁ ଦେବତାମାନେ ଓହ୍ଲାଇ ଆସନ୍ତି। ଏହାଦ୍ୱାରା ଭଲ ବୃଷ୍ଟିପାତ ହେବ, ବର୍ଷସାରା ଶୁଭଦାୟକ ହେବ ଏବଂ ଭଲ ଅମଳ ହେବ। ତେଣୁ ନାଚିବା ଲାଗି ପୁଅମାନେ ମାଦଳ ଓ ନାଗରା ବଜାଇଥାନ୍ତି। ବାଦ୍ୟର ତାଳେ ତାଳେ ଝିଅମାନେ ନାଚିଥାନ୍ତି ଲମ୍ବା ସମୟ ଧରି। ଗାଁରେ ଏହି ମହାପୂଜାକୁ ସରସ ସୁନ୍ଦର କରିବା ଲାଗି ଘରଗୁଡ଼ିକୁ ସାଜସଜ୍ଜା କରାଯାଇଥାଏ। ଗ୍ରାମବାସୀମାନେ ଗୀତ ଗାଇ ଗାଇ ‘ବାହାବଙ୍ଗା’କୁ ଉଲ୍ଲାସରେ ବିଦାୟ ଦେଇଥାନ୍ତି।

ବାଲେଶ୍ୱର
ମୋ -୯୩୩୭୪୦୪୨୫୪

## ଯେଉଁ ସୁଖ ଅସରନ୍ତି, ନିତ୍ୟ ସତ୍ୟ ସେହି ସୁଖର ନାମ ବ୍ରହ୍ମାନନ୍ଦ



ଦୁଃଖ ଭୋଗୁଥିଲେ ମଣିଷ ସୁଖ ଚାହେଁ। ସୁଖ ଭୋଗୁଥିଲେ ଆହୁରି ସୁଖ ଚାହେଁ। କିନ୍ତୁ ଏହି ନଶ୍ୱର ସୁଖରେ କାହାର ପରିତୃପ୍ତ ହୁଏନା। ମନୁଷ୍ୟ ଖୋଜେ ଅନ୍ତରେ ଅନ୍ତରେ ସେହି ସୁଖ ଯେଉଁ ସୁଖ ନିରବଚ୍ଛିନ୍ନ, ଶାଶ୍ୱତ, ଅନାବିଳ। ଯେଉଁ ସୁଖ ଅସରନ୍ତି, ନିତ୍ୟ ସତ୍ୟ ସେହି ସୁଖର ନାମ ବ୍ରହ୍ମାନନ୍ଦ। ମନୁଷ୍ୟ ସେହି ବ୍ରହ୍ମାନନ୍ଦଙ୍କୁ ଖୋଜି ବୁଲେ ସତ କିନ୍ତୁ ଜାଣିପାରିନା ପ୍ରକୃତ ପଥର ସନ୍ଧାନ। ମୁନିଋଷି, ଶାସ୍ତ୍ର ପୁରାଣ ରୁ ମନୁଷ୍ୟ ଈଶ୍ୱରଙ୍କୁ ଭଜନ କରେ, ଧ୍ୟାନ କରେ ଓ ପ୍ରଭୁଙ୍କୁ ଲାଭ କରି ଚିର ଶାନ୍ତି ଲାଭ କରେ। ଭଗବାନ ମନୁଷ୍ୟକୁ ବହୁତ ବାଛିବାର ଅଧିକାର ପ୍ରଦାନ କରିଛନ୍ତି ତାଙ୍କୁ ଲାଭ କରିବା ପାଇଁ। ଯଦି ଧ୍ୟାନ, ତପସ୍ୟା କରି ନ ପାରୁଛ ତେବେ ଖାଲି ପ୍ରଭୁଙ୍କର ନାମକୀର୍ତ୍ତନ କଲେ ମଧ୍ୟ ଭଗବାନ ଦର୍ଶନ ଦେବାକୁ ପ୍ରସ୍ତୁତ। ଯଦି ଭଜନକୀର୍ତ୍ତନ ନ କରିପାରିବ ତେବେ କାନରେ ପ୍ରଭୁଙ୍କ ଲୀଳା ଶୁଣିଲେ ମଧ୍ୟ ଭଗବାନ ପ୍ରାପ୍ତି ହୋଇଥାଏ। ଶାସ୍ତ୍ର ଜ୍ଞାନ, ମନ୍ତ୍ର ଜ୍ଞାନ ଏସବୁ ତ ବହୁତ କଷ୍ଟସାଧ୍ୟ ହୋଇଥାଏ। ତେଣୁ ସବୁ ପ୍ରକାର ସହଜ ବାଟ ପ୍ରଭୁ ପ୍ରଦାନ କରିଛନ୍ତି ତାଙ୍କୁ ପାଇବା ପାଇଁ। କାରଣ ଭଗବାନ ମଧ୍ୟ ଭକ୍ତକୁ ପାଇବା ପାଇଁ ସେତିକି ଆତୁର। ହୃଦୟର ସହିତ ସ୍ମରଣ ଓ ଶ୍ରବଣ କଲେ ମଧ୍ୟ ପ୍ରଭୁ ଦର୍ଶନ ଦେବାକୁ ଭକ୍ତ ପାଖକୁ ଆସିଥାନ୍ତି ଓ ଭକ୍ତକୁ ନିଜର କରି ନିଅନ୍ତି। ତେଣୁ ଡେରି ଆଉ କାହିଁକି ? ଆସନ୍ତୁ ପ୍ରଭୁ ଜଗନ୍ନାଥଙ୍କ ନାମ ଶୁଣି ଶୁଣି ତାଙ୍କର ନାମ ପାଟିରେ ଧରି ଧରି ପ୍ରଭୁଙ୍କ ପାଦତଳେ ଲୋଟିଯିବା।

## ଚିଠିପତ୍ର



ଖବର ପରିବେଷଣ ଶୈଳୀ ବେଶ୍ ନିଆରା। ଏହାର ଭାଷା ଶୈଳୀ ପାଠକଙ୍କୁ ଆକୃଷ୍ଟ କରୁଛି। ବରକାଗଜ ରଙ୍ଗୀନ ଉପସ୍ଥାପନା ଆହୁରି ଆକର୍ଷଣୀୟ ହୁଅନ୍ତା।

**- ରାକେଶ ମହାନ୍ତି, ଖୋର୍ଦ୍ଧା**

ଖବରର ଭିନ୍ନ ଦିଗ ଉପରେ ଦୃଷ୍ଟି ଆକର୍ଷଣ କରୁଛି। ଦୈନିକ ଖବରକାଗଜ ‘ସମାଲୋଚନା’କୁ ଅନେକ ଶୁଭେଚ୍ଛା ଓ ଶୁଭକାମନା। ସମାଲୋଚନା ଅନ୍ୟମାନଙ୍କଠାରୁ ଭିନ୍ନ ରହୁ।

**- ମହେନ୍ଦ୍ର ସେନାପତି, ଭୁବନେଶ୍ୱର**

ଖବରର ଭଲ ଖୋରାକ୍ ଯୋଗାଉଛି ‘ସମାଲୋଚନା’। ଦୈନିକ ଖବରକାଗଜ ‘ସମାଲୋଚନା’କୁ ଆମର ସ୍ୱାଗତ।

**- ଚିନ୍ମୟ ରଣା, ସୋନପୁର**

## ଜଣେ ବୟସ୍କଙ୍କୁ ଚିଠି ଲେଖିବା ଦିବସ

ଫେବ୍ରୁଆରି ୨୬ ରେ ‘ବୟସ୍କଙ୍କୁ ଚିଠି ଦିବସ’ ହେଉଛି ଜଣେ ବୟସ୍କଙ୍କୁ ହାତଲେଖା ପ୍ରେମଭରା ପତ୍ର ପଠାଇ ପାଳନ କରାଯାଉଥିବା ଏକ ଛୁଟି ଦିବସ। ବରିଷ୍ଠ ସମ୍ପ୍ରଦାୟ ମଧ୍ୟରେ ପ୍ରେମ ସହିତ ଏକାକୀତା ବିରୁଦ୍ଧରେ ଲଢ଼ିବା ଲକ୍ଷ୍ୟରେ ଜଣେ ‘ବୟସ୍କଙ୍କୁ ଚିଠି ଦେବା ଦିବସ’ ଆରମ୍ଭ ହୋଇଥିଲା। ଏହି ଦିନ ବର୍ଷରେ ଥରେ ଆସେ ଚିଠି ଲେଖିବାର କଳାକୁ ସମ୍ମାନ ଜଣାଇବା ପାଇଁ।

ଗୋଟିଏ ହାତଲେଖା ଚିଠିରେ ଜୀବନକୁ ପରିବର୍ତ୍ତନ କରିବାର ଶକ୍ତି ଥାଏ। ଏହା ଯୋଗାଯୋଗ ଏବଂ ସମ୍ପର୍କ ଗଠନ କରିବାର ଏକ ଶକ୍ତିଶାଳୀ ଉପାୟ। ପ୍ରତ୍ୟେକ ବ୍ୟକ୍ତି ପ୍ରେମ ଅନୁଭବ କରିବାକୁ ଯୋଗ୍ୟ, ଏବଂ ଛୁଟିଦିନ ପରେ ଚିଠି ଲେଖିବା ଏବଂ ଆନ୍ତଃପିଢ଼ିଗତ ସଂଯୋଗକୁ ଉତ୍ସାହିତ କରିବା ପାଇଁ ୨୦୨୦ ରେ ପ୍ରଥମ ଥର ପାଇଁ ଜଣେ ବୟସ୍କଙ୍କୁ ଚିଠି ଦିବସ ପାଳନ କରାଯାଇଥିଲା, ଯାହା ବୟସ୍କମାନଙ୍କ ପାଇଁ ବିଶେଷ ଭାବରେ ଏକାକୀ ରହୁଥିବା ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ହୋଇପାରେ।

**ଆଜିର ଦିନ**
**ଫେବ୍ରୁଆରି ୨୬, ୨୦୨୬**

ଏହା ସବୁ ଏକ ଛୋଟ ପୁଅ ଏବଂ ତାଙ୍କ ଜେଜେ ବାପାଙ୍କ ସହିତ ଆରମ୍ଭ ହୋଇଥିଲା। ଯେତେବେଳେ ଜାକବ୍ କ୍ରାମର୍ ତାଙ୍କ ଜେଜେବାପାଙ୍କୁ ହରାଇଲେ, ସେ ତାଙ୍କ ସ୍ମୃତିକୁ ସମ୍ମାନ ଜଣାଇବା ପାଇଁ ଏକ ସ୍ଥାନୀୟ ବରିଷ୍ଠ ସମ୍ପ୍ରଦାୟରେ ସ୍ୱେଚ୍ଛାସେବକ ଭାବରେ କାର୍ଯ୍ୟ କରିବା ଆରମ୍ଭ କଲେ। ସମ୍ପ୍ରଦାୟର ବିଙ୍ଗୋ ଖେଳକୁ ତାଙ୍କର ମନୋରଞ୍ଜନକାରୀ ଏବଂ ଜୀବନ୍ତ ଢଙ୍ଗ ବୋଲି କହିବାର କାରଣ ଯୋଗୁଁ ତାଙ୍କୁ ପ୍ରେମରେ ‘ବିଙ୍ଗୋ ବୟ’ ବୋଲି ସମ୍ବୋଧିତ କରାଯାଉଥିଲା। ସ୍ୱେଚ୍ଛାସେବା ସମୟରେ, ସେ ଆବିଷ୍କାର କରିଥିଲେ ଯେ ଅନେକ ବାସିନ୍ଦା ପରିବାର ଏବଂ ବନ୍ଧୁଙ୍କଠାରୁ ବାର୍ତ୍ତା କିମ୍ବା ପରିଦର୍ଶକଙ୍କୁ ବହୁତ କମ୍ ପାଆନ୍ତି ଏବଂ ଏକାକୀତା ଏକ ଦୀର୍ଘକାଳୀନ ଏବଂ ସର୍ବଦା ସମସ୍ୟା ହୋଇପଡେ।

ତେଣୁ ସେ ବରିଷ୍ଠ ସମ୍ପ୍ରଦାୟକୁ ପ୍ରେମର ଚିଠି ଲେଖିବା ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଥିଲେ; ଶୀଘ୍ର, ତାଙ୍କର ନାମ ବିଙ୍ଗୋ ବୟରୁ ଲେଟର ବୟକୁ ପରିବର୍ତ୍ତନ ହୋଇଥିଲା। ସେ ବରିଷ୍ଠ ସମ୍ପ୍ରଦାୟରେ ତାଙ୍କ ବନ୍ଧୁମାନଙ୍କ ସହିତ ତାଙ୍କ ସମ୍ପର୍କରେ ଅନୁଗ୍ରହ ଏବଂ ପ୍ରେମ ପାଇଲେ ଏବଂ ଶେଷରେ ନିଷ୍ପତ୍ତି ନେଲେ ଯେ ସେ ତାଙ୍କର ଚିଠି ଲେଖିବା ପ୍ରୟାସକୁ ଜାତୀୟ ସ୍ତରରେ ନେଇପାରିବେ। ଜାକବ୍ ଏକ ଅଣଲାଭକାରୀ ସଂସ୍ଥା ସୃଷ୍ଟି କରିଥିଲେ ଯାହା ଲୋକମାନଙ୍କୁ ଅନୁରୋଧ କରିଥିଲା ବୟସ୍କମାନଙ୍କୁ ଚିଠି ଲେଖିବାକୁ ଏବଂ ବିଶ୍ୱର ବରିଷ୍ଠମାନଙ୍କୁ ବିତରଣ କରାବାକୁ ସହଜ କରିଥିଲା। ୨୦୧୩ ମସିହାରୁ, ଜାକବ୍ ଏବଂ ତାଙ୍କ ଦଳ ବିଶ୍ୱର ୫୦ ହଜାର ରୁ ଅଧିକ ଚିଠି ଲେଖକଙ୍କ ଏକ ସେନା ସଂଗ୍ରହ କରିଛନ୍ତି। କୋଭିଡ୍-୧୯ ମହାମାରୀ ସମୟରେ, ସେମାନେ ଆଶା, ପ୍ରେମ ଏବଂ ଉତ୍ସାହର ଭିଡିଓ ବାର୍ତ୍ତା ସଂଗ୍ରହ କରିବା ପାଇଁ ଶାଖା ବିସ୍ତାର କରିଥିଲେ, ଜନସଚେତନତା ଅଭିଯାନ ସୃଷ୍ଟି କରିଥିଲେ ଏବଂ ବ୍ୟକ୍ତିବିଶେଷ, ଶ୍ରେଣୀଗୃହ ଏବଂ କମ୍ପାନୀଗୁଡ଼ିକୁ ନିୟୋଜିତ କରିଥିଲେ।

# ନାଳିଫିଁତା ତଳେ ଏମ୍ଆର୍ଆଇ, ସିଟି ସ୍କାନ୍ ବ୍ୟବସ୍ଥା

ପୁରୀ, ୨୫।୨ (ଏସଏନଏସ): ୨୦୨୪ ଆର୍ଥିକବର୍ଷରେ ଜିଲ୍ଲାର ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏମ୍ଆରଆଇ ଏବଂ ସିଟି ସ୍କାନ ଭଳି ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିଲା। କିନ୍ତୁ ଘୋଷଣାର ୨ବର୍ଷରୁ ଅଧିକ ସମୟ ହୋଇଥିଲେ ମଧ୍ୟ ଏହି ବ୍ୟବସ୍ଥା ବର୍ତ୍ତମାନ ନାଳିଫିତା ତଳେ ଦବିଯାଇଛି। ଅନ୍ୟ ପକ୍ଷରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଦୀର୍ଘ ବର୍ଷ ହେଲା ଏକ ଘରୋଇ ସଂସ୍ଥା ଏମ୍ଆରଆଇ ଏବଂ ସିଟି ସ୍କାନ ଭଳି ସେବା ଯୋଗାଇ ଚାଲିଛି ବୋଲି ସୂଚନା ମିଳିଛି। ଏନେଇ ଘରୋଇ ସଂସ୍ଥାଟି କୋଟି କୋଟି ଟଙ୍କା ସରକାରଙ୍କ ଠାରୁ ଲୁଟି ଚାଲିଛି ବୋଲି ଜଣା ପଡ଼ିଛି। ସୂଚନା ମୁତାବକ, ୨୦୨୧ ଏବଂ ୨୦୨୪ ମସିହାରେ ଜିଲ୍ଲାରେ ସ୍ୱାସ୍ଥ୍ୟ ସେବାକୁ ଉନ୍ନତ କରିବା ପାଇଁ ବହୁକୋଟି ଟଙ୍କା ଅନୁଦାନ ଖର୍ଚ୍ଚ କରାଯାଇଛି। ଏପରିକି ଅନୁଦାନ ଖର୍ଚ୍ଚ କରିବା ପାଇଁ ମାର୍ବଲ ଚଟାଣ ଉପରେ ଚାଇନା ପ୍ଲେଟ ଲଗାଯାଇଥିବା ଭଳି ଘଟଣା ଦେଖିବାକୁ ମିଳିଥିଲା। କିନ୍ତୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିଦାନ ବିଭାଗ ଅଧିନରେ ସିଟି ସ୍କାନ ଏବଂ ଏମ୍ଆରଆଇ ପରୀକ୍ଷା ବ୍ୟବସ୍ଥା ରହିଛି। କିନ୍ତୁ ଜିଲ୍ଲାମୁଖ୍ୟ ଚିକିତ୍ସାଳୟରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମ୍ପୂର୍ଣ୍ଣ ସରକାରୀ ଭାବେ ଏମ୍ଆରଆଇ ଏବଂ ସିଟି ସ୍କାନ ପରୀକ୍ଷା ବ୍ୟବସ୍ଥା ନାହିଁ। ଫଳରେ ଏକ ଘରୋଇ ସଂସ୍ଥା ପିପିପି ମୋଡ଼ରେ ଦୀର୍ଘ ବର୍ଷ ହେଲା ରୋଗୀଙ୍କୁ ଏମ୍ଆରଆଇ ଏବଂ ସିଟି ସ୍କାନ ପରୀକ୍ଷା ସେବା ଯୋଗାଇ ଚାଲିଛି। ରୋଗୀଙ୍କ ପାଇଁ ଏହି ସେବା ନିଃଶୁଳ୍କ ସେବା ରହିଛି। କିନ୍ତୁ ପରବର୍ତ୍ତି ଅବସ୍ଥାରେ ଏହି ପରୀକ୍ଷା କରିବା ପାଇଁ ସରକାରଙ୍କ ତହବିଲରୁ କୋଟି କୋଟି ଟଙ୍କା ଘରୋଇ ସଂସ୍ଥା ଅର୍ଥ ଲୁଟିବାରେ ଲାଗିଛି। ପ୍ରକାଶ ଥାଉକି, ରୋଗୀ ସେବା ପାଇଁ ଏମ୍ଆରଆଇ ଏବଂ ସିଟି ସ୍କାନ ପରୀକ୍ଷା ମେସିନ ପାଇଁ ୫ କୋଟି ଟଙ୍କାର ଆବଶ୍ୟକତା ରହିଛି। ଯାହା ଦୀର୍ଘ ବର୍ଷ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ସରକାରୀଭାବେ ଏମ୍ଆରଆଇ ଏବଂ ସିଟି ସ୍କାନ ବ୍ୟବସ୍ଥା ହୋଇପାରୁ ନାହିଁ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କର୍ତ୍ତୃପକ୍ଷ ପବ୍ଲିକ ପ୍ରାଇଭେଟ ପାର୍ଟନସସିପ(ପିପିପି) ମୋଡ଼ରେ ଚାଲିଥିବା ସିଟି ସ୍କାନ ଏବଂ ଏମ୍ଆରଆଇ ବାବଦକୁ ବାର୍ଷିକ କୋଟି କୋଟି ଟଙ୍କା ଘରୋଇ ସଂସ୍ଥାକୁ ଗଣି ଚାଲିଛନ୍ତି। ପିପିପି ମୋଡ଼ରେ ଯେଉଁ ସିଟି ସ୍କାନ ଏବଂ ଏମ୍ଆରଆଇ ମେସିନ ଚାଲିଛି। ତାହା ବିଭିନ୍ନ ସମୟରେ ଅଚଳ ରହୁଛି। ଅନ୍ୟ ପକ୍ଷରେ ଜିଲ୍ଲାର ୧୭ଲକ୍ଷ ଲୋକଙ୍କ ପାଇଁ ଏକମାତ୍ର ଏମ୍ଆରଆଇ ମେସିନ ଘରୋଇ ସଂସ୍ଥା ନିକଟରେ ରହିଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବହିର୍ବିଭାଗ ଏବଂ ଅନ୍ତଃବିଭାଗରେ ଏମ୍ଆରଆଇ ପରୀକ୍ଷା ପାଇଁ ପ୍ରବଳ ରୋଗୀଙ୍କ ଭିଡ଼ ପରିଲକ୍ଷିତ ହେଉଛି। ବହିର୍ବିଭାଗ ରୋଗୀଙ୍କୁ ସ୍ଲଟ୍ ଆରକ୍ଷଣ କରି ୧୫ରୁ ୨୦ ଦିନ ପର୍ଯ୍ୟନ୍ତ ପରୀକ୍ଷା ପାଇଁ ଅପେକ୍ଷା କରିବାକୁ ପଡୁଛି। ଆପାତଃକାଳୀନ ସ୍ଥିତିରେ ରୋଗୀଙ୍କୁ ବାହାରେ ପରୀକ୍ଷା କରି ଅଯଥା ଖର୍ଚ୍ଚାନ୍ତ ହେବାକୁ ପଡୁଛି ବୋଲି ଅଭିଯୋଗ ହେଉଛି। ଏଭଳି ସ୍ଥିତିରେ ରୋଗୀଙ୍କ ସମସ୍ୟା ବଢୁଛି। ତୁରନ୍ତ ଏମ୍ଆରଆଇ ପରୀକ୍ଷା ପାଇଁ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ହାତଗୁଞ୍ଜା ଦେବାକୁ ପଡୁଛି ବୋଲି ଅଭିଯୋଗ ହେଉଛି। ଏନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ରୋଗୀର ପରୀକ୍ଷା କେଉଁ କାରଣ ପାଇଁ କରାଗଲା। ସେନେଇ ନିୟମିତ ଯାଞ୍ଚ କରାଯାଉ ନାହିଁ। ଫଳରେ ବର୍ତ୍ତମାନ ଘରୋଇ ସଂସ୍ଥା ଅଧିନରେ ଥିବା ଏମ୍ଆରଆଇ ଏବଂ ସିଟି ସ୍କାନ ପରୀକ୍ଷା ପାଇଁ ଥିବା କର୍ମଚାରୀଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବଢ଼ି ଚାଲିଛି। ଏନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଜିଲ୍ଲା ଜନସ୍ୱାସ୍ଥ୍ୟ ଓ ମୁଖ୍ୟ ଚିକିତ୍ସାଧିକାରୀ ଡ. ଅକ୍ଷୟ କୁମାର ଶତପଥୀ କହନ୍ତି, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସରକାରଙ୍କ ଏମ୍ଆରଆଇ ଏବଂ ସିଟି ସ୍କାନ ମେସିନରେ ପରୀକ୍ଷା କରିବା ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରିବେ। ରୋଗୀଙ୍କୁ ତୁରନ୍ତ ଏମ୍ଆରଆଇ ଏବଂ ସିଟି ସ୍କାନ ପରୀକ୍ଷା ସେବା ଯୋଗାଇବାକୁ ସଂସ୍ଥା ସହ ଆଲୋଚନା କରାଯିବ ବୋଲି ସେ କହିଛନ୍ତି। ଅନ୍ୟ ପକ୍ଷରେ ରାଜ୍ୟ ସରକାର ତୁରନ୍ତ ଘରୋଇ ସଂସ୍ଥାକୁ ହଟାଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସରକାରଙ୍କ ଦ୍ୱାରା ଏମ୍ଆରଆଇ ଏବଂ ସିଟି ସ୍କାନ ପରୀକ୍ଷା ସେବା ଯୋଗାଇ ଦେବାକୁ ଲୋକେ ଦାବି କରିଛନ୍ତି।

### ଟେଟ୍ରାପ୍ୟାକ୍ ନିଷ୍ପତ୍ତିକୁ ସାମାଜିକକର୍ମୀଙ୍କ ବିରୋଧ

# ଶିକ୍ଷାନୁଷ୍ଠାନରେ ପହଞ୍ଚିଯିବ ମଦ !

ଭୁବନେଶ୍ୱର, ୨୫।୨ (ଏସଏନଏସ): ରାଜ୍ୟ ସରକାରଙ୍କ ଟେଟ୍ରା ପ୍ୟାକ୍ ମଦ ବିକ୍ରି ନିଷ୍ପତ୍ତିକୁ ଜାତୀୟ ଯୁବ ପୁରସ୍କାରପ୍ରାପ୍ତ ସାମାଜିକ କର୍ମୀ ସୁଶାନ୍ତ ସାହୁ ତୀବ୍ର ବିରୋଧ କରିଛନ୍ତି। ଶ୍ରୀ ସାହୁଙ୍କ ମତରେ, ମଦକୁ ଟେଟ୍ରା ପ୍ୟାକ୍‌ରେ ବିକ୍ରି କଲେ ଏହା ସାଧାରଣତଃ ପାଣି, ଫଳ ରସ କିମ୍ବା କ୍ଷୀର ପ୍ୟାକେଟ ସଦୃଶ ଦେଖାଯିବ। ଯାହା ଫଳରେ କୋମଳମତି ଛାତ୍ରଛାତ୍ରୀ ଏବଂ ଯୁବପିଢ଼ି ଏହାପ୍ରତି ସହଜରେ ଆକର୍ଷିତ ହେବାର ଆଶଙ୍କା ରହିଛି । ଟେଟ୍ରା ପ୍ୟାକ୍‌କୁ ପକେଟରେ ସହଜରେ ରଖି ହେଉଥିବାରୁ ଏହା ଶିକ୍ଷାନୁଷ୍ଠାନ ଓ ସର୍ବସାଧାରଣ ସ୍ଥାନକୁ ସହଜରେ ପ୍ରବେଶ କରିବ। ଏହାଦ୍ୱାରା ଯୁବ ସମାଜ ପଥଭ୍ରଷ୍ଟ ହେବା ସହ ସମାଜରେ ଅପରାଧିକ ମନୋଭାବ ବୃଦ୍ଧି ପାଇବ ବୋଲି ଶ୍ରୀ ସାହୁ ଆଶଙ୍କା ପ୍ରକଟ କରିଛନ୍ତି। ସରକାର କେବଳ ରାଜସ୍ୱ ବୃଦ୍ଧିକୁ ଗୁରୁତ୍ୱ ନ ଦେଇ ସମାଜର ନୈତିକ ମୂଲ୍ୟବୋଧ ପ୍ରତି ଧ୍ୟାନଦେବା ଉଚିତ୍ ବୋଲି କହିଛନ୍ତି। ଏହି ନିଷ୍ପତ୍ତି ଯୁବ ସମାଜକୁ ସମ୍ପୂର୍ଣ୍ଣ ରୂପେ ବିପଥଗାମୀ କରିବ ଏବଂ ଶିକ୍ଷାର ବାତାବରଣକୁ ନଷ୍ଟ କରିଦେବ। ତେଣୁ




ଜନସ୍ୱାର୍ଥ ଓ ଯୁବପିଢିଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତିକୁ ସରକାର ତୁରନ୍ତ ପ୍ରତ୍ୟାହାର କରିବାକୁ ଶ୍ରୀ ସାହୁ ଏକ ପ୍ରେସ ବିବୃତିରେ ଦୃଢ଼ ଦାବି କରିଛନ୍ତି।

## କାର୍‌କୁ ଧକ୍କାଦେଲା ବସ୍, ଜଣେ ଗୁରୁତର

ପୁରୀ, ୨୫।୨ (ଏସଏନଏସ): ସଦର ଥାନା ଅଧିନ ମଙ୍ଗରାଜପୁର ନିକଟରେ ପୁରୀ ଯାଉଥିବା ଏକ କାରକୁ ବସ ଧକ୍କା ଦେଇଥିଲା। ଫଳରେ କାର ଚାଳକ ଆହତ ହେବା ସହ କାରଟି ଭୀଷଣ କ୍ଷତିଗ୍ରସ୍ତ ହୋଇଥିଲା। ଅଭିଯୋଗକାରୀ କାର ମାଲିକ ରାଘବ ଶଙ୍କର ନାୟକ ହୋଇଥିବା ବେଳେ ଆହତ ବ୍ୟକ୍ତି ହେଲେ କାର ଚାଳକ ଅଭିଶେକ ପାଣିଗ୍ରାହୀ ବୋଲି ସୂଚନା ମିଳିଛି। ସୂଚନା ମୁତାବକ, ଅଭିଯୋଗକାରୀଙ୍କ ପରିବାର ବର୍ଗ ପୁରୀ ଯାଉଥିବା ମଙ୍ଗରାଜପୁର ନିକଟରେ ଏକ ବସ ଦୃତ ଗତିରେ ଆସି କାରକୁ ପଛପଟୁ ଧକ୍କା ଦେଇଥିଲା। ଫଳରେ କାର ଚାଳକ ଆହତ ହେବା ସହ କାରର ପଛ ପାର୍ଶ୍ୱ ଭୀଷଣ କ୍ଷତିଗ୍ରସ୍ତ ହୋଇଥିଲା। ଏନେଇ କାର ମାଲିକ ବସ ଚାଳକ ବିରୋଧରେ ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୁଲିସ ଏକ ଦୁର୍ଘଟଣା ମାମଲା ରୁଜୁ କରି ଘଟରାର ତଦନ୍ତ ଆରମ୍ଭ କରିଛି।

## ବେଆଇନ୍ କରତ କଳରେ ଚଢ଼ଉ



ଡେଲାଙ୍ଗ, ୨୫।୨ (ଏସଏନଏସ): ଡେଲାଙ୍ଗ ଥାନା ଅଞ୍ଚଳରେ ବେଆଇନ୍ କରତ କଳ ଚାଲୁଥିବା ଖବର ପାଇ ବନ ବିଭାଗ, ଭିଜିଲାନ୍ସ ଟିମ୍ ଏବଂ ସ୍ଥାନୀୟ ପୁଲିସ ପକ୍ଷରୁ ମିଳିତ ଭାବେ ଦୁଇଟି ସ୍ଥାନରେ ଚଢ଼ଉ କରାଯାଇଛି। ଜେନାପୁର ପଞ୍ଚାୟତର ଟୋଲାପଡ଼ା ଏବଂ ଧାନକେରା ପଞ୍ଚାୟତ ଅନ୍ତର୍ଗତ ବିଳାସପୁରଠାରେ ବେଆଇନ୍ କରତ କଳ ଉପରେ ଅଚାନକ ଚଢ଼ଉ କରି ଦୁଇଟି ସ୍ଥାନରୁ ଟ୍ରାକ୍ଟର, କାଠକଟା ଯନ୍ତ୍ରାଂଶ ସମେତ ଅନେକ ମୂଲ୍ୟବାନ କାଠ ଜବତ କରାଯାଇଛି। ଏହି ଟିମରେ ଭିଜିଲାନ୍ସ ଏସିପି ସାଧନା, ବନ ବିଭାଗ ଏସିଏଫ ସୋନାଲି, ରେଞ୍ଜର ପୂର୍ଣ୍ଣଚନ୍ଦ୍ର ବେହେରା ଓ ଫରେଷ୍ଟର ରାକେଶ ପଣ୍ଡାଙ୍କ ସମେତ ସ୍ଥାନୀୟ ପୋଲିସ୍ ସାମିଲ୍ ଥିଲେ।

**ଟ୍ରାକ୍ଟର ଓ ମୂଲ୍ୟବାନ କାଠ ଜବତ**

## ଗୁଟ୍‌ଖା ସାମଗ୍ରୀ ଉପରେ ଚଢ଼ଉ

ଟାଙ୍ଗୀ-ଚୌଦ୍ୱାର, ୨୫।୨ (ଏସଏନଏସ): ଚୌଦ୍ୱାରରେ ବେଆଇନ ଭାବେ ଗୁଟ୍‌ଖା ବିକ୍ରି ହେଉଥିବା ୨୦ଟି ସ୍ଥାନରେ ଚଢ଼ଉ ହୋଇଛି। ଫୁଡ ସେଫଟି ସ୍କ୍ୱାର୍ଡ, ଚୌଦ୍ୱାର ପୁଲିସ, ଅବକାରୀ ବିଭାଗ ଓ ଡ୍ରଗସ ସ୍କ୍ୱାର୍ଡର ମିଳିତ ସହାୟତାରେ ଏହି ଚଢ଼ଉ ହୋଇଛି। ଚୌଦ୍ୱାରସ୍ଥିତ ନୁନଟିକିରି, କଳିଙ୍ଗ ଛକ, ଚାରବାଟିଆ ଭଳି ଜନଗହଳିପୂର୍ଣ୍ଣ ସ୍ଥାନ ଗୁଡିକରେ ବିଭିନ୍ନ ଦୋକାନଗୁଡ଼ିକରେ ବେଆଇନ ଭାବେ ବିପୁଳ ପରିମାଣରେ ବିକୁଥିବା ଗୁଟଖା ସାମଗ୍ରୀ ଜବତ ହେବା ସହ ସେମାନଙ୍କୁ ଜରିମାନା କରାଯାଇଛି। ଆଗାମୀ ଦିନରେ ଚଢ଼ଉ ଜାରି ରହିବ ବୋଲି ଫୁଡ ସେଫଟି ସ୍କ୍ୱାର୍ଡର ବରିଷ୍ଠ ଅଧିକାରୀ ଅଭିନନ୍ଦିତା ପରିଜା ଓ ଡ୍ରଗ ସ୍କ୍ୱାର୍ଡ ଇନସପେକ୍ଟର ଶର୍ମିଳା ସାହୁ କହିଛନ୍ତି।

## ତ୍ରିନାଥ ମହାପ୍ରଭୁଙ୍କ ବିଶ୍ୱଶାନ୍ତି ମହାଯଜ୍ଞ

ନିଶ୍ଚିନ୍ତକୋଇଲି, ୨୫।୨ (ଏନ୍‌ଏନ୍‌ଏସ୍): କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ଦାଉଦପୁର ଗ୍ରାମପଞ୍ଚାୟତ ନଇଗୁଆଁ ଗ୍ରାମ ବାରିକ୍ ସାହିଠାରେ ଅବସ୍ଥିତି ଶ୍ରୀ ଶ୍ରୀ ତ୍ରିନାଥ ମହାପ୍ରଭୁଙ୍କ ୩୨ତମ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ୩୨ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଫାଲଗୁନ ଶୁକ୍ଳପକ୍ଷ ଷଷ୍ଠୀ ରବିବାର ଠାରୁ ଆରମ୍ଭ ହୋଇ ଅଙ୍କୁରାରୋପଣ, କଳସ ଯାତ୍ରା, ମଣ୍ଡଳାଧିକରଣ, ଯଜ୍ଞାଧିବାସ, ଅଗ୍ନିସ୍ଥାପନ ସାଙ୍ଗକୁ ପ୍ରତିଦିନ ଗାୟତ୍ରୀ ମହାଯଜ୍ଞ, ଆହୁତି, ଗୀତାପାଠ, ଚଣ୍ଡୀଯଜ୍ଞ, ନାମଯଜ୍ଞ ଆଦି ବୈଦିକ ରୀତିନୀତି ଅନୁଯାୟୀ ପଣ୍ଡିତ ବ୍ରାହ୍ମଣଙ୍କ ଦ୍ୱାରା ମଙ୍ଗଳବାର ରାତ୍ରିରେ ପୂର୍ଣ୍ଣାହୁତି ଉତ୍ସବ ହୋଇଯାଇଛି। ଏଥିରେ କର୍ତ୍ତା ଭାବେ ଆଲୋକ ବାରିକ୍, କର୍ତ୍ତୀ ରୂପେ ମିନିଲତା ବାରିକ୍ ନିଜର କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ତ୍ରିନାଥ ଦେବଙ୍କ ମୁଖ୍ୟ ପୂଜକ ଦୁର୍ଗା ପ୍ରସାଦ ମିଶ୍ରଙ୍କ ଦ୍ୱାରା ପୂଜାକାର୍ଯ୍ୟ ସମ୍ପାଦିତ ହୋଇଥିଲା। ପୂଜା କମିଟିର ମୁଖ୍ୟ ଦୋଳଗିବନ୍ଦ ନାୟକ, ମୁଖ୍ୟ ଆୟୋଜକ ମନୋଜ ନାୟକ, ସେବକ ଶରତ ଚନ୍ଦ୍ର ବାରିକ, ସନ୍ତୋଷ କୁମାର ମହାନ୍ତି, ଅଜୟ କୁମାର ନାୟକ, ଦିଲ୍ଲୀପ କୁମାର ମହାନ୍ତି, ଦିନବନ୍ଧୁ ସାହୁ, ଉମାକାନ୍ତ ନାୟକ, ସାରଦା ନାୟକ, ବରାଦ ନାୟକ, ଦେବବ୍ରତ ମହାନ୍ତି, ବିନୋଦ କୁମାର ସାମଲ ପ୍ରମୁଖଙ୍କ ସମେତ ତ୍ରିନାଥ ଶାନ୍ତି ସେବା କମିଟି କର୍ମକର୍ତ୍ତା ଏବଂ ଗୋପିନାଥପୁର, ଜଗନ୍ନାଥପୁର ଓ ନଇଁଗୁଆଁ ଗ୍ରାମର ସମସ୍ତ ଗ୍ରାମବାସୀ ବୃନ୍ଦ ସହଯୋଗ କରିଥିଲେ।

## ଡେଲାଙ୍ଗ ଥାନାରେ ଆମ ପୁଲିସ କାର୍ଯ୍ୟକ୍ରମ

ଡେଲାଙ୍ଗ, ୨୫।୨ (ଏସଏନଏସ): ଡେଲାଙ୍ଗ ଥାନା ପରିସରରେ ଆମ ପୁଲିସ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଥାନାଧିକାରିଣୀ ମମତା ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆମ ପୁଲିସ୍ କାର୍ଯ୍ୟକ୍ରମକୁ ଶିକ୍ଷାବିତ୍ କିଶୋର ପ୍ରଧାନ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସଚ୍ଚିନ ପଟେଲ ଯୋଗଦେଇ ଅଞ୍ଚଳରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ଓ ଲୋକମାନଙ୍କ ନିକଟତର ହୋଇ କାମ କରିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ପିପିଲି ଏସଡିପିଓ ଦେବାଶିଷ ମିଶ୍ର ଯୋଗଦେଇ ଡେଲାଙ୍ଗ ଥାନା ଅଞ୍ଚଳରେ ଉପୁଜିଥିବା ଟ୍ରାଫିକ୍ ସମସ୍ୟାର ସମାଧାନ ଉପରେ ଗୁରୁତ୍ୱ ଦେବା ସହ ମନ୍ଦିର ମାନଙ୍କର ସୁରକ୍ଷା ପାଇଁ ସିସିଟିଭି ଲଗାଇବା ବ୍ୟବସ୍ଥା ପାଇଁ ମନ୍ଦିର କମିଟି ଏବଂ ପୁଲିସର ସହଯୋଗ ରହିବ ବୋଲି କହିଥିଲେ। ଥାନା ଅଧିକାରିଣୀ ଶ୍ରୀମତୀ ବିଶ୍ୱାଳ ଅଞ୍ଚଳବାସୀଙ୍କ ସହଯୋଗ ଲୋଡିଥିଲେ। ବୈଠକରେ କୋଠବାଡ଼ ପଞ୍ଚାୟତ ସରପଞ୍ଚ ଦୀପକ ସାହୁ, ଗଡମୋଟରୀ ସରପଞ୍ଚ ମାର୍କଣ୍ଡ ମଙ୍ଗରାଜ, ଜେନାପୁର ସରପଞ୍ଚ ବିଶ୍ୱନାଥ ପଟ୍ଟନାୟକ, ସିଂହବ୍ରହ୍ମପୁର ସମିତି ସଭ୍ୟ ନରେନ୍ଦ୍ର ପ୍ରଧାନ ଓ ସମାଜସେବୀ ସମରେନ୍ଦ୍ର ପଟ୍ଟନାୟକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଶେଷରେ ବର୍ଷୀୟାନ ସାମ୍ବାଦିକ ପ୍ରସନ୍ନ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

## ଶିରିଡି ସାଇ ମନ୍ଦିରର ପ୍ରତିଷ୍ଠା ଉତ୍ସବ

ଭୁବନେଶ୍ୱର, ୨୫।୨ (ଏସଏନଏସ): ପଟିଆଗଡ଼ ଶିରିଡି ସାଇ ମନ୍ଦିରର ୧୪ତମ ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଚାରିଦିନ ଧରି ଚାଲିଥିବା ଏହି ଧାର୍ମିକ ଉତ୍ସବରେ ଶୁକ୍ରବାର ଅଙ୍କୁରାରୋପଣ, ନବବ୍ୟୁହ ପୂଜା, ମଣ୍ଡଳକରଣ ଶନିବାର ସକାଳେ କଳସ ଯାତ୍ରା ଅନୁଷ୍ଠିତ ହୋଇ ସୂର୍ଯ୍ୟପୂଜା, ଶାଳା ଦେବତା ଆବାହନ ଓ ଅଗ୍ନି ସ୍ଥାପନ କରାଯାଇଥିଲା। ରବିବାର ସୂର୍ଯ୍ୟପୂଜା, ଗୋପୂଜା, ଶାଳା ପୂଜା ସାଇନାଥଙ୍କ ପଞ୍ଚାମୃତ ମହାସ୍ନାନ ଓ ସହସ୍ରାର୍ଚ୍ଚନ, ଘୃତାହୁତୀ ଏବଂ ସୋମବାର ଦିନ ଯଥାବିଧି ଓ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ପୂର୍ବକ ସାଇନାଥଙ୍କ ୧୦୦୮ ନାମ ମୂଳମନ୍ତ୍ରରେ ଘୃତାହୂତି, ପୂର୍ଣ୍ଣାହୂତି, ଆଳତି, ପୁଷ୍ପାଞ୍ଜଳି ଏବଂ ଶାନ୍ତି ପାଠ ହେବା ସହିତ ସାଇ ପାଲିଙ୍କି ମେଲଣ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ଥାନୀୟ ଅଞ୍ଚଳର ୧୨ଟି ପାଲିଙ୍କି ପଟିଆ ଗାଁ ମୁଣ୍ଡରୁ ଶୋଭାଯାତ୍ରାରେ ବାହାରି ମନ୍ଦିର ନିକଟରେ ପହଞ୍ଚିଥିଲେ। ଏହି ବାର୍ଷିକ ଉତ୍ସବରେ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ରାଜନେତା ଓ ସ୍ଥାନୀୟ ଅଞ୍ଚଳର ବହୁ ଭକ୍ତ ଯୋଗଦେଇ ଦର୍ଶନ କରିବା ସହିତ ସାଇନାଥଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ। ଶିରିଡି ସାଇ ଟ୍ରଷ୍ଟର ଟ୍ରଷ୍ଟି ମିହିର କୁମାର ରାଉତଙ୍କ ନେତୃତ୍ୱରେ ବିଶାଳ ରକ୍ତଦାନ ଶିବିରରେ ୫୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ସନ୍ଧ୍ୟାରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ସହିତ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ମନ୍ଦିର ପରିଚାଳନା କମିଟିର ସଦସ୍ୟମାନେ ପରିଚାଳନା କରିଥିବା ବେଳେ ସ୍ଥାନୀୟ ଅଞ୍ଚଳର ଗ୍ରାମବାସୀ ଓ ଭକ୍ତମାନେ ସାହାଯ୍ୟ ସହଯୋଗ କରିଥିଲେ।




## ସ୍ୱର୍ଗତ କାହ୍ନୁଚରଣ ଲେଙ୍କାଙ୍କ ସ୍ମୃତିସଭା




ଟାଙ୍ଗୀ-ଚୌଦ୍ୱାର, ୨୫।୨ (ଏସଏନଏସ): ଚୌଦ୍ୱାର କଂଗ୍ରେସ ପକ୍ଷରୁ ହିନ୍ଦ ସେବକ ସଙ୍ଗଠାରେ ଦଳର ପୂର୍ବତନ ମନ୍ତ୍ରୀ କାହ୍ନୁ ଚରଣ ଲେଙ୍କାଙ୍କ ସ୍ମୃତିରେ ସର୍ବଦଳୀୟ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସ ଯୁବ ନେତା ରାଜୀବ ମହାନ୍ତିଙ୍କ ଅଧ୍ୟକ୍ଷତାରେ ସ୍ମୃତି ସଭା ଆୟୋଜିତ ହୋଇଥିଲା। ସ୍ୱର୍ଗତଃ କାହ୍ନୁ ଚରଣ ଲେଙ୍କା ଟାଙ୍ଗୀ ଚୌଦ୍ୱାର ପ୍ରତି ଥିବା ଅବଦାନ ଓ ଦୂରଦର୍ଶୀ ଚିନ୍ତାଧାରା ବିଷୟରେ ବକ୍ତାମାନେ ବକ୍ତବ୍ୟ ଦେଇଥିଲେ । କାହ୍ନୁ ଚରଣ ୧୯୫୭ରେ କଂଗ୍ରେସରେ ସାମିଲ ହୋଇଥିଲେ। ୧୯୮୮ରୁ ୧୯୯୫୪ ପର୍ଯ୍ୟନ୍ତ ରାଜ୍ୟସଭା ସଦସ୍ୟ ରହିଥିଲେ। ଏହାସହ କେନ୍ଦ୍ର ସରକାରରେ ରେଳ ଓ କୃଷି ବିଭାଗରେ ରାଷ୍ଟ୍ରମନ୍ତ୍ରୀ ଥିଲେ। ୧୯୯୫ ବିଧାନସଭା ନିର୍ବାଚନରେ ଚୌଦ୍ୱାରରୁ ନିର୍ବାଚିତ ହୋଇଥିଲେ। ଓଡ଼ିଶା ରାଜନୀତିରେ ତାଙ୍କର ଯୋଗଦାନ ଅବିସ୍ମରଣୀୟ ରହିଛି। ଏହି କାର୍ଯ୍ୟକ୍ରମରେ ହିନ୍ଦ ସେବକ ସଙ୍ଘର ସଭାପତି ଦାମୋଦର ସାହୁ, ପୂର୍ବତନ ବିଧାୟକ ଧର୍ମାନନ୍ଦ ବେହେରା, ବରିଷ୍ଠ କଂଗ୍ରେସ ନେତା କେଶବ ଚନ୍ଦ୍ର ଦଳାଇ, ପୂର୍ବତନ ନଗରପାଳ ପ୍ରେମଚାନ୍ଦ ନାୟକ, ବିଷ୍ଣୁ ଚରଣ ପରିଡ଼ା, ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧକ୍ଷ ଶୁଭେନ୍ଦୁ ସାମଲ, ନାରୀନେତ୍ରୀ ମୋନାଲିସା ଦାସ, ନୀଳିମା ତ୍ରିପାଠୀ, ସୁବାସ ଦଳାଇ, ବଳରାମ ସ୍ୱାଇଁ, ଓବିସି ମୋର୍ଚ୍ଚାର ରାଜ୍ୟ ସାଧାରଣ ସମ୍ପାଦକ ଜ୍ଞାନେନ୍ଦ୍ର ସ୍ୱାଇଁ, ଚୌଦ୍ୱାର ବିଜେପି ମଣ୍ଡଳ ସଭାପତି ମମତା ବେହେରା, ବିଜେପି ନେତା ପ୍ରକାଶ ବଡ଼ଜେନା, କିରଣବାଳା ନାୟକ, ସ୍ୱର୍ଣ୍ଣଲତା ନାୟକ, ଦିବ୍ୟଜ୍ୟୋତି ପାଣିଙ୍କ ସମେତ ବହୁ କଂଗ୍ରେସ କର୍ମୀ ସଭାରେ ଯୋଗ ଦେଇଥିଲେ।

## ଶ୍ରୀବିଗ୍ରହଙ୍କ ଚାଚେରୀ ବେଶ

ପୁରୀ, ୨୫।୨ (ଏସଏନଏସ): ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବିଭିନ୍ନ ବେଶ ମଧ୍ୟରେ ଚାଚେରୀ ବେଶ ଅନ୍ୟତମ। ଫଗୁଦଶମୀଠାରୁ ରତ୍ନ ସିଂହାସନାରୁ ଶ୍ରୀବିଗ୍ରହ ମାନଙ୍କର ମନୋରମ ଚାଚେରୀ ବେଶ ଅନୁଷ୍ଠିତ ହୋଇଥାଏ। ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ମଧ୍ୟାହ୍ନ ଧୂପ ପରେ ସ୍ୱତନ୍ତ୍ର ଭାବେ ଏହି ବେଶ ଅନୁଷ୍ଠିତ ହୋଇଥାଏ। ଫାଲଗୁନ ମାସ ଶୁକ୍ଳପକ୍ଷ ଦଶମୀଠାରୁ ତ୍ରୟଦଶୀ ପର୍ଯ୍ୟନ୍ତ ୪ ଦିନ ଧରି ପ୍ରତିଦିନ ମଧ୍ୟାହ୍ନ ଧୂପ ପରେ ଠାକୁରମାନଙ୍କ ଏହି ଚାଚେରୀ ବେଶ ଅନୁଷ୍ଠିତ ହୋଇଥାଏ। ତେବେ ଚଳିତ ବର୍ଷ ଗୁରୁବାର ଦଶମୀ ପଡୁଥିବାରୁ ଗୁରୁବାର ଠାରୁ ମହାପ୍ରଭୁଙ୍କ ଚାଚେରୀ ବେଶ ଅନୁଷ୍ଠିତ ହେବ। ମହାପ୍ରଭୁଙ୍କ ଏହି ବେଶଟି ଆନନ୍ଦ ଉଲ୍ଲାସମୟ ଦୋଳଉତ୍ସବ କାଳୀନ ବିଶେଷ ବେଶ ଅଟେ। ଗୁରୁବାର ମହାପ୍ରଭୁଙ୍କ ମଧ୍ୟାହ୍ନ ଧୂପ ସରିବା ପରେ ତିନି ବାଡ଼ରେ ମଇଲମ କରାଯାଇ ଠାକୁରମାନଙ୍କୁ ବୋଇରାଣୀ ମାଧାବଳୀ ନୂତନ ପାଟବସ୍ତ୍ର ଲାଗି ହେବ। ପରେ ସେବାୟତ ମାନେ ଶ୍ରୀବିଗ୍ରହ ମାନଙ୍କୁ ଚାଚେରୀ ବେଶରେ ସୁସଜ୍ଜିତ କରାଇବେ। ସାଧାରଣତଃ ଚାଚେରୀ ବେଶରେ ଠାକୁରମାନେ ଲାଲ ବର୍ଣ୍ଣର ବସ୍ତ୍ର ପରିଧାନ କରିଥାନ୍ତି।

## ବାରଙ୍ଗ ପ୍ରେସ୍ କ୍ଲବର ବନ୍ଧୁମିଳନ



ବାରଙ୍ଗ, ୨୫।୨ (ଏସଏନଏସ): ଦୈତନଗରୀ ମଧ୍ୟସ୍ଥଳ ବାରଙ୍ଗର ସର୍ବ ପୁରାତନ ପ୍ରେସକ୍ଲବର ଆଜି ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାରଙ୍ଗ ପ୍ରେସକ୍ଲବର ସଭାପତି ଲିଙ୍ଗରାଜ ରାଉତଙ୍କ ଅଧ୍ୟକ୍ଷତାରେ ସମସ୍ତ ସାମ୍ବାଦିକ ମାନଙ୍କୁ ଉତ୍ତରୀୟ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ପ୍ରଥମେ ବାରଙ୍ଗ ପ୍ରେସ କ୍ଲବରେ ନୂଆ କରି ଯୋଗଦେଇଥିବା ୪ ଜଣ ସାମ୍ବାଦିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲ। ଅଞ୍ଚଳର ସମସ୍ତ ଘଟଣାବଳୀ ଓ ଖବରକୁ ପ୍ରଶାସନ, ସରକାରଙ୍କ ନିକଟରେ ପହଞ୍ଚାଇ ସାଧାରଣ ଲୋକଙ୍କ ଆସ୍ଥା ଭାଜନ ହୋଇପାରିଛି ବାରଙ୍ଗ ପ୍ରେସ କ୍ଲବ ସମସ୍ତ ସାମ୍ବାଦିକ। ସାମ୍ବାଦିକ କଲମ ମୁନରେ ସମ୍ପୂର୍ଣ୍ଣ ସମାଜର ଦୃଶ୍ୟପଟ ଆଙ୍କି ହୋଇଯାଏ। ତାଙ୍କର ତ୍ୟାଗ ଓ ବଳିଦାନକୁ ପ୍ରକୃତରେ କେହି ବୁଝିପରିନାହାନ୍ତି କି ବୁଝିବାକୁ ମଧ ଚେଷ୍ଟା କରୁନାହାନ୍ତି। ସମସ୍ତ ସାମ୍ବାଦିକମାନେ ଉପସ୍ଥିତ ରହି ବିଭିନ୍ନ ସମସ୍ୟା ଓ ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟପଟେ ପଲିଥିନମୁକ୍ତ ପରିବେଶ ସୃଷ୍ଟି କରିବା ପାଇଁ ସମସ୍ତ ସାମ୍ବାଦିକ ଶପଥପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ତ୍ରିଲୋଚନ ଦାସ, ପ୍ରକାଶ ଚନ୍ଦ୍ର ସାହୁ, କମଳାକାନ୍ତ ନାୟକ, କୃଷ୍ଣଚନ୍ଦ୍ର ସ୍ୱାଇଁ, ସଚିଦାନନ୍ଦ ପଢିଆରି, ସନ୍ତୋଷ କୁମାର ମଲ୍ଲିକ, ତାପସ ଜେନା, ଗୌତମ ରାଉତ, ସଂଗ୍ରାମ କିଶୋର ଦାସ,ସନ୍ତୋଷ କୁମାର ରାଉତ, ପ୍ରଦୀପ ସ୍ୱାଇଁ, ଶେଷଦେବ ବଡ଼ଜେନା, ଅନନ୍ତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ବୁଲା କୁକୁରଙ୍କ ଆକ୍ରମଣରୁ ଶିଶୁଙ୍କୁ ସୁରକ୍ଷା ସମ୍ପର୍କିତ ବୈଠକ

ପୁରୀ, ୨୫।୨ (ଏସଏନଏସ): ବୁଲା କୁକୁର ଆକ୍ରମଣରୁ ଶିଶୁ ମାନଙ୍କୁ ସୁରକ୍ଷିତ ରଖିବା ନିମନ୍ତେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧକ୍ଷତାରେ ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ ଜିଲ୍ଲାର ଅଧିକାରୀମାନଙ୍କୁ ନେଇ ଜିଲ୍ଲାସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା ଅକ୍ଷୟ କୁମାର ଶତପଥି, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା, ଜିଲ୍ଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ପ୍ରକଳ୍ପ ସଂଯୋଜିକା, ମିଶନ ଶକ୍ତି ଓ ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ, ଅଙ୍ଗନୱାଡ଼ି ପରିବେଶରେ ଅଙ୍ଗନୱାଡ଼ି କର୍ମୀ ମାନେ ନୋଡ଼ାଲ-ଅଫିସର ଭାବେ ଶିଶୁମାନଙ୍କୁ ବୁଲା କୁକୁର ଓ ଗାଈ ମାନଙ୍କ ଠାରୁ କିପରି ସୁରକ୍ଷିତ ରଖିବେ, ବଳକା ଖାଦ୍ୟ ଏଠିସେଠି ନ ପକାଇ ଡଷ୍ଟବିନ୍‌ରେ ପକାଇବେ ଏ ସମ୍ବନ୍ଧରେ ଅନ୍ୟମାନଙ୍କୁ ସଚେତନ କରାଇବେ। ଅଙ୍ଗନୱାଡ଼ି କର୍ମୀଙ୍କର ନାମ, ପଦବୀ ଓ ଫୋନ ନମ୍ବର ଅଙ୍ଗନୱାଡ଼ି ବାହାର କାନ୍ଥରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଲେଖାଯିବ।

## ବିଦ୍ୟାଳୟ ଶ୍ରେଣୀଗୃହ ପାଇଁ ଶିଳାନ୍ୟାସ



ଭୁବନେଶ୍ୱର, ୨୫।୨ (ଏସଏନଏସ): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ୍ ବ୍ରଜମୋହନପୁରସ୍ଥିତ ମାନବିକ ବିଦ୍ୟାଭବନ ପରିସରରେ ଡ.ଏସ୍ କେ ଦାଶ ହାଇସ୍କୁଲର ନୂତନ ଶ୍ରେଣୀଗୃହ ପାଇଁ ଶିଳାନ୍ୟାସ ହୋଇଛି। କଳିଙ୍ଗ ହସପିଟାଲ ଅଧ୍ୟକ୍ଷ ଡ. ଶୀତିକଣ୍ଠ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଳାନ୍ୟାସ କରିଥିଲେ। ଏଥିରେ କଳିଙ୍ଗ ହସପିଟାଲ ସିଇଓ ଡ. ସନ୍ତୋଷ କୁମାର ଦୋରା, ମେଡ଼ିକାଲ ସୁପରନିଟେଣ୍ଡେଣ୍ଟ ଡ. ମଦନମୋହନ ଦତ୍ତ, ଅପରେସନ ହେଡ୍ ନରେନ୍ଦ୍ର ଶତପଥୀ, ଅର୍ଥ ବିଭାଗ ମୁଖ୍ୟ ନୃସିଂହ ସ୍ୱାଇଁ, ମାର୍କେଟିଂ ମୁଖ୍ୟ ମୃତ୍ୟୁଞ୍ଜୟ ମିଶ୍ର, ମାନବ ସମ୍ବଳ ବିଭାଗର ମୁଖ୍ୟ ଏଲିନା ଭୂୟାଁ, ମାର୍କେଟିଂ ବିଭାଗର ବିନୟ ନନ୍ଦ ଦାଶ, ଏସ୍ ଅପରାଜିତା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଅନୁଷ୍ଠାନର ଛାତ୍ରଛାତ୍ରୀ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଅଭୟ ମହାନ୍ତ ଅତିଥି ପରିଚୟ ଦେଇଥିଲେ। ଅନୁଷ୍ଠାନର ଅଧ୍ୟକ୍ଷା କନକଲତା ନାୟକ ଧନ୍ୟବାଦ ଦେଇଥିଲେ। ବିଜୟ ସାହୁ, ଦୁର୍ଯ୍ୟୋଧନ ମହାନ୍ତ, ରଶ୍ମିରେଖା ସାହୁ, ପ୍ରଜ୍ଞା ପ୍ରିୟଦର୍ଶିନୀ ସାହୁ ପ୍ରମୁଖ ଶିକ୍ଷକ, ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଆଇଆଇଟିରେ ଅନ୍ତର୍ଜାତୀୟ କର୍ମଶାଳା

ଜଟଣୀ, ୨୫।୨ (ଏସଏନଏସ): ମର୍ଯ୍ୟାଦାଜନକ ଶିକ୍ଷା ଏବଂ ଗବେଷଣା ସହଯୋଗ ଯୋଜନା ପଦକ୍ଷେପ ଅଧୀନରେ 'ସ୍ମାର୍ଟ ଗ୍ରୀଡ୍ ପାଇଁ ସ୍ଥିର ଡିଇଆର, ମାଇକ୍ରୋଗ୍ରୀଡ୍ ଏବଂ ଇଲେକ୍ଟ୍ରିକ୍ ଯାନ ପ୍ରଯୁକ୍ତିବିଦ୍ୟାରେ ଅଗ୍ରଗତି' ଶୀର୍ଷକ ଏକ ତିନି ଦିନିଆ ଅନ୍ତର୍ଜାତୀୟ କର୍ମଶାଳା ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଶିକ୍ଷା, ଗବେଷଣା ପ୍ରତିଷ୍ଠାନ ଏବଂ ଶିଳ୍ପ ମଧ୍ୟରେ ଜ୍ଞାନ ଆଦାନପ୍ରଦାନ ଏବଂ ସହଯୋଗୀ ସମ୍ପର୍କ ପାଇଁ ଏକ ଗତିଶୀଳ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରିଥିଲା। କର୍ମଶାଳାରେ ବିଭିନ୍ନ ଅନୁଷ୍ଠାନର ଗବେଷଣା ବିଦ୍ୱାନ, ଶିକ୍ଷାବିତ୍ ଏବଂ ଶିଳ୍ପ ବୃତ୍ତିଗତଙ୍କ ଉତ୍ସାହୀ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା, ଯାହା ସ୍ମାର୍ଟ ଗ୍ରୀଡ୍ ପ୍ରଯୁକ୍ତିବିଦ୍ୟା ଏବଂ ସ୍ଥାୟୀ ଶକ୍ତି ବ୍ୟବସ୍ଥା ପ୍ରତି ବଢୁଥିବା ଆଗ୍ରହ ଏବଂ ଦ୍ରୁତ ଅଗ୍ରଗତିକୁ ପ୍ରତିଫଳିତ କରିଥିଲା। ଏହି କାର୍ଯ୍ୟକ୍ରମରେ ବିଶ୍ୱସ୍ତରୀୟ



ଖ୍ୟାତିସମ୍ପନ୍ନ ଅନୁଷ୍ଠାନ ଏବଂ ସଂଗଠନର ଏକ ବିଶିଷ୍ଟ ବକ୍ତାଙ୍କ ପ୍ୟାନେଲ ସାମିଲ ଥିଲେ, ଯେଉଁଥିରେ ସିଙ୍ଗାପୁରର ଜାତୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର ସଞ୍ଜିବ କୁମାର ପଣ୍ଡା, ଅକଲ୍ୟାଣ୍ଡ ବିଶ୍ୱବିଦ୍ୟାଳୟର ପ୍ରଫେସର ଅଭିଷେକ ଉକିଲ, ବେଙ୍ଗାଲୁରୁର ଭାରତୀୟ ବିଜ୍ଞାନ ପ୍ରତିଷ୍ଠାନ ପ୍ରଫେସର କୌଶିକ ବାସୁ, ଗୌହାଟୀର ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ ପ୍ରଫେସର ଚନ୍ଦନ କୁମାର, ତିରୁଚିରାପାଲିର ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ ପ୍ରଫେସର ଭେଙ୍କଟ ରାଘବେନ୍ଦ୍ର ଇଙ୍ଗେ, ଏଭିଏଲ ଇଣ୍ଡିଆର ଡକ୍ଟର ବାଲା ନାଗା ଲିଙ୍ଗୈୟା ଆଣ୍ଡେ, ସିପିଆରଆଇର ପୂର୍ବତନ ନିର୍ଦ୍ଦେଶକ ଜେନେରାଲ ପ୍ରଫେସର ଏ.କେ. ତ୍ରିପାଠି, ମାଡ୍ରାସ ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ ଡାକ୍ତର ଦୀପକ ରୋନାଙ୍କି, ଖଡ଼ଗପୁର ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ ପ୍ରଫେସର ଦୀପକ ପୁଲ୍ଲାଗୁରାମ ପ୍ରମୁଖ ସାମିଲ ଥିଲେ।













## ଭାଲୁ ଆକ୍ରମଣରେ ବୃଦ୍ଧ ଗୁରୁତର

ପାପଡାହାଣ୍ଡି, ୨୫।୨(ଏସଏନଏସ): ଭାଲୁ ଆକ୍ରମଣରେ ଜଣେ ବୃଦ୍ଧ ଗୁରୁତର ହୋଇଛନ୍ତି। ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ନୂଆକୋଟ ପଞ୍ଚାୟତ ଅନ୍ତର୍ଗତ ପୂଜାରୀଗୁଡା ଗାଁର ଡଙ୍ଗରିଜଙ୍ଗଲ ନିକଟରେ ଭାଲୁ ବୃଦ୍ଧଙ୍କୁ ଆକ୍ରମଣ କରିଥିଲା । ସେ ଜଙ୍ଗଲ ନିକଟରେ ମହୁଲ ଗଛ ତଳେ ସଫା କରୁଥିବା ସମୟରେ ଭାଲୁ ଆକ୍ରମଣ କରିଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ପାପଡାହାଣ୍ଡି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ପରେ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି ।

## ସଂଘବଦ୍ଧ ଆକ୍ରମଣରେ ଯୁବକଙ୍କ ମୃତ୍ୟୁ ଘଟଣା,୫ ଗିରଫ

ପାପଡାହାଣ୍ଡି, ୨୫।୨(ଏସଏନଏସ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ମୈଦଲପୁର ଥାନା ଆଉଳି ଗ୍ରାମରେ ସଂଘବଦ୍ଧ ଆକ୍ରମଣରେ ଯୁବକର ମୃତ୍ୟୁ ଘଟଣାରେ ପୁଲିସ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି । କୋର୍ଟ ଚାଲାଣ ହୋଇଥିବା ଅଭିଯୁକ୍ତ ମାନେ ହେଲେ ମୁକୁନ୍ଦ କୁର୍ମି, ରାହୁଲ କୁର୍ମି, ମାନସ କୁର୍ମି, ଚନ୍ଦ୍ରକେତୁ କୁର୍ମି ଓ ତରୁଣୀ ଅଗ୍ରୀଆ । ଗତ ରବିବାର ଗାଁର ତ୍ରିନାଥ ନାୟକଙ୍କୁ ଗ୍ରାମର ୧୦ ଜଣ ମିଶି ଆକ୍ରମଣ କରିଥିଲେ । ମେଡିକାଲରେ ଡାକ୍ତର ତ୍ରିନାଥଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ଏନେଇ ମୈଦଲପୁର ଥାନାରେ ଅଭିଯୋଗ ହୋଇଥିଲା । ପୋଲିସ ତଦନ୍ତ ଆରମ୍ଭ କରି ୫ ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଥିଲେ । ବର୍ତ୍ତମାନ ମଧ୍ୟ ଅନ୍ୟମାନେ ଫେରାର ଥିବା ପୁଲିସ ସୂଚନା ଦେଇଛି । ଆଜି ଜଣେ ମହିଳା ସମେତ ୪ ଜଣ ପୁରୁଷଙ୍କୁ କୋର୍ଟ ଚାଲାଣ କରାଯାଇଛି । ଅନ୍ୟପଟେ ଫେରାର ଥିବା ଅଭିଯୁକ୍ତ ମାନଙ୍କୁ ଅତି ଶୀଘ୍ର ଧରାଯିବ ବୋଲି ମୈଦଲପୁର ଥାନା ଅଧିକାରୀ ଯୁଗଳ ଶବର ସୂଚନା ଦେଇଛନ୍ତି ।

## ସେତୁଙ୍କୁ ବିପଦ ବେଆଇନ ବାଲି ଚାଲାଣ

ବିଞ୍ଝାରପୁର, ୨୫।୨(ଏସଏନଏସ):ସରକାର ବେଆଇନ ବାଲି ଖନନ ଏବଂ ଉତ୍ତୋଳନ ପାଇଁ ସବୁବେଳେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ତାଗିଦ କରୁଛନ୍ତି । କିନ୍ତୁ ବିଞ୍ଝାରପୁରରେ ସବୁ ଖୁଲମ ଖୋଲା । ସରକାରୀ ଦପ୍ତରରୁ ମିଳିଥିବା ସୂଚନା ଅନୁଯାୟୀ ବିଞ୍ଝାରପୁର ତହସିଲ ଅଧୀନରେ ରହିଛି ୬ ଟି ବାଲି ଘାଟ । କିନ୍ତୁ ଏହାକୁ ଛାଡି ବେଆଇନ ଭାବେ ଡଙ୍ଗାରେ ଆଉ ଟ୍ରାକ୍ଟର ଲଗାଇ ମନ ଇଛା ବାଲି ଲୁଟ କରୁଛନ୍ତି ମାଫିଆ । ବିଂଝାରପୁର ତହସିଲ ଅଧିନସ୍ଥ ଖରସ୍ରୋତା ନଦୀର ବଗମରା ସେତୁର ଠିକ୍ ୧୦୦ ରୁ ୧୫୦ ମିଟର ପରିଧି ମଧ୍ୟରେ ଟ୍ରାକ୍ଟର ଲଗାଇ ବାଲି ଲୁଟ ହେଉଥିବା ଅଭିଯୋଗ ହୋଇଛି । ଯାହା ସେତୁ ପାଇଁ ବିପଦ ସୃଷ୍ଟି କରିବ ଏଥିରେ ତିଳେ ମଧ୍ୟ ସନ୍ଦେହ ନାହିଁ। ଏହି ସୁଉଚ୍ଚ ସେତୁ ଉପରେ ଯାଜପୁର ଜିଲ୍ଲାର ବିଞ୍ଝାରପୁର ଏବଂ ବରୀ ବ୍ଲକ ସମେତ କେନ୍ଦ୍ରାପଡ଼ା ଜିଲ୍ଲାର ଆଳି ବ୍ଲକର ଲୋକେ ନିର୍ଭର କରିଥାନ୍ତି । କିନ୍ତୁ ଏହି ସେତୁର ସୁରକ୍ଷା ପ୍ରତି ସତେ ଯେମିତି ଆଖି ବୁଜି ଦେଇଛି ପ୍ରଶାସନ । ଯେତେବେଳେ ସେତୁର ଏତେ ନିକଟରୁ ବାଲି ଖନନ ତଥା ଉଠାଣକୁ ବାରଣ କରାଯାଇଛି,ସେତେବେଳେ ଜିଲା ଶାସନ ଏବଂ ରୋକ୍ ଅଭାବରୁ ଲୁଟ ନିୟମକୁ ଆଖି ଠାର ମାରି ଚାଲିଛି ବାଲି ଉଠାଣ । ସେତୁର ସୁରକ୍ଷା ପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି ।

## ବାଲ୍ୟବିବାହ ରୋକିଲେ ପ୍ରଶାସନ

ବ୍ରହ୍ମପୁର, ୨୫।୨(ଏସଏନଏସ): ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଭ୍ରମରପୁର ପଞ୍ଚାୟତ ନାରାୟଣପୁର ଗ୍ରାମର ଜଣେ ୧୭ ବର୍ଷୀୟା ନାବାଳିକାଙ୍କୁ ବିବାହ କରିବା ପାଇଁ ନିମନ୍ତ୍ରଣପତ୍ର ବଣ୍ଟା ସରିଥିଲା । ବାହାଘର ପାଇଁ ପରିବାର ପକ୍ଷରୁ ସମସ୍ତ ପ୍ରସ୍ତୁତି ଚାଲିଥିଲା । ଘରେ ପହଞ୍ଚିଥିଲେ ସମସ୍ତ ବନ୍ଧୁ ବାନ୍ଧବ । ବୁଧବାର ହୋଇଥାଆନ୍ତା ବାହାଘର । ଖବରପାଇ ପୋଲିସ ପ୍ରଶାସନ ପହଞ୍ଚିବା ସହ ବାଲ୍ୟ ବିବାହକୁ ରୋକିଥିବା ଜଣାପଡିଛି । ଦିଗପହଣ୍ଡି ସିଡିପିଓ ପୁଷ୍ପାଞ୍ଜଳି ବେହେରା ଏନେଇ ସୂଚନା ପାଇବା ପରେ କେ.ନୂଆଗାଁ ଥାନା ନୂଆପଡ଼ା ଫାଣ୍ଡି ଅଧିକାରୀ ସୁବାସ ଚନ୍ଦ୍ର ବାୟକଙ୍କ ସହ ନାବାଳିକାଙ୍କ ଘରେ ପହଞ୍ଚି ତାଙ୍କ ସ୍କୁଲ ସାର୍ଟିଫିକେଟ ଏବଂ ଆଧାରକାର୍ଡ ଯାଞ୍ଚ କରିବାରୁ ତାଙ୍କୁ ୧୭ ବର୍ଷ ୩ ମାସ ହୋଇଥିବା ଜଣାପଡିଥିଲା । ସିଡିପିଓ ଉପସ୍ଥିତ ମାତା ପିତା ଓ ସମ୍ପର୍କୀୟଙ୍କୁ ବାଲ୍ୟ ବିବାହ ପରିଣତି ଏବଂ ପ୍ରଚଳିତ ଆଇନ ବ୍ୟବସ୍ଥା ସମ୍ପର୍କରେ ବୁଝାସୁଝା କରିବା ପରେ ସେମାନେ ବିବାହ କାର୍ଯ୍ୟ ବନ୍ଦ ରଖିବାକୁ ସହମତି ପ୍ରକାଶ କରିଥିଲେ । ନାବାଳିକାଙ୍କ ପରିବାର ଲୋକେ ନିଜ ଭୁଲ ବୁଝିବା ସହିତ ୧୮ ବର୍ଷ ପୂରିବା ପରେ ହିଁ ଝିଅ ବାହାଘର କରିବେ ବୋଲି ଲିଖିତ ପତ୍ର ସିଡିପିଓଙ୍କୁ ପ୍ରଦାନ କରିଥିବା ଜଣାପଡିଛି ।

## ଜିଲ୍ଲାରେ ମାତୃ ଓ ଶିଶୁ ମୃତ୍ୟୁର ସମୀକ୍ଷା କଲେ ଜିଲ୍ଲାପାଳ

ଯାଜପୁର, ୨୫।୨(ଏସଏନଏସ): ଜିଲ୍ଲାପାଳଙ୍କ ସମିଳନୀ କକ୍ଷରେ ଜିଲ୍ଲାପାଳ ଅମ୍ବର କୁମାର କର ଜାନୁଆରୀ ମାସରେ ହୋଇଥିବା ମାତୃ ଓ ଶିଶୁ ମୃତ୍ୟୁର ସମୀକ୍ଷା କରିଛନ୍ତି । ଏହି ସମୀକ୍ଷାରେ ଜିଲ୍ଲାପାଳ ଶ୍ରୀ କର ମୃତ ମା ଏବଂ ଶିଶୁଙ୍କ ପରିବାର ସଦସ୍ୟଙ୍କ ସାଙ୍ଗରେ ମୃତ୍ୟୁର କାରଣ ବିଷୟରେ ପଚାରି ବୁଝିଥିଲେ । ତାଙ୍କ ସାଙ୍ଗରେ ଆସିଥିବା ଅଙ୍ଗନୱାଡ଼ି ଓ ଆଶା ଦିଦିଙ୍କୁ ଭିଏଚଏନଡି କିପରି କାର୍ଯ୍ୟ କରୁଛି ତାହା ପଚାରି ବୁଝିଥିଲେ । ଏହାସହ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗରୁ ଆସିଥିବା ଡା. ମୁରଲୀ ପାଢ଼ୀ, ମାତୃ ସ୍ୱାସ୍ଥ୍ୟ ଅଧିକାରୀ, ଯାଜପୁର ମେଡିକାଲ କଲେଜର ଅଧ୍ୟକ୍ଷ ଏବଂ ଅନ୍ୟାନ୍ୟ ପ୍ରଫେସର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀଙ୍କ ଆଲୋଚନା କରିବା ସହିତ ସ୍ୱାସ୍ଥ୍ୟ ସେବାରେ ଥିବା ବ୍ୟବଧାନକୁ ଯଥା ଶୀଘ୍ର ପୂରଣ କରିବା, ଏକ ଟିମ ଭାବେ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ରକ୍ତ ଭଣ୍ଡାରରେ ରକ୍ତ ଗଚ୍ଛିତ ରଖିବା ଏବଂ ଆୟୁଷ୍ମାନ ଶିବିରରେ ରକ୍ତଦାନ କ୍ୟାମ୍ପ କରିବା ପାଇଁ ନିର୍ଦ୍ଦେଶ ଦେବା ସହ ଆଗାମୀ ଗ୍ରୀଷ୍ମ ଋତୁର ମୁକାବିଲା କରିବା ପାଇଁ ସମସ୍ତଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ସବୁ ବ୍ଲକ ଓ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଶେଷରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗରୁ ଆସିଥିବା ଡା. ପାଢ଼ୀ ଯାଜପୁର ଜିଲ୍ଲାରେ ସ୍ୱାସ୍ଥ୍ୟ ସେବାରେ କ୍ରମାଗତ ଉନ୍ନତି ପାଇଁ ଜିଲ୍ଲାପାଳ ଓ ସ୍ୱାସ୍ଥ୍ୟ ବିଭାଗକୁ ସାଧୁବାଦ ଓ ଧନ୍ୟବାଦ ଦେଇଥିଲେ ।

### ପରକୀୟାପ୍ରୀତିର କରୁଣ ପରିଣତି

# ଟାର୍ଗେଟ୍‌ରେ ଥିଲେ ସ୍ୱାମୀ, ସ୍ତ୍ରୀଙ୍କୁ ମାରିଦେଲେ ଦୁର୍ବୃତ୍ତ

କୋଇଡ଼ା, ୨୫।୨(ଏସଏନଏସ): ଟାର୍ଗେଟରେ ଥିଲେ ସ୍ୱାମୀ । ହେଲେ ସ୍ତ୍ରୀଙ୍କୁ ମାରିଦେଲେ ଦୁର୍ବୃତ୍ତ । ପୁଲିସ ୧୯ ଦିନ ପରେ ମୃତଦେହକୁ ମାଟିତଳୁ ଉଦ୍ଧାର କରିଛି । ଏପରି ଏକ ଅଭାବନୀୟ ଘଟଣା କୋଇଡା ବ୍ଲକ୍ କେବଲାଙ୍ଗ ଥାନା ସୋୟମ୍ବା ପଞ୍ଚାୟତରେ ଘଟିଛି । ଗତକାଲି ସୋୟୋମ୍ବା ଅଞ୍ଚଳର ଚରଣ ମୁଣ୍ଡା (୪୭) ନିଜ ସ୍ତ୍ରୀ ଖଇରୀ ମୁଣ୍ଡା (୪୫) ଙ୍କୁ ଗତ ୦୭।୦୨।୨୦୨୬ ଠାରୁ ନିକଟସ୍ଥ ରେଞ୍ଜଡା ବଜାର ପାଖରୁ କୁଆଡେ ଗାଏବ ହୋଇଯାଇଥିଲେ । ବହୁ ଖୋଜାଖୋଜି କରିବା ପରେ ମଧ୍ୟ ତାଙ୍କର କୌଣସି ସନ୍ଧାନ ପାଇ ନ ଥିଲେ । ଗତକାଲି ତାଙ୍କ ଗ୍ରାମରେ ମାଗେ ପର୍ବ ଚାଲିଥିବା ବେଳେ ଶୁଣିବାକୁ ମିଳିଲା ଯେ ତାଙ୍କ ସ୍ତ୍ରୀ ଖଇରୀ ଙ୍କୁ ହତ୍ୟା କରି ନିକଟସ୍ଥ ଜଙ୍ଗଲ ମଧ୍ୟରେ ମାଟି ତଳେ ପୋତିଦିଆଯାଇଛି । ଆଉ ହତ୍ୟାକାରୀ ହଉଛି



ଗ୍ରାମର ରୁଷ୍ଟୁ ମୁଣ୍ଡା । ଚରଣ ବିଳମ୍ବ ନ କରି କେବଲାଙ୍ଗ ଥାନାର ଦ୍ୱାରସ୍ଥ ହୋଇ ସମ୍ପୂର୍ଣ୍ଣ ଘଟଣା ସମ୍ପର୍କରେ ଜଣାଇଥିଲେ । ଏ ନେଇ କେବଲାଙ୍ଗ ଥାନା ଅଧିକାରୀ ଅଶୋକ କୁମାର ବେହେରା ଓ ଟିମ୍ ଗ୍ରାମର ରୁଷ୍ଟୁ ମୁଣ୍ଡା ଙ୍କୁ ଅଟକ ରଖି ପଚରାଉଚରା କରିବାରୁ ସତ ମାନିଥିଲା । ସେ ଚରଣଙ୍କୁ ମାରିବା ପାଇଁ ବିଚାର କରିଥିଲେ । ହେଲେ ରାଗରେ ଖଇରୀଙ୍କୁ ହତ୍ୟା କରି ନିକଟସ୍ଥ ଜଙ୍ଗଲରେ ଜଣେ ସହଯୋଗୀଙ୍କ ସହାୟତାରେ ପୋତି ଦେଇଛନ୍ତି । ଏ ନେଇ ଦୁର୍ବୃତ୍ତ ରୁଷ୍ଟୁ ସହିତ ପୋତିଥିବା ସ୍ଥାନକୁ ଯାଇଥିଲେ ଯେଉଁଠି କୋଇଡା ତହସିଲଦାର ନିର୍ମଳ ବିଶ୍ୱାଳଙ୍କ ଉପସ୍ଥିତିରେ ଶବ ଉଦ୍ଧାର କରାଯାଇ ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲେ । ପୁଲିସ ଅଭିଯୁକ୍ତ ରୁଷ୍ଟୁ ମୁଣ୍ଡା ଓ ତାଙ୍କ ସହଯୋଗୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

## ବରଗଡରେ ସାଇବର ଠକେଇ ମାମଲା,୪ ଗିରଫ

ବରଗଡ଼, ୨୫।୨(ଏସଏନଏସ): ଅପରେସନ ସାଇବର କବଚ ଅଭିଯାନରେ ବରଗଡ଼ ପୁଲିସକୁ ଆଉ ଏକ ବଡ଼ ସଫଳତା ମିଳିଛି । ଆନ୍ତଃରାଜ୍ୟ ସାଇବର ଠକେଇ ଘଟଣାକୁ ନେଇ ପୁଲିସ ଜଣେ ମହିଳାଙ୍କ ସହିତ ଅନ୍ୟ ୩ ଜଣ ଯୁବକ ଗିରଫ କରିଛି । ଗିରଫ ମହିଳା ବରଗଡ଼ ବଦ୍ରିପ୍ରସାଦ ଆପାର୍ଟମେଣ୍ଟ ଡି ବ୍ଲକ ୨୧୩ ନମ୍ବର ଫ୍ଲାଟର ବିକି ଅଗ୍ରୱାଲଙ୍କ ପତ୍ନୀ ଚାନ୍ଦିନୀ ଅଗ୍ରୱାଲ, ବିହାର ରାଜ୍ୟ ମୁରାଦପୁର ଅଞ୍ଚଳର ରାକେଶ ମଣ୍ଡଳ, ପଦ୍ମପୁର ସହରର ମହମ୍ମଦ ରିଜୁଆନ ଓ ସିଦ୍ଧେଶ୍ୱର ପଟ୍ଟନାୟକ । ଝାରବନ୍ଧ, ପାଇକମାଲ, ପଦ୍ମପୁର ଓ ଜଗଦଲପୁର ଥାନାରେ ପୃଥକପୃଥକ ମାମଲା ରୁଜୁ କରି ପୁଲିସ ଅଭିଯୁକ୍ତମାନଙ୍କୁ ଗିରଫ କରି ସେମାନଙ୍କଠାରୁ ୪ ମୋବାଇଲ, ୭ଲକ୍ଷ ଟଙ୍କା, ୮ ସିମ କାର୍ଡ଼, ଡେବିଟ କାର୍ଡ଼, ପାନ କାର୍ଡ଼, ୨୦ ବ୍ୟାଙ୍କ ଚେକ ବୁକ, ୧୯ବ୍ୟାଙ୍କ ପାସବୁକ, ୩୮ଟି ଏଟିଏମ କାର୍ଡ଼ ଆଦି ସାମଗ୍ରୀ ଜବତ କରିଛି । ଆନ୍ତଃରାଜ୍ୟ ମନି ଲଣ୍ଡ୍ରିଙ୍ଗକୁ ସହଜ କରିବା ପାଇଁ ନିରୀହ ବ୍ୟାଙ୍କ ହିତାଧିକାରୀଙ୍କ ଆକାଉଣ୍ଟକୁ ଅପବ୍ୟବହାର କରି ୭କୋଟି ଟଙ୍କା ସାଇବର ଠକେଇ କରିଥିବା ବରଗଡ଼ ଏସପି ପ୍ରହଲ୍ଲାଦ ମୀନା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଏସପି କହିଛନ୍ତି ଯେ, ଫେବୃୟାରୀ ୧୩ ତାରିଖରୁ ଫେବୃୟାରୀ ୨୭ତାରିଖ ଯାଏ ରାଜ୍ୟରେ ପୁଲିସ ଡିଜିଙ୍କ ନିର୍ଦ୍ଦେଶରେ ଅପରେସନ ସାଇବର କବଚ ଅଭିଯାନ କରାଯାଉଛି । ଏହି କ୍ରମେ ବରଗଡ଼ ଜିଲ୍ଲା ପଦ୍ମପୁର ସହରସ୍ଥିତ ୟୁକୋ ବ୍ୟାଙ୍କ ଓ ପିଏନବି ବ୍ୟାଙ୍କର ଦୁଇଟି ଆକାଉଣ୍ଟକୁ ଯାଞ୍ଚ କରାଯାଇଥିଲା । ଉକ୍ତ ଦୁଇ ବ୍ୟାଙ୍କ ଆକାଉଣ୍ଟକୁ ପଦ୍ମପୁର ସହରର ଅମନ ସାହୁ ପରିଚାଳନା କରୁଥିଲେ । ପୁଲିସ ଅମନ ସାହୁଙ୍କୁ ପଚରାଉଚୁରା କରିବା ପରେ ସେ ମୁମ୍ବାଇରେ ରହୁଥିବା ଚାନ୍ଦିନୀ ଅଗ୍ରୱାଲଙ୍କ ସହିତ ସାଇବର ଠକେଇ କରୁଥିବା ପୁଲିସ ଆଗରେ ସ୍ୱୀକାର କରିଥିଲେ । ଏହାପରେ ପୁଲିସର ସ୍ୱତନ୍ତ୍ର ଟିମ ମୁମ୍ବାଇରୁ ଚାନ୍ଦିନୀ ଅଗ୍ରୱାଲଙ୍କୁ ଗିରଫ କରିବା ସହିତ ଅନ୍ୟମାନଙ୍କୁ ଗିରଫ କରିବାରେ ସଫଳ ହୋଇଛି ।

## ଜିଲ୍ଲା କଂଗ୍ରେସ ପକ୍ଷରୁ ବିକ୍ଷୋଭ

କୋରାପୁଟ, ୨୫।୨(ଏସ ଏନ ଏସ ):ଏପଷ୍ଟିନ ଫାଇଲରେ ଦେଶର ପ୍ରଧାନ ମନ୍ତ୍ରୀଙ୍କ ନାମ ରହିବା ଦେଶ ପାଇଁ ଏକ ଲଜ୍ୟାଜନକ ବିଷୟ ହୋଇଥିବା ବେଳେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କ ବିରୋଧରେ ଅସଭ୍ୟ ମନ୍ତବ୍ୟ ଦେଇଥିବା ନେଇ କେନ୍ଦ୍ର ମନ୍ତ୍ରୀଙ୍କ ଗିରଫ ଦାବି କରି ଜିଲ୍ଲା କଂଗ୍ରେସ ଦଳ ପକ୍ଷରୁ ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ଏତଲା ଦିଆଯାଇଛି । କୋରାପୁଟ ଜିଲ୍ଲା କଂଗ୍ରେସ ସଭାପତି ରୂପକ ତୁରୁକଙ୍କ ନେତୃତ୍ୱରେ ଜିଲ୍ଲା କଂଗ୍ରେସ ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏହି ଅଭିଯୋଗ ପତ୍ରରେ ଭାରତର ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ମନ୍ତ୍ରୀ ରିଜିଜୁଙ୍କ ଇସ୍ତଫା ଦାବୀ କରାଯାଇଥିବା ବେଳେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ଅସଭ୍ୟ ମନ୍ତବ୍ୟ ପ୍ରଦାନ କରିଥିବା ଅଭିଯୋଗରେ ମନ୍ତ୍ରୀ ହରଦୀପ ପୁରୀ ଓ ସାଂସଦ ଦୁବେଙ୍କୁ ଗିରଫ କରିବା ଦାବି କରିଛନ୍ତି । ଏହି ଏତଲା ପ୍ରଦାନ ସମୟରେ କଂଗ୍ରେସ ଦଳର ପୂର୍ବତନ ବିଧାୟକ ନିମାଇ ସରକାର, ସଂସଦ ପ୍ରତିନିଧି ମନୋଜ ଆଚାର୍ଯ୍ୟ, ବିଧାୟକ ପ୍ରାର୍ଥୀ କୃଷ୍ଣ କୁଲଦୀପଙ୍କ ସମେତ ବିଭିନ୍ନ ବ୍ଲକର କଂଗ୍ରେସ ସଭାପତି ଓ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ ।

## ଅଭିନେତା ଚିନ୍ମୟ ଦାସ ପଟ୍ଟନାୟକ ସମ୍ବର୍ଦ୍ଧିତ




ବାରିପଦା, ୨୫।୨(ଏସଏନଏସ) : ଭୁବନେଶ୍ୱର ସ୍ଥିତ ରବୀନ୍ଦ୍ର ମଣ୍ଡପରେ ଓଡିଶାର ପ୍ରତିଷ୍ଠିତ ନାଟ୍ୟସଂସ୍ଥା 'ଶତାବ୍ଦୀର କଳାକାର'ର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଆୟୋଜିତ ୨୮ତମ ଜାତୀୟ କଳିଙ୍ଗ ନାଟ୍ୟ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଯାପନୀ ସନ୍ଧ୍ୟାରେ ବିଶିଷ୍ଟ ଅଭିନେତା, ନାଟ୍ୟକାର, ନିର୍ଦ୍ଦେଶକ ଓ ସଂଗଠକ ଚିନ୍ମୟ ଦାସ ପଟ୍ଟନାୟକଙ୍କୁ ଉପଢୌକନ, ମାନପତ୍ର, ଟ୍ରଫି ଓ ୫ହଜାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇ 'ରବୀନ୍ଦ୍ର ସମ୍ମାନ'ରେ ସମ୍ମାନିତ କରାଯାଇଛି । ପ୍ରକାଶ ଥାଉକି ମଞ୍ଚ ନାଟକ, ବେତାର, ଟେଲିଭିଜନ ଓ ଚଳଚ୍ଚିତ୍ର ଜଗତକୁ ଉଲ୍ଲେଖନୀୟ ଅବଦାନ ସହ ଜଣେ ବଳିଷ୍ଠ ନାଟ୍ୟ ସଂଗଠକ ଭାବେ ସେ ନିଜକୁ ସୁପ୍ରତିଷ୍ଠିତ କରିପାରିଛନ୍ତି । ମୟୂରଭଞ୍ଜ ଜିଲ୍ଲାର ବାରିପଦା ବାସିନ୍ଦା ଶ୍ରୀ ଦାସ ପଟ୍ଟନାୟକଙ୍କ ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ପ୍ରଶଂସା ଓ ଅଭିନନ୍ଦନର ସୁଅ ଛୁଟିଛି ଓ ମାନ୍ୟବର ବିଧାୟକ ବାବୁ ସିଂ, ଅଭିନେତା ତଥା ବିଧାୟକ ଆକାଶ ଦାସନାୟକ, ସମାଜସେବୀ ଜଗନ୍ନାଥ ପ୍ରଧାନ, ସମ୍ବାଦ ଓ କନକ ଟିଭିର ମୁଖ୍ୟ ତନୟା ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ଡଃ ଗୌରହରି ଦାସ, ଲେଖକ ଶଙ୍କର ତ୍ରିପାଠୀ, ନିର୍ଦ୍ଦେଶକ ତଥା ସଂସ୍ଥାର ସାଧାରଣ ସମ୍ପାଦକ ଧୀର ମଲ୍ଲିକଙ୍କ ଗହଣରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା ।

## ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ନେଇ ପଦଯାତ୍ରା

ବ୍ରହ୍ମପୁର, ୨୫।୨(ଏସଏନଏସ): ଲୌହ ପୁରୁଷ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମ ଜୟନ୍ତୀ ଅବସରରେ ଏହି ମହାମାନବଙ୍କ ମହାନ କୃତି ଓ କୀର୍ତ୍ତି ସମ୍ପର୍କରେ ଜନସାଧାରଣ ବିଶେଷକରି ଯୁବପିଢ଼ିଙ୍କୁ ଅବଗତ ଓ ଉଦବୃଦ୍ଧ କରିବା ପାଇଁ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ଏକ ପଦଯାତ୍ରା ଅନୁଷ୍ଠିତ ହୋଇଛି । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଡ଼ଃ ପ୍ରମୋଦ କୁମାର ପୃଷ୍ଟି, ଅତିରିକ୍ତ ଜିଲ୍ଲାପାଳ ସୁନିଲ କୁମାର କେର୍କେଟା, ଜିଲ୍ଲା କ୍ରୀଡା ଅଧିକାରୀ ତାପସ କୁମାର ସାମଲ, ଛତ୍ରପୁରର ଅଧକ୍ଷ ଡ଼ଃ ଅଶୋକ କୁମାର ତ୍ରିପାଠୀ, ଓରମାସ ଡେପୁଟି ସିଇଓ ରାଜ ଗୋପାଳ ଏହି ପଦଯାତ୍ରାରେ ସାମିଲ ହୋଇଥିଲେ ।

### ଜମିବାଡ଼ି ବିବାଦକୁ ନେଇ ଆକ୍ରମଣ ଘଟଣା

## ଫେରାର ଅଭିଯୁକ୍ତଙ୍କୁ ଗିରଫ କରିବାର ପୁଲିସ ବିଫଳ

ଡେରାବିଶ, ୨୫।୨(ଏସଏନଏସ):ଜମିବାଡ଼ି ବିବାଦକୁ କେନ୍ଦ୍ର କରି ଡେରାବିଶ ଅଞ୍ଚଳରେ ଘଟିଥିବା ମରଣାନ୍ତକ ଆକ୍ରମଣ ଘଟଣାରେ ଦୁର୍ବୃତ୍ତଙ୍କ ଆତଙ୍କ ସହ ପୋଲିସର ନିଷ୍କ୍ରିୟତା ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ । ଦୀର୍ଘଦିନର ଜମି ବିବାଦ ନେଇ ରବିବାର ଦିନ କିଛି ଦୁର୍ବୃତ୍ତ ମିଶି ଏକ ଯୁବକଙ୍କୁ ଧାରୁଆ ଅସ୍ତ୍ର ଓ ଲାଠିରେ ନିର୍ମମ ଭାବେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ଆକ୍ରମଣରେ ଯୁବକ ଗୁରୁତର ଆହତ ହୋଇ ଜୀବନମୃତ୍ୟୁ ସଂଘର୍ଷ କରୁଛନ୍ତି । ତାଙ୍କୁ ପ୍ରଥମେ ସ୍ଥାନୀୟ ଚିକିତ୍ସାଳୟ, ପରେ ଜିଲ୍ଲା ଓ କଟକ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ପରେ ବର୍ତ୍ତମାନ ସେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ସୂଚନା ମିଳିଛି । କିନ୍ତୁ ଚିକିତ୍ସାରେ ଭାରି ଖର୍ଚ୍ଚ ହେଉଥିବାରୁ ପରିବାର ଆର୍ଥିକ ସଙ୍କଟରେ ପଡ଼ିଥିବା ବେଳେ ଅର୍ଥାଭାବ ଚିକିତ୍ସାରେ ବଡ଼ ବାଧା ସାଜିଛି । ପରିବାର ପକ୍ଷରୁ ସରକାରୀ ସହାୟତା ଦାବି ହେଉଛି । ଘଟଣା ପରେ ପରିବାର ଡେରାବିଶ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସର କାର୍ଯ୍ୟକଳାପ ଉପରେ ଏବେ ପ୍ରଶ୍ନ ଉଠିଛି । ଚାରି ଦିନ ବିତି ଯାଇଥିବା ସତ୍ତ୍ୱେ କେବଳ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି, ଅନ୍ୟ ଦୁଇ ଆସାମୀ ଖୁଲମଖୁଲା ଘୁରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି ।

## ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ବରଗଡ଼, ୨୫।୨(ଏସଏନଏସ): ରୋଟାରୀ କ୍ଲବ୍ ଅଫ୍ ବରଗଡ଼ ସେଣ୍ଟ୍ରାଲ୍ ପକ୍ଷରୁ ଡା. ନିଶାନ୍ତ ଦେବତାଙ୍କ କ୍ଲିନିକ୍ ସହଯୋଗରେ ବୁଧବାର ଏକ ନିଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜିତ ହୋଇଥିଲା । ଶିବିରରେ ହିମୋଗ୍ଲୋବିନ ପରୀକ୍ଷା, ପଲ୍ମୋନାରୀ ଫଙ୍କସନ୍ ଟେଷ୍ଟ (ସ୍ପାଇରୋମେଟ୍ରି) ଏବଂ ବୋନ୍ ଡେନ୍ସିଟି ପରୀକ୍ଷା ନିଶୁଳ୍କ ଭାବେ କରାଯାଇଥିଲା । କ୍ଲବ୍ ଅଧ୍ୟକ୍ଷ ରୋଟେରିଆନ୍ ଆଶିଷ ପାନସାରୀଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ରୋଟେରିଆନ୍ ଉମେଶ ଅଗ୍ରୱାଲ୍ ଅଧ୍ୟକ୍ଷତା କରିଥିଲେ । ରୋଟେରିଆନ୍ ପିୟୁଷ ଚୌଧୁରୀ ଓ ରୋଟେରିଆନ୍ ମନୋଜ ବିର୍ମିୱାଲ୍ ସହ-ଅଧ୍ୟକ୍ଷ ଭାବେ ଯୋଗଦେଇଥିଲେ । ଡା. ନିଶାନ୍ତ ଦେବତାଙ୍କ ସହଯୋଗ ଶିବିରକୁ ସଫଳ କରିଥିଲା । ମୋଟ ୧୧୦ ଜଣ ରୋଗୀ ଏହି ଶିବିରରୁ ଲାଭାନ୍ୱିତ ହୋଇ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଆବଶ୍ୟକ ସୂଚନା ପାଇଥିଲେ । ଏହି ଅବସରରେ ଡା. ନିଶାନ୍ତ ଦେବତା ସମାଜରେ ବଢୁଥିବା ସ୍ୱାସ୍ଥ୍ୟ ସମସ୍ୟା ଉପରେ ଆଲୋକପାତ କରିଥିଲେ ।

### ମେଡିକାଲ ପ୍ରମାଣପତ୍ର ଅପବ୍ୟବହାର ଘଟଣା

# ଜୟପୁର ପୌର ଅଧ୍ୟକ୍ଷଙ୍କ ଅଡୁଆ ବଢ଼ିଲା

## ଜିଲ୍ଲାପାଳଙ୍କ ନିକଟରେ ଫେରାଦ ହେଲା ବିଜେଡି

କୋରାପୁଟ, ୨।୫ ୨(ଏସଏନଏସ ): କୋରାପୁଟ ଜିଲା ଜୟପୁର ପୌର ପରିଷଦ ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତିଙ୍କ ଅଡୁଆ ବଢ଼ିବାରେ ଲାଗିଛି । ବିଶାଖାପାଟଣା ଏକ ଘରେଇ ହସପିଟାଲରେ ୧୦୬ ଦିନ ଚିକିତ୍ସିତ ହୋଇଥିବା ପ୍ରମାଣପତ୍ର ଦର୍ଶାଇଥିଲେ । ଉକ୍ତ ଦିନଗୁଡିକରେ ନିଜସ୍ୱ କାର୍ଯ୍ୟାଳୟ ଓ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଯୋଗ ଦେବା ସହିତ ଏହି ବାବଦରେ ସରକାରୀ ତଥା ଅଫିସ ଗାଡ଼ିରେ ବିଭିନ୍ନ ସ୍ଥାନ ପରିଦର୍ଶନ କରି ଏହି ବାବଦକୁ ଜାଳେଣି ବାବଦକୁ ପାଣି ଖର୍ଚ୍ଚ ହୋଇଥିବା ଜୟପୁର ବିଜୁ ଜନତା ଦଳ ଅଭିଯୋଗ କରିଛି । ପରେ ଜୟପୁର ରାଜନୀତିରେ ହଟଚମଟ ସୃଷ୍ଟି ହୋଇଛି । ଅଭିଯୋଗ ଅନୁସାରେ ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତି ସ୍ୱାସ୍ଥ୍ୟଗତ ଅସୁସ୍ଥତା ପାଇଁ ଚିକିତ୍ସା ହେବାକୁ ଆନ୍ଧ୍ର ବିଶାଖାପାଟନା ଏକ ଘରେଇ ହସପିଟାଲରେ ଗତ ଏପ୍ରିଲ ୧୦ ୨୦୨୫ ତାରିଖରେ ଭର୍ତ୍ତି ହୋଇଥିଲେ । ୧୦୬ ଦିନ ଚିକିତ୍ସିତ ହୋଇ ଜୁଲାଇ ୨୬ ୨୦୨୫ ତାରିଖରେ ମେଡିକାଲରୁ ଡିସଚାର୍ଜ ହୋଇଥିବା ଦସ୍ତାବିଜ ରହିଛି । ଉକ୍ତ ୧୦୬ ଦିନ ଭିତରେ ଜୟପୁର ପୌର ପରିଷଦ କାର୍ଯ୍ୟାଳୟ ଦ୍ୱାରା ଅନୁଷ୍ଠିତ ବିଭିନ୍ନ ଶର୍କରୀ ଯୋଜନା ଯଥା କାର୍ଯ୍ୟାଦେଶ ବଣ୍ଟନ,୨୦ ନୂତନ ଓଏଏସ ପ୍ରବେଶନ ଅଧିକାରୀଙ୍କ କାର୍ଯ୍ୟକ୍ରମ,ଭତ୍ତା ବଣ୍ଟନ,ସରକାରଙ୍କ ବର୍ଷ ଏକ ଉପଲକ୍ଷି ଅନେକ,ମାଆ ପାଇଁ ଗଛଟିଏ ଇତ୍ୟାଦି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ପ୍ରମାଣପତ୍ର ସମେତ ଜୟପୁର ସହରର ବହୁ ଚର୍ଚ୍ଚିତ ଜଗନାଥ ସାଗର ନିର୍ମାଣ ଓ ପୁନଃଉଧାର କାର୍ଯ୍ୟରେ ପାଣ୍ଠି ଆତ୍ମସାତ ହୋଇଥିବା ଅଭିଯାଗ କରି ଜିଲାପାଳ ମନୋଜ ସତ୍ୟବାନ ମହାଜନ ଙ୍କୁ ବିଜେଡି କାର୍ଯ୍ୟକାରିଣୀ ଜିଲା ସଭାପତି ଦୁର୍ଗାପ୍ରସାଦ ମିଶ୍ର ଙ୍କ ନେତୃତ୍ୱରେ ପୂର୍ବତନ ପୌର ଉପାଧ୍ୟକ୍ଷ ସୂର୍ଯ୍ୟନାରାୟଣ ରଥ,ବିଜେଡି ସହର ସଭାପତି ଶ୍ରୀନିବାସ ରାଓ,ଜିଲା ବିଜେଡି ସମ୍ପାଦକ ମାଧବ ରଥ,ପୂର୍ବତନ କାଉନସିଲର ନବୀନ ଚନ୍ଦ୍ର ପାତ୍ର ଅଭିଯାଗ ପତ୍ର ପ୍ରଦାନ କରିଛନ୍ତି । ତୁରନ୍ତ ଅଭିଜାଗର ତଦନ୍ତ କରି ଅଧ୍ୟକ୍ଷ ଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗୁହାରି କରିଛନ୍ତି । ତେବେ ତଦନ୍ତ କରିବା ପାଇଁ ଜିଲାପାଳ ପ୍ରତିଶୃତି ଦେଇଛନ୍ତି । ଅଭିଯାଗ ପତ୍ର ଦେବା ସମୟରେ ଆନୀ ପତ୍ର,ଦିବାକର ନାୟକ,ମୋନଜ କୁମାର ତ୍ରିପାଠୀ ଓ ପ୍ରମୋଦ କୁମାର ମଝି ଉପସ୍ଥିତ ଥିଲେ ।

### ପୁଣି ବ୍ୟବସାୟୀଙ୍କ ଘରୁ ସଶସ୍ତ୍ର ଡକାୟତି, ୩ ଅଟକ

## ଘଟଣା ସ୍ଥଳରେ ସାଇଣ୍ଟିଫିକ ଟିମ୍, ସନ୍ଧାନୀ କୁକୁର

ପାପଡାହାଣ୍ଡି, ୨୫।୨ (ଏସ ଏନଏସ) : ନବରଙ୍ଗପୁର ଜିଲ୍ଲା ଉମରକୋଟ ଚାଷୀଙ୍କ ଘରେ ଡକାୟତର ଚବିଶ ଘଣ୍ଟା ନପୁରୁଣୁ ଡକାୟତଙ୍କ ଟାର୍ଗେଟରେ ବ୍ୟବସାୟୀ । ପାପଡାହାଣ୍ଡି ବ୍ଲକ ମୈଦଲପୁରର ବ୍ୟବସାୟୀଙ୍କ ଘରେ କଳା ମୁଖା ପିନ୍ଧା ଡକାୟତଙ୍କ ରାତି ଅଧରେ ଲୁଟ । ମୈଦଲପୁର ସଦର ଥାନା ଅନ୍ତର୍ଗତ କାଶୀନାଥ ଗୁପ୍ତା ନାମକ ଏକ ବ୍ୟବସାୟୀ ଙ୍କ ଘରେ ଲୁଟ । ଗତକାଲି ବିଳମ୍ବିତ ରାତିରେ ମୈଦଲପୁରର ବ୍ୟବସାୟୀ କାଶୀନାଥ ଗୁପ୍ତା ଓ ତାଙ୍କ ପୁଅ ବିକାଶ ଗୁପ୍ତା ଘରେ ଶୋଇଥିବା ବେଳେ ୭ ରୁ ୮ ଜଣ ମୁଖା ପିନ୍ଧା ଦୁର୍ବୃର୍ତ୍ତ ଘରର ମୁଖ୍ୟ ଫାଟକକୁ ତାଡି ହାତ ରେ ଛୁରୀ, ଭୁଜାଲି ସହ ଲୁହାର ରଡ ସହ ଅନ୍ୟ ମାରଣାସ୍ତ୍ର ଧରି ଘର ଭିତରକୁ ଧସେଇ ପଶିଥିଲେ । ଘରେ ଉପସ୍ଥିତ ଥିବା କାଶୀନାଥ ଗୁପ୍ତା ଓ ତାଙ୍କ ପୁଅ ବିକାଶ ଗୁପ୍ତାଙ୍କ ବେକରେ ଛୁରୀ ରଖି ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ । ଘରେ ଥିବା ଆଲମୀରା ଭାଙ୍ଗି ୨ ଲକ୍ଷ ୫୦ ହଜାର ଟଙ୍କା , ୫ ତୁଳାରୁ ଉର୍ଦ୍ଧ ସୁନା ଅଳଙ୍କାର, ସୁନା ମୁଦି ସହ ଏକ କିଲୋ ରୁପା ଲୁଟି ନେଇଥିଲେ । ଏନେଇ କାଶୀନାଥ ମୈଦଲପୁର ପୁଲିସକୁ ଜଣାଇବା ପରେ ପୁଲିସ ତଦନ୍ତ ଆରମ୍ଭ କରିଛି । ଅପରପକ୍ଷରେ ପୂର୍ବରୁ ମଧ ତାଙ୍କ ବାସଭବନରେ ଡକାୟତ ହୋଇଥିବା ନେଇ ସୁଚନା ଦେଇଛନ୍ତି କାଶୀନାଥ ଗୁପ୍ତା । ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ସହ ମୈଦଲପୁର ପୁଲିସ ତଦନ୍ତ ଆରମ୍ଭ କରିଛି ।

## ଭଞ୍ଜସେନା ଠିକାଦାର ଶାଖାର ନୂତନ କର୍ମକର୍ତ୍ତା

ବାରିପଦା, ୨୫।୨(ଏସଏନଏସ) : ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ଅନୁମୋଦନ କ୍ରମେ ଭଞ୍ଜସେନା ଠିକାଦାର ଶାଖାର ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଛି । ସଭାପତି ଶୁଭେନ୍ଦୁ ସାହୁ, କାର୍ଯ୍ୟକାରୀ ସଭାପତି ସୁଜିତ୍ ପ୍ରଧାନ, ଜିଲ୍ଲା ମୁଖ୍ୟ ସଂଯୋଜକ ତଥା ମୁଖପାତ୍ର ପ୍ରଭାସ ମହାନ୍ତ, ଉପସଭାପତି ଦିବ୍ୟକାନ୍ତ ଖୁଣ୍ଟିଆ, ସପନ ପଣ୍ଡା, ଯଶୋବନ୍ତ ସାହୁ, ଶମ୍ଭୁନାଥ ମହାକୁଡ, କପିଳ ଖଣ୍ଡେଲାଲ, ଜୟନ୍ତ କୁମାର ବେହେରା, ରୂପକ କୁମାର ମହାନ୍ତି, ଅଙ୍କଜ ମହାପାତ୍ର, ସାଧାରଣ ସମ୍ପାଦକ ରାକେଶ ମହାନ୍ତି, ସଂଗଠନ ସମ୍ପାଦକ ଏସ.କେ ରାଜାଖାନ୍, ନଳିନୀକାନ୍ତ ମଣ୍ଡଳ, ସମ୍ପାଦକ ଲକ୍ଷ୍ମୀନାରାୟଣ ଦାସ, ପ୍ରଦୀପ୍ତ ଗନ୍ତାୟତ, ମାଇକେଲ ମହାନ୍ତ, ଦଇପାନ ବେହେରା, ଦୀପକ ସ୍ୱର୍ଣ୍ଣ, ଅମିତ କୁମାର, ବାମନଘାଟି ଉପଖଣ୍ଡ ସଂଯୋଜକ ଅଞ୍ଜନ ବରାଳ, ପାଞ୍ଚପିଢ ଉପଖଣ୍ଡ ସଂଯୋଜକ ଦକ୍ଷିଣା ମହାନ୍ତ, କପ୍ତିପଦା ଉପଖଣ୍ଡ ସଂଯୋଜକ ରାଜ୍‌କିରଣ ରାଉତ ଓ ବାରିପଦା ଉପଖଣ୍ଡ ସଂଯୋଜକ ଅତନୁ ତରେଇ ପ୍ରମୁଖ ମନୋନୀତ ହୋଇଥିବା ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି ପ୍ରେସ ବିବୃତ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି ।

# ପାଇପ୍ ଲାଇନ୍ ନିରାପତ୍ତା ଓ ସୁରକ୍ଷା ନେଇ ସଚେତନତା

ହିଞ୍ଜିଳିକାଟୁ, ୨୫।୨(ଏସଏନଏସ):ହିଞ୍ଜିଳିକାଟୁ ବ୍ଲକ ବଡ଼ଖଣ୍ଡି ଗ୍ରାମ ପଞ୍ଚାୟତ ଅଧୀନ ରଙ୍ଗୁଣିପଲ୍ଲୀ ଗ୍ରାମ ଠାରେ ମଙ୍ଗଳବାର ଇଣ୍ଡିଆନ ଅଏଲ କର୍ପୋରେସନ ଲିଃ ଏବଂ ଗଞ୍ଜାମ ଜିଲ୍ଲା ପ୍ରଶାସନ ସହଯୋଗରେ ପାଇପ୍ ଲାଇନ୍ ନିରାପତ୍ତା ଓ ସୁରକ୍ଷା ସମ୍ପର୍କିତ ଏକ ଗ୍ରାମ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଦକ୍ଷିଣ - ପୂର୍ବ କ୍ଷେତ୍ରୀୟ ପାଇପ୍ ଲାଇନ୍, ବ୍ରହ୍ମପୁରର ମୁଖ୍ୟ ଅପରେସନ ମ୍ୟାନେଜର ଭି. ସୁଧାକରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ରୂପେ ଡେପୁଟି କଲେକ୍ଟର ସୁନିଲ ସାଇ ଦେବାଶିଷ, ଫ୍ୟାକ୍ଟ୍ରି ଓ ବଇଲରର ଅତିରିକ୍ତ ନିର୍ଦ୍ଦେଶକ ରଞ୍ଜିତ ନାୟକ, ଡିପିଓ ଦେବେନ୍ଦ୍ର ନାୟକ, ସରପଞ୍ଚ ଝୁନୁ ନାଇକ, ସମିତି ସଭ୍ୟା କେ.ନର୍ମଦା, ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟର ଚକ୍ଷୁ ବିଶେଷଜ୍ଞ ଡ଼ାକ୍ତର ପି. କୁର୍ମୈୟା, ଓଡ୍ରାଫ ଟିମ ଗଞ୍ଜାମ ହାବିଲଦାର ପ୍ରଭାକର ବେହେରା ଓ ହିଞ୍ଜିଳିକାଟୁ ଅଗ୍ନିଶମ ସେବା କର୍ମଚାରୀ ଜିତେନ୍ଦ୍ର କୁମାର ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ । ଏହି ପରିପ୍ରେକ୍ଷୀରେ ୧୨୧୯ କି.ମି ଲମ୍ବା ପାରାଦୀପ - ହାଇଦ୍ରାବାଦ ପାଇପ୍ ଲାଇନ୍‌ର ସୁରକ୍ଷା ଓ ଆପାତକାଳୀନ ପ୍ରସ୍ତୁତିକୁ ଆହୁରି ମଜବୁତ କରାଯିବ । ଏଥିଲାଗି ହିଞ୍ଜିଳିକାଟୁ ତହସିଲର ରଙ୍ଗୁଣିପଲ୍ଲୀ ଗ୍ରାମ ନିକଟରେ ପାରାଦ୍ୱୀପ ହାଇଦ୍ରାବାଦ ପାଇପ୍ ଲାଇନ୍ ଚେନେଜ ୨୮୭ କି.ମିରେ ଏକ ଲେଭେଲ -୩ ମକ ଡ୍ରିଲ ସଫଳତାର ସହ ଆୟୋଜିତ ହୋଇଥିଲା । ଏହି ଅବସରରେ ଅତିଥିମାନଙ୍କ ସମ୍ମୁଖରେ ପାଇପ୍ ଲାଇନରେ ଲିକ ହୋଇ ଅଗ୍ନିକାଣ୍ଡ ସୃଷ୍ଟି ହେବାର ପରିସ୍ଥିତିକୁ ନିୟନ୍ତ୍ରଣ କରିବା ବେଳେ ଆବଶ୍ୟକୀୟ ପଦକ୍ଷେପ ବିଷୟରେ ଅଭ୍ୟାସ ପ୍ରଦର୍ଶିତ ହୋଇଥିଲା । ସଚେତନତା ବେଳେ ପାଇପ୍ ଲାଇନ୍ ଜମିରେ କୌଣସି ପ୍ରକାର କାର୍ଯ୍ୟ କିମ୍ବା ଘର, କୂଅ, ନଳ କୂଅ, ଗଛ ଆଦି ଲଗାଇବା ପାଇଁ ମନା କରାଯାଇଥିଲା । ଯଦି ଗ୍ରାମର କୌଣସି ବ୍ୟକ୍ତି ଏହି ଜମି ଓଦା ଓ ପେଟ୍ରୋଲ/ଡିଜେଲର ଗନ୍ଧ ନିଆଁ ଲାଗିବାର ଜାଣିପାରନ୍ତି କିମ୍ବା କୌଣସି ସନ୍ଦିଗ୍ଧ ବ୍ୟକ୍ତି ବିଡି, ସିଗାରେଟ, ତେଲ ଚୋରୀ ପାଇଁ ଅପଚେଷ୍ଟା କରନ୍ତି ତେବେ ସ୍ଥାନୀୟ ପୁଲିସ୍ ଥାନା, ଅଗ୍ନିଶମ ସେବା, ଆଇଓସିଏଲ ନିୟନ୍ତ୍ରଣ କକ୍ଷର ଟୋଲ ଫ୍ରି ନମ୍ବରକୁ ସଙ୍ଗେ ସଙ୍ଗେ ଜଣାଇବା ପାଇଁ ଗ୍ରାମବାସୀଙ୍କୁ ଅନୁରୋଧ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅପରେସନ ମ୍ୟାନେଜର ଅଭିଳାଷ ମିଶ୍ର, ଅପରେସନ ମ୍ୟାନେଜର ସୌମ୍ୟ ରଞ୍ଜନ ଦାଶ, ଟେକ୍ନିସିଆନ ଦୀପକ କୁମାର ଓ ଏଲପିଏମ କଳା କାହ୍ନୁ ପାଢ଼ୀଙ୍କ ସମେତ ସମସ୍ତ ଏଲପିଏମ ଉପସ୍ଥିତ ଥିଲେ ।

### ବିଏମ୍‌ସି ସାଧାରଣ ବୈଠକ

# ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ ନେଇ ହୋହଲ୍ଲା

ବ୍ରହ୍ମପୁର, ୨୫।୨(ଏସଏନଏସ): ବିଏମସିର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ମେୟର ସଂଘମିତ୍ରା ଦଳେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକ ପ୍ରାରମ୍ଭରେ କମିସନର ପ୍ରଥମେଶ ଅରବିନ୍ଦ ରାଜସିର୍କେ ସମସ୍ତଙ୍କୁ ସ୍ୱାଗତ କରିଥିଲେ । କେନ୍ଦ୍ର ଆଉ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା ବିଭିନ୍ନ ପ୍ରକାର ସାମାଜିକ ସୁରକ୍ଷା ଭତ୍ତା କିପରି ୨ ବର୍ଷ ହେଲା ନୂତନ ହିତାଧିକାରୀଙ୍କୁ ସାମିଲ କରାଯାଇ ନାହିଁ ତାହା ଅତ୍ୟନ୍ତ କ୍ଷୋଭର ବିଷୟ ବୋଲି କର୍ପୋରେଟର ସୁରେନ୍ଦ୍ର ମହାରଣା କହିଥିଲେ । ଏହାଛଡା ଦୁଇବର୍ଷ ଧରି ଅପେକ୍ଷାରତ ୬ହଜାର ହିତାଧିକାରୀ ରହିଥିବା ବେଳେ ଗତ କିଛିଦିନ ତଳେ ବିଏମସି ପକ୍ଷରୁ କାହା ଚାପରେ ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଗଲା ତାହାକୁ ନେଇ ହୋହାଲ୍ଲା କରିଥିଲେ । ଏଥିରେ କମିସନର ହସ୍ତକ୍ଷେପ କରି କହିଲେ ଜରୁରୀକାଳୀନ ପରିସ୍ଥିତିରେ ବିଏମସି କର୍ତ୍ତୃପକ୍ଷଙ୍କ କ୍ଷମତା ରହିଛି । ସେହି କ୍ଷମତା ଆଧାରରେ ନୂତନ



ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ ନେଇ ଅନୁମତି ପ୍ରଦାନ କରାଯାଇଛି ବୋଲି କହିଥିଲେ ଓ ଏଭଳି ମନମାନି ଚାଲିବ ତେବେ ବିଏମସି ପକ୍ଷରୁ ଟାଟା ପାୱାରର ସମସ୍ତ କାର୍ଯ୍ୟକୁ ଅଚଳ କରିବାକୁ ବାଧ୍ୟ ହେତୁ ବୋଲି କହିଥିଲେ । ଏହି ସମୟରେ ବୈଠକରେ ଉପସ୍ଥିତ ଥିବା ଟାଟା ପାୱାର ଅଧିକ୍ଷଣଯନ୍ତ୍ରୀ ଏନଏନ ପଣ୍ଡା ଅଭିଯୋଗ ଆସିଥିବା ସମସ୍ତ ପ୍ରସ୍ତାର ଉତ୍ତର ଦେବା ସହିତ ଆଗାମୀ ଦିନରେ ଏନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ । କର୍ପୋରେଟର ପ୍ରଶାନ୍ତ ପଟ୍ଟନାୟକ ବର୍ଷ ବର୍ଷ ଧରି ସହରରେ ଅଙ୍ଗନବାଡିର ସମସ୍ୟା ଲାଗି ରହିଛି । ଏହାର ସ୍ଥାୟୀ ସମାଧାନ କଣ ବୋଲି ପ୍ରଶ୍ନ କରିଥିବା ବେଳେ ଏହାର ଉତ୍ତରରେ ସ୍ଥାନାଭାବ ଯୋଗୁଁ ସହରରେ କାର୍ଯ୍ୟକ୍ଷମ ଥିବା ୧୯୬ଟି ଅଙ୍ଗନବାଡି କେନ୍ଦ୍ରରୁ ମାତ୍ର ୭୧ଟି ନିଜ କୋଠାରେ କାର୍ଯ୍ୟକ୍ଷମ ଥିବା ବେଳେ ବଳକା ୧୧୫ଟି କେନ୍ଦ୍ରର ସ୍ଥାୟୀ କୋଠା ନଥିବା ବେଳେ ଏନେଇ ଗୁରୁତ୍ୱଦେଇ କାର୍ଯ୍ୟ କରାଯାଉଛି ବୋଲି ବିଭିଗୀୟ ଅଧିକାରୀ ମାନେ ଉତ୍ତର ଦେଇଥିଲେ । ସେହିପରି ସହରର ପ୍ରାୟ ସମସ୍ତ ୱାର୍ଡରେ ୱାର୍କ ଅଫିସ ଥିଲେ ସୁଧା ତାହାକୁ କାର୍ଯ୍ୟକାରୀ କରାଯାଉ ନାହିଁ ବୋଲି ପ୍ରଶ୍ନ କରିଥିବା ବେଳେ କମିସନର ଶ୍ରୀ ରାଜସିର୍କେ କର୍ମଚାରୀ ଅଭାବରୁ ସଂପ୍ରତି ୱାର୍ଡ ଅଫିସ ଗୁଡିକ କାର୍ଯ୍ୟକ୍ଷମ ହେବା ସମ୍ଭବପର ନୁହଁ ବୋଲି କହିଥିଲେ । ଅନୁଷ୍ଠିତ ବୈଠକରେ ଡେପୁଟି ମେୟର ଇ.ବିବେକ ରେଡ଼ି, ଡେପୁଟି କମିସନର କଲ୍ୟାଣୀ ସଂଘମିତ୍ରା, ସହକାରୀ କମିସନର ରୋନିତ କୁମାର, ବିକ୍ରମ ଶୁଣ୍ଠି, ସିଟି ଇଂଜିନିୟର ମନୋଜ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

### ଟି-୨୦ ବିଶ୍ୱକପ୍ ସୁପର୍-୮

# ଉଦ୍ଧାର କଲେ ସାଣ୍ଟନର-ମ୍ୟାକ୍‌କୋଞ୍ଚି



ଏଜେନ୍ସି

କଲମ୍ବୋ, ୨୫।୨: ନ୍ୟୁଜିଲାଣ୍ଡ ବୁଧବାର ଟି-୨୦ ବିଶ୍ୱକପ୍‌ର ସୁପର୍-୮ ମ୍ୟାଚ୍‌ରେ ଶ୍ରୀଲଙ୍କାକୁ ୧୬୯ ରନ୍‌ର ବିଜୟଲକ୍ଷ୍ୟ ଦେଇଛି। ଅଧିନାୟକ ମିଚେଲ୍ ସାଣ୍ଟନର ଓ କୋଲ୍ ମ୍ୟାକ୍‌କୋଞ୍ଚି ଟିମ୍‌କୁ ସଙ୍କଟଜନକ ସ୍ଥିତିରୁ ଉଦ୍ଧାର କରି ସମ୍ମାନଜନକ ସ୍ଥିତିରେ ପହଞ୍ଚାଇଛନ୍ତି। ରିପୋର୍ଟ ଲେଖା ଶେଷ ହେବା ବେଳକୁ ଶ୍ରୀଲଙ୍କା ଟିମ୍ ୧୧ ଓଭର୍‌ରେ ୫ ଓ୍ୱିକେଟ୍ ହରାଇ ୪୭ ରନ୍ ସଂଗ୍ରହ କରିଥିଲା। କମିଣ୍ଡୁ ମେଣ୍ଡିସ ୧୩ ଓ ଦୁଶନ ହେମନ୍ତା ୧ ରନ୍ କରି ଅପରାଜିତ ଥିଲେ।

ଇନିଂସ୍‌ର ପ୍ରଥମ ବଲ୍‌ରେ ପଥୁମ ନିସାଙ୍କା (୦) ଓ ୧୩ତମ ବଲ୍‌ରେ ଚରିତ ଅସଲଙ୍କା (୭) ପାଭିଲିଅନ୍ ଫେରିଥିଲେ। ମ୍ୟାଟ୍ ହେନରୀ ଉଭୟ ଓ୍ୱିକେଟ୍ ନେଇଥିଲେ। ରଚିନ ରବୀନ୍ଦ୍ର ନବମ ଓଭର୍‌ର ପ୍ରଥମ ବଲ୍‌ରେ କୁସଲ ମେଣ୍ଡିସ୍ (୦) ଓ ଦ୍ୱିତୀୟ ବଲ୍‌ରେ ପବନ ରତ୍ନାୟକେ (୧୦) ଷ୍ଟମ୍ପିଂ ହୋଇଥିଲେ। ୧୧ତମ ଓଭର୍‌ରେ ଅଧିନାୟକ ଦସୁନ ସନକା (୩) ରଚିନଙ୍କ ତୃତୀୟ ଶିକାର ହୋଇଥିଲେ।

ଆର୍. ପ୍ରେମଦାସା ଷ୍ଟାଡିୟମ୍‌ରେ ଶ୍ରୀଲଙ୍କା ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା କିୱି ଟିମ୍ ୨୦ ଓଭର୍‌ରେ ୭ ଓ୍ୱିକେଟ୍ ହରାଇ ୧୬୮ ରନ୍ ସଂଗ୍ରହ କରିଥିଲା। ୮୪ ରନ୍‌ରେ ୬ ଓ୍ୱିକେଟ୍ ପଡ଼ିବା ପରେ ସାଣ୍ଟନର୍ ଓ ମ୍ୟାକ୍‌କୋଞ୍ଚି ଇନିଂସ୍ ସମ୍ଭାଳିଥିଲେ। ଉଭୟ ସପ୍ତମ ଓ୍ୱିକେଟ୍ ପାଇଁ ୪୭ ବଲ୍‌ରେସାଣ୍ଟର ୮୪ ରନ୍‌ର ଭାଗୀଦାରୀ କରିଥିଲେ। ଟି-୨୦ରେ ଏହି ଓ୍ୱିକେଟ୍ ପାଇଁ ଏହା ନ୍ୟୁଜିଲାଣ୍ଡର ସବୁଠାରୁ ବଡ଼ ଭାଗୀଦାରୀ।

ସାଣ୍ଟନର ୨୬ ବଲ୍‌ରେ ୪୭ ରନ୍ କରି ଶେଷ ବଲ୍‌ରେ ଆଉଟ୍ ହୋଇଥିଲେ, ଯେଉଁଥିରେ ୨ ଚୌକା ଓ ୪ ଛକା ରହିଥିଲା। ମ୍ୟାକ୍‌କୋଞ୍ଚି ୨୩ ବଲ୍‌ରେ ୩୧ ରନ୍ କରି ଅପରାଜିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଚିନ ୩୨, ଫିନ୍ ଆଲେନ୍ ୨୩, ଗ୍ଲେନ୍ ଫିଲିପ୍ସ ୧୮ ରନ୍ କରିଥିଲେ। ଶ୍ରୀଲଙ୍କା ପକ୍ଷରୁ ମହୀଶ ତୀକ୍ଷଣା ଓ ଦୁଷ୍ମନ୍ତ ଚମୀରା ୩ ଲେଖାଏଁ ଓ୍ୱିକେଟ୍ ନେଇଥିଲେ।

### ଟି-୨୦ ବିଶ୍ୱକପ୍ ସୁପର୍-୮

# ସୂର୍ଯ୍ୟସେନା ପାଇଁ 'କର ବା ମର' ସ୍ଥିତି

ଏଜେନ୍ସି

ଚେନ୍ନାଇ, ୨୫।୨: ଆଉ ଗୋଟିଏ ଖରାପ ଦିନ ବିଦାୟ ପାଇଁ ଯଥେଷ୍ଟ ହେବ। ଭାରତ ଓ ଜିମ୍ବାୱେ ଟି-୨୦ ବିଶ୍ୱକପ୍‌ର ସୁପର୍-୮ରେ ପରାଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ଗୁରୁବାର ଏମ୍ଏ ଚିଦାମ୍ବରମ୍ ଷ୍ଟାଡିୟମ୍‌ରେ ଉଭୟ କେବଳ ବିଜୟ ନୁହେଁ, ବଡ଼ ବିଜୟ ଲକ୍ଷ୍ୟରେ ମଇଦାନକୁ ଓହ୍ଲାଇବେ, ଯାହା ଫଳରେ ରନ୍‌ରେଟ୍‌ରେ ସୁଧାର ଆସିପାରିବ। ବିଶ୍ୱ ମାନ୍ୟତାର ଏକ ନମ୍ବର ଟିମ୍ ଭାରତ ମ୍ୟାଚ୍ ଫେଭରିଟ୍ ରହିଛି। ତେବେ ଦକ୍ଷିଣ ଆଫ୍ରିକାଠାରୁ ପ୍ରଥମ ମ୍ୟାଚ୍ ହାରିବା ପରେ ସୂର୍ଯ୍ୟସେନା ପାଇଁ 'କର ବା ମର' ସ୍ଥିତି ଉପୁଜିଛି।

ସନ୍ଧ୍ୟାର ମ୍ୟାଚ୍ ପୂର୍ବରୁ ୱେଷ୍ଟଇଣ୍ଡିଜ୍ ଓ ଦକ୍ଷିଣ ଆଫ୍ରିକା ବିପକ୍ଷ ଅପରାହ୍ଣ ମ୍ୟାଚ୍ ଉପରେ ବି ଉଭୟ ଟିମ୍‌ର ନଜର ରହିବ। ଭାରତ ଚାହିଁବ ଯେ ଦକ୍ଷିଣ ଆଫ୍ରିକା ଜିତୁ ଯେତେବେଳେକି ଜିମ୍ବାୱେ ଚାହିବ ୱେଷ୍ଟଇଣ୍ଡିଜ୍ ବିଜୟ ହାସଲ କରୁ। ଏହାର ଫଳାଫଳ ସେମାନଙ୍କର ସେମିଫାଇନାଲ୍‌ରେ ପହଞ୍ଚିବାର ସମ୍ଭାବନା ଉପରେ ପ୍ରଭାବ ପକାଇପାରେ। କିନ୍ତୁ ଏହି ମ୍ୟାଚ୍ ସେମାନଙ୍କର ନିୟନ୍ତ୍ରଣରେ ନାହିଁ। ସେମାନଙ୍କ ନିୟନ୍ତ୍ରଣରେ ତ ସେମାନଙ୍କ ନିଜ ପ୍ରଦର୍ଶନ ରହିବ। ସନ୍ଧ୍ୟାର ମ୍ୟାଚ୍‌ରେ କେହି ପରାଜୟ ବରଦାସ୍ତ କରିପାରିବେନି।

ଆଗକୁ ଯାହା ବି ହେଉ, ଜିମ୍ବାୱେ ଟିମ୍ ଅଷ୍ଟ୍ରେଲିଆ ଭଳି ବଡ଼ ଟିମ୍‌କୁ ହରାଇ ଓ ଶ୍ରୀଲଙ୍କାକୁ ତା'ର ଘରୋଇ ପ୍ରଶଂସକଙ୍କ ଆଗରେ ସ୍ତବ୍ଧ କରି ନାୟକ ଭାବେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବ। ଅନ୍ୟପଟେ, ଭାରତ ଏହି ଟି-୨୦ ବିଶ୍ୱକପ୍‌ରେ ଯଥାସମ୍ଭବ ରେକର୍ଡ ଭାଙ୍ଗିପାରିବ ଏବଂ ଅକଳ୍ପନୀୟ କୌଶଳ ଓ ଦକ୍ଷତାର ପ୍ରଦର୍ଶନ କରିପାରିବ; କିନ୍ତୁ ଯଦି ଟିମ୍ ବିଜୟ ହାସଲ କରିପାରିବନି, ତା'ହେଲେ ଏ ସବୁର କିଛି ଅର୍ଥ ନାହିଁ। ଏହି ଟୁର୍ଣ୍ଣାମେଣ୍ଟରେ ଟିମ୍‌ଠାରୁ ଅତ୍ୟଧିକ ଆଶା ରହିଛି ଏବଂ ଏହି ଆଶା ବି ଭୟ ଜାତ କରାଏ।



## ଆଜି ଜିମ୍ବାୱେ ବିପକ୍ଷ ଲଢ଼େଇ

ସୂର୍ଯ୍ୟସେନାରେ ଥିବା ବ୍ୟାଟର୍‌ମାନେ ଟୁର୍ଣ୍ଣାମେଣ୍ଟରେ ଏ ଯାବତ ଆଶାଜନକ ପ୍ରଦର୍ଶନ କରିପାରି ନାହାନ୍ତି, ଯାହା ପୂର୍ବରୁ କଳ୍ପନା ବି କରାଯାଉ ନ ଥିଲା। ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚ୍‌ରେ ଏହି ଚିନ୍ତା ଆହୁରି ବଢ଼ିଯାଇଥିଲା। ଜିମ୍ବାୱେ ମ୍ୟାଚ୍‌ରେ ସେମାନେ ଭଲ ପ୍ରଦର୍ଶନ କରିବେ ବୋଲି ଆଶା କରାଯାଉଛି।

ଯଦି କାଗଜ-କଲମରେ ଦେଖାଯାଏ, ଭାରତୀୟ ଟିମ୍ ଜିମ୍ବାୱେକୁ ୧୦ରୁ ନଅ ଥର ହରାଇପାରିବ। ଏହାସତ୍ତ୍ୱେ ମ୍ୟାଚ୍‌ର ଗୁରୁତ୍ୱ ଦୃଷ୍ଟିରୁ ସୂର୍ଯ୍ୟସେନା ଏହାକୁ ହାଲୁକାରେ ନେବ ନାହିଁ।

ଭାରତୀୟ ଟିମ୍‌ରେ ଅଲ୍‌ରାଉଣ୍ଡର୍ ଅକ୍ଷର ପଟେଲ୍ ପ୍ରତ୍ୟାବର୍ତ୍ତନ କରିପାରନ୍ତି, ଯାହା ଫଳରେ ୱାଶିଂଟନ୍ ସୁନ୍ଦର ବାଦ୍ ପଡ଼ିପାରନ୍ତି। ଟିମ୍‌ରେ ଅଧିକ ବାମହାତି ବ୍ୟାଟର୍ ରହୁଥିବାରୁ ସମସ୍ୟା ହେଉଛି। ଏହାଛଡ଼ା ସୁନ୍ଦର ବି ପ୍ରଭାବିତ କରିପାରି ନାହାନ୍ତି। ଯଦି ସଞ୍ଜୁ ସାମ୍‌ସନ୍‌ଙ୍କ ରୂପରେ ତୃତୀୟ ଡାହାଣହାତି ବ୍ୟାଟର୍‌ଙ୍କୁ ଶୀର୍ଷ-୮ରେ ସାମିଲ୍ କରାଯାଏ, ତା'ହେଲେ ରିଙ୍କୁ ସିଂହଙ୍କୁ ବାଦ୍ ଦିଆଯାଇପାରେ ଅଥବା ତିଲକ ବର୍ମାଙ୍କୁ କଢ଼ାଯାଇପାରେ। ବରୁଣ ଚକ୍ରବର୍ତ୍ତୀଙ୍କ ସ୍ଥାନରେ କୁଲଦୀପ ଯାଦବଙ୍କୁ ନିଆଯିବାର ସମ୍ଭାବନା ବି ରହିଛି।

# ପ୍ରଥମ ବଧିର ଟି-୨୦ ଏସିଆ କପ୍: ଭାରତ ଚାମ୍ପିଅନ୍



### ସାଇ ଆକାଶ 'ପ୍ଲେୟର୍ ଅଫ୍ ଦ ମ୍ୟାଚ୍'

ଏସ୍ଏନ୍ଏସ୍

ଭୁବନେଶ୍ୱର, ୨୫।୨: କଟକର ବାରବାଟୀ ଷ୍ଟାଡିୟମ୍‌ରେ ଚାଲିଥିବା ବଧିର ଟି-୨୦ ଆନ୍ତର୍ଜାତିକ ଏସିଆ କପ୍‌ର ପ୍ରଥମ ସଂସ୍କରଣ ବୁଧବାର ଶେଷ ହୋଇଛି। ଭାରତ ଫାଇନାଲ୍‌ରେ ଶ୍ରୀଲଙ୍କାକୁ ୬ ଓ୍ୱିକେଟ୍ ହରାଇ ଚାମ୍ପିଅନ୍ ହୋଇଛି।

୧୪ ବଲ୍‌ରେ ୨୭ ରନ୍ କରିବା ସହ ୨ ଓ୍ୱିକେଟ୍ ନେଇଥିବା ଭାରତର ସାଇ ଆକାଶ 'ପ୍ଲେୟର୍ ଅଫ୍ ଦ ମ୍ୟାଚ୍' ପୁରସ୍କାର ଜିତିଛନ୍ତି। ଟୁର୍ଣ୍ଣାମେଣ୍ଟରେ ୧୯୬ ରନ୍ କରିଥିବା ଶ୍ରୀଲଙ୍କାର ଗିମାତ୍ତୁ ଏଲ୍. ମାଲ୍‌କମ୍ 'ବେଷ୍ଟ ବ୍ୟାଟ୍ସମ୍ୟାନ୍ ଅଫ୍ ଦ ସିରିଜ୍', ୧୦ ଓ୍ୱିକେଟ୍ ନେଇଥିବା ଶ୍ରୀଲଙ୍କାର ଗିହାନ ଲସିତ୍ତୁ ଡି' ସିଲ୍‌ଭା 'ବେଷ୍ଟ ବୋଲର୍ ଅଫ୍ ଦ ସିରିଜ୍' ଏବଂ ୧୯୬ ରନ୍ କରିବା ସହିତ ୭ ଓ୍ୱିକେଟ୍ ନେଇଥିବା ଶ୍ରୀଲଙ୍କାର ମାଲ୍‌କମ୍ 'ପ୍ଲେୟର୍ ଅଫ୍ ଦ ସିରିଜ୍' ବିବେଚିତ ହୋଇଥିଲେ।

ଉଦ୍‌ଯାପନୀ ଉତ୍ସବରେ କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ମୁଖ୍ୟ ଅତିଥି ଓ ପୂର୍ବତନ ଆନ୍ତର୍ଜାତିକ କ୍ରିକେଟର୍ ସଞ୍ଜୟ ରାଉତ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଏସୀୟ ବଧିର କ୍ରିକେଟ୍ ସଂଘ (ଏଡିସିଏ) ଓ ଭାରତୀୟ ବଧିର କ୍ରିକେଟ୍ ସଂଘ (ଆଇଡିସିଏ) ପକ୍ଷରୁ ତଥା ଓଡ଼ିଶା ବଧିର କ୍ରିକେଟ୍ ସଂଘର ସହଯୋଗରେ ଏହି ଟୁର୍ଣ୍ଣାମେଣ୍ଟରେ ତିନି ଟିମ୍ - ଆୟୋଜକ ଭାରତ, ଶ୍ରୀଲଙ୍କା ଓ ନେପାଳ ଟିମ୍ ଭାଗ ନେଇଥିଲେ। ବାରବାଟୀରେ ପ୍ରଥମ ଥର ଏହି ଟୁର୍ଣ୍ଣାମେଣ୍ଟ ଖେଳାଯାଇଥିଲା। ଭାରତୀୟ ଟିମ୍ ପ୍ରଥମ ମ୍ୟାଚ୍‌ରେ ଶ୍ରୀଲଙ୍କାକୁ ୪ ଓ୍ୱିକେଟ୍‌ରେ, ଦ୍ୱିତୀୟ ମ୍ୟାଚ୍‌ରେ ନେପାଳକୁ ୧୦ ଓ୍ୱିକେଟ୍‌ରେ ହରାଇଥିଲା। ରିଭର୍ସ କାର୍ଯ୍ୟସୂଚୀରେ ଭାରତୀୟ ଟିମ୍ ୧ ରନ୍‌ରେ ଶ୍ରୀଲଙ୍କାକୁ ଓ ୯ ଓ୍ୱିକେଟ୍‌ରେ ନେପାଳକୁ ମାତ୍ ଦେଇ ଫାଇନାଲ୍‌ରେ ସ୍ଥାନ ପାଇଥିଲା।

## ଜମ୍ମୁ-କଶ୍ମୀରର ବିଶାଳ ସ୍କୋର୍

ହୁବଲି, ୨୫।୨ (ଏଜେନ୍ସି): କର୍ଣ୍ଣାଟକ ବିପକ୍ଷ ରଣଜୀ ଟ୍ରଫି ଫାଇନାଲ୍‌ର ଦ୍ୱିତୀୟ ଦିବସରେ ଜମ୍ମୁ-କଶ୍ମୀର ପ୍ରଥମ ଇନିଂସ୍‌ରେ ବିଶାଳ ସ୍କୋର୍ ଛିଡ଼ା କରିଛି। ବୁଧବାର ଷ୍ଟମ୍ପ୍ସ ଅପସାରଣ ବେଳକୁ ଜମ୍ମୁ-କଶ୍ମୀର ଟିମ୍ ୬ ଓ୍ୱିକେଟ୍ ହରାଇ ୫୨୭ ରନ୍ ସଂଗ୍ରହ କରିଛି। ସାହିଲ ଲୋତ୍ରା ୫୭ ଓ ଆବିଦ ମୁସ୍ତାକ୍ ୨୦ ରନ୍ କରି ଅପରାଜିତ ଅଛନ୍ତି। ଆଜି ଜମ୍ମୁ-କଶ୍ମୀର ଟିମ୍ ୨୮୪/୨ ସ୍କୋର୍‌ରୁ ଅସମାପ୍ତ ଇନିଂସ୍ ଆରମ୍ଭ କରିଥିଲା। ପୂର୍ବତନ ଅପରାଜିତ ଥିବା ଶୁଭମ ପୁନ୍ଦିର ୧୨୧ ସ୍କୋର୍‌ରେ ଆଉଟ୍ ହୋଇଥିବା ବେଳେ ଅବ୍‌ଦୁଲ୍ ସମାଦ ୬୧ ରନ୍ କରି ଆଉଟ୍ ହୋଇଥିଲେ। ଏହାପରେ ଅଧିନାୟକ ପାରସ ଡୋଗ୍ରା (୭୦) ଓ କହ୍ନୈୟା ୱାଧାବନ୍ (୭୦) ଇନିଂସ୍ ସମ୍ଭାଳିଥିଲେ।










### ଏଫ୍ଆଇଏଚ୍ ପୁରୁଷ ପ୍ରୋ ଲିଗ୍ ୨୦୨୫-୨୬

# ବିଜୟ ସହ ହୋବାର୍ଟରୁ ଭାରତର ବିଦାୟ



## ସୁଟ୍ଆଉଟ୍‌ରେ ହାରିଲା ଅଷ୍ଟ୍ରେଲିଆ
## ଦୁଇ ଗୋଲ୍ ଦେଲେ ଶିଳାନନ୍ଦ

ଏଜେନ୍ସି

ହୋବାର୍ଟ, ୨୫।୨: ଭାରତୀୟ ପୁରୁଷ ହକି ଟିମ୍ ଏଫ୍ଆଇଏଚ୍ ପୁରୁଷ ପ୍ରୋ ଲିଗ୍ ୨୦୨୫-୨୬ରେ ବୁଧବାର ଅଷ୍ଟ୍ରେଲିଆ ବିପକ୍ଷ ୩-୧ ସୁଟ୍ଆଉଟ୍ ବିଜୟ ସହ ହୋବାର୍ଟ ଲେଗ୍ ଶେଷ କରିଛି। ଏହି ଲେଗ୍‌ରେ ଭାରତର ଏହା ପ୍ରଥମ ବିଜୟ। ଭାରତ ଯୁବ ଗୋଲ୍‌କିପର୍ ମୋହିତ ହନ୍ନେନାହାଲ୍ଲୀ ଶଶିକୁମାର ଆଜି ପ୍ରଭାବଶାଳୀ ପ୍ରଦର୍ଶନ କରିଥିବା ବେଳେ ଓଡ଼ିଶାର ଶିଳାନନ୍ଦ ଲାକ୍ରା ଧାର୍ଯ୍ୟ ସମୟରେ ଓ ସୁଟ୍ଆଉଟ୍‌ରେ ଗୋଲ୍ ଦେଇଛନ୍ତି।

ହୋବାର୍ଟରେ ଭାରତୀୟ ଟିମ୍ ପ୍ରଥମ ମ୍ୟାଚ୍‌ରେ ସ୍ପେନ୍ ଠାରୁ ୦-୨ରେ ହାରିଯାଇଥିଲେ। ଏହାପରେ ହରମନପ୍ରୀତ ସିଂହଙ୍କ ଟିମ୍ ୪-୫ ପେନାଲ୍ଟି ସୁଟ୍ଆଉଟ୍‌ରେ ଅଷ୍ଟ୍ରେଲିଆଠାରୁ ଓ ୩-୪ ସୁଟ୍ଆଉଟ୍‌ରେ ସ୍ପେନ୍‌ଠାରୁ ପରାଜିତ ହୋଇଥିଲା।

ଧାର୍ଯ୍ୟ ସମୟ ମଧ୍ୟରେ ମ୍ୟାଚ୍ ୧-୧ ବରାବର ସ୍ଥିତିରେ ରହିଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ଅଧିନାୟକ ଜେରେମୀ ହେୱାର୍ଡ (୪୯ତମ) ଓ ଭାରତ ପକ୍ଷରୁ ଓଡ଼ିଶାର ଶିଳାନନ୍ଦ ଲାକ୍ରା (୫୧ତମ) ଗୋଲ୍ ସ୍କୋର୍ କରିଥିଲେ। ସୁଟ୍ଆଉଟ୍‌ରେ ଭାରତର ଶିଳାନନ୍ଦ, ମନିନ୍ଦର ସିଂହ ଓ ବିଷ୍ଣୁକାନ୍ତ ସିଂହ ସ୍କୋର୍ କରିଥିବା ବେଳେ ଗୋଲ୍‌କିପର୍ ଶଶିକୁମାର ଗୁରୁତ୍ୱପୂର୍ଣ୍ଣ ସେଭ୍ କରିଥିଲେ।

ଦୁଇ ଟିମ୍ ମଧ୍ୟରେ ପ୍ରଥମରୁ କଡ଼ା ସଂଘର୍ଷ ଦେଖିବାକୁ ମିଳିଥିଲା। ପ୍ରଥମ କ୍ୱାର୍ଟରରେ ବଲ୍ ନିୟନ୍ତ୍ରଣରେ ଅଷ୍ଟ୍ରେଲିଆ ଆଗରେ ଥିଲା। ଭାରତ ରକ୍ଷଣାତ୍ମକ ପ୍ରଦର୍ଶନ ଓ ପାଲଟା-ଆକ୍ରମଣ ଉପରେ ଗୁରୁତ୍ୱ ଦେଉଥିଲା। ଭାରତୀୟ ଗୋଲ୍‌କିପର୍ ଶଶିକୁମାର ଗୋଲ୍ ବଞ୍ଚାଇଥିଲେ। ୧୧ତମ ମିନିଟ୍‌ରେ ଭାରତ ପ୍ରଥମ ପେନାଲ୍ଟି କର୍ଣ୍ଣର ଜିତିଥିଲା, ହେଲେ ଅମନଦୀପ ଲାକ୍ରାଙ୍କ ଡ୍ରାଗ୍‌ଫ୍ଲିକ୍ ନିଷ୍ଫଳ ହୋଇଥିଲା। ଟିମ୍‌କୁ ଆଉ ଏକ ସୁଯୋଗ ମିଳିଥିଲା ଏବଂ ଅଭିଷେକଙ୍କ ଡିଫ୍ଲେକ୍ସନ୍ ୱାଇଡ୍ ହୋଇଥିଲା।

ଦ୍ୱିତୀୟ କ୍ୱାର୍ଟର୍‌ରେ ୧୬ତମ ମିନିଟ୍‌ରେ ଅଭିଷେକ ସର୍କଲ ଭିତରେ ବଲ୍‌କୁ ନିୟନ୍ତ୍ରଣରେ ରଖିଥିଲେ ଏବଂ ଟିମ୍‌ମେଟ୍‌କୁ ପାସ୍ ଦେଇଥିଲେ, କିନ୍ତୁ ମନମୀତ ସିଂହଙ୍କ ପ୍ରୟାସକୁ ଅଷ୍ଟ୍ରେଲୀୟ ଗୋଲ୍‌କିପର୍ ଅଟକାଇ ଦେଇଥିଲେ। ୨୫ତମ ମିନିଟ୍‌ରେ ଅଷ୍ଟ୍ରେଲିଆକୁ ଏକ ପିସି ମିଳିଥିଲା, ହେଲେ ଭାରତର ସୂରଜ କରକେରା ତାଙ୍କ ଷ୍ଟିକ୍‌ରେ ଚମକପ୍ରଦ ସେଭ୍ କରିଥିଲେ। ମଧ୍ୟାନ୍ତର ସୁଦ୍ଧା କେହି କାହାରି ବିପକ୍ଷରେ ସ୍କୋର୍ କରିପାରି ନ ଥିଲେ।

୩୮ତମ ମିନିଟ୍‌ରେ ଭାରତ ଦ୍ୱିତୀୟ ପିସି ପାଇଥିଲେହେଁ ଅରାଇଜିତ ସିଂହ ହୁଣ୍ଡାଲ୍‌ଙ୍କ ପ୍ରୟାସ ଫଳପ୍ରଦ ହୋଇ ନ ଥିଲା। ୪୨ତମ ଓ ୪୫ତମ ମିନିଟ୍‌ରେ ଅଷ୍ଟ୍ରେଲିଆକୁ କ୍ରମାଗତ ପିସି ମିଳିଥିଲା, କିନ୍ତୁ ତାହା ଶଶିକୁମାରଙ୍କୁ ଅତିକ୍ରମ କରି ଯାଇପାରି ନ ଥିଲା।

ତିନି କ୍ୱାର୍ଟର୍ ଗୋଲ୍‌ଶୂନ୍ୟ ରହିବା ପରେ ଚତୁର୍ଥ ତଥା ଶେଷ କ୍ୱାର୍ଟର୍‌ରେ ଅଗ୍ରଣୀ ହାସଲ କରି ଜୋର୍‌ଦାର ପ୍ରୟାସ କରିଥିଲେ। ୪୯ତମ ମିନିଟ୍‌ରେ ହେୱାର୍ଡ ଏକ ପିସିରେ ଗୋଲ୍‌ରେ ପରିଣତ କରି ଅଷ୍ଟ୍ରେଲିଆକୁ ଅଗ୍ରଣୀ କରିଥିଲେ। ଏହାର ଦୁଇ ମିନିଟ୍ ପରେ ଭାରତ ଗୋଲ୍ ପରିଶୋଧ କରିଥିଲା। ହାର୍ଦ୍ଦିକଙ୍କ ଠାରୁ ପାସ୍ ପାଇଥିଲେ ଅଭିଷେକ, ଯାହାଙ୍କଠାରୁ ବଲ୍ ପାଇଥିଲେ ପୂଭନ୍ନା ଚନ୍ଦୁରା ବବି। ଶେଷରେ ବବିଙ୍କଠାରୁ ବଲ୍ ପାଇ ଶିଳାନନ୍ଦ ସ୍କୋର୍ କରିଥିଲେ।

ଫାଇନାଲ୍ ହୁଟର୍ ଯାଏଁ, ଆଉ ଗୋଲ୍ ହୋଇ ନ ଥିଲା ଏବଂ ସ୍କୋର୍‌ଲାଇନ୍ ୧-୧ରେ ବରାବର ରହିଥିଲା। ଏହାପରେ ଫଳାଫଳ ନିର୍ଣ୍ଣୟ ପାଇଁ ପେନାଲ୍ଟି ସୁଟ୍ଆଉଟ୍‌ର ସହାୟତା ନିଆଯାଇଥିଲା, ଯେଉଁଥିରେ ଭାରତ ତିନି ଓ ଅଷ୍ଟ୍ରେଲିଆ ଗୋଟିଏ ସ୍କୋର୍ କରିଥିଲା।




Printed, Published _Owned by Archana Das, Published At B\21, Green Park, Jagmohan Nagar, Jagamara, Khandagiri, Bhubaneswar-751030,
Dist- Khurdha, Printed at : Gayatri Industries TS 3/193 Mancheswar Industrial Estate, Bhubaneswar, 751010, e-mail: samalochana.news@gmail.com
ସମ୍ପାଦକ
ଅର୍ଦ୍ଧେନ୍ଦୁ ଦାସ